R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୨
ତିଥି: ଚତୁର୍ଦ୍ଦଶୀ
୨୭ ଅଗଷ୍ଟ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 322
27 August 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଜଳ ପ୍ରଳୟ ମୁହଁରେ ନେପାଳ

## ଶତାଧିକ ମୃତ, ୪୦୦ରୁ ଊର୍ଦ୍ଧ୍ୱ ନିଖୋଜ / କୋଠା, ପୋଲ, ଗାଡ଼ି ଧୋଇଗଲା



ନୂଆଦିଲ୍ଲୀ, ୨୬।୮: ନେପାଳରେ ଭୟଙ୍କର ଜଳ ପ୍ରଳୟ ହୋଇଛି । ବାଦଲ ଫଟା ବର୍ଷା ଫଳରେ ନେପାଳର ନୁୱାକୋଟ୍ ଏବଂ ଧାଡ଼ିଂ ଦେଇ ଭୋଟେକୋଷି ନଦୀରେ ହଠାତ ବନ୍ୟା ଆସିବାରୁ ୯୫ ଜଣଙ୍କର ମୃତ୍ୟୁ ହୋଇଛି । ୧୦୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ୧୩୩ ଭାରତୀୟ ଥିବା ଜଣାପଡ଼ିଛି ।

ନେପାଳ-ଚୀନ ସୀମା ସ୍ଥିତ ରସୁଆ ଜିଲ୍ଲାରେ ଭୀଷଣ ବନ୍ୟା ଓ ଭୂସ୍ଖଳନ ତାଣ୍ଡବ ରଚିଛି । ଘରଦ୍ୱାର, ରାସ୍ତାଘାଟ ବୁଡ଼ିଯାଇଛି । ରସୱା ଜିଲ୍ଲା ନିକଟରେ ଅନେକ ଘର, ଗାଡ଼ି, ପୋଲ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଧୋଇଯାଇଛି । ଏହାପରେ ବିହାରରେ ମଧ୍ୟ ସତର୍କ ସୂଚନା ଜାରି କରିଦିଆଯାଇଛି । ଭୋଟେକୋଷି ନଦୀରେ ପୂର୍ବାହ୍ନ ୯ଟା ସମୟରେ ହଠାତ ବନ୍ୟା ଜଳ ମାଡ଼ି ଆସିଥିଲା । ଫଳରେ ତିବ୍ବତ ନିକଟସ୍ଥ ଗ୍ୟାରିଂ ସୀମାରେ କାଦୁଅଗୁଡ଼ିକ ଭୂସ୍ଖଳନ ଯୋଗୁ ଜନବସତି ଆଡ଼କୁ ମାଡ଼ି ଆସିଥିଲା । ଏହାଦ୍ୱାରା ଘରଗୁଡ଼ିକ ଚପି ଯାଇଥିଲା । ଏହା ପୂର୍ବରୁ ୪.୪ ମ୍ୟାଗ୍ନେଟୁଡ୍‌ର ଭୂକମ୍ପ ୭ ମିନିଟ ଧରି ଅନୁଭୂତ ହୋଇଥିଲା । ନେପାଳ ସରକାର ବନ୍ୟା ପ୍ରବଣ ଅଞ୍ଚଳରେ ଉଦ୍ଧାର ଓ ଅପରେସନ କାର୍ଯ୍ୟ ଜୋରଦାର କରିଛନ୍ତି । ତେବେ ବନ୍ୟା ଜଳର ସ୍ତର ଅଧିକ ଥିବାରୁ ହେଲିକପ୍ଟରଗୁଡ଼ିକ ସେଠାରେ ଅବତରଣ କରିପାରୁନାହିଁ । ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ତିବ୍ବତର ଯେଉଁମାନେ ନିଖୋଜ ହୋଇଛନ୍ତି, ସେମାନଙ୍କର ଉଦ୍ଧାର ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଭାରତ ମଧ୍ୟ ବିହାର ସରକାରଙ୍କୁ ସତର୍କ କରାଇ ଦେଇଛି । ବିହାର ମୁଖ୍ୟ ସଚିବ ପ୍ରତ୍ୟୟ ଅମ୍ରିତ ଜିଲ୍ଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ କରିଛନ୍ତି । ଗଣ୍ଡ ଓ କୋଶୀ ନଦୀ ଉପରେ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି । କୈଳାଶ ମାନସରୋବର ଯାତ୍ରାରେ ଥିବା ୪୦୦ (୯ ପୃଷ୍ଠାରେ)

- ସେନା, ସାମରିକ ପୋଲିସ ଉଦ୍ଧାର କାର୍ଯ୍ୟରେ ସାମିଲ
- ପ୍ରବଳ ପାଣି ଯୋଗୁଁ ଅବତରଣ କରିପାରୁନି ହେଲିକପ୍ଟର
- ବିହାରକୁ ଆଲର୍ଟ ଜାରି କଲେ କେନ୍ଦ୍ର ସରକାର
- ୧୩୩ ଭାରତୀୟ ନିଖୋଜ

### ବିହାର ଛାତ୍ର ଆନ୍ଦୋଳନ

## ଭାଇରାଲ ହେଉଛି ୬ ବର୍ଷର ବାଳକ ଭିଡ଼ିଓ



ନୂଆଦିଲ୍ଲୀ,୨୬।୮: ବିହାରରେ ଗତକାଲି ବିପିଏସ୍‌ସି ପରୀକ୍ଷା ବାତିଲ ଦାବିରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ଏକ ୬ବର୍ଷର ବାଳକ ଏଥିରେ ସାମିଲ ହୋଇ ପ୍ରତିବାଦ କରିବା ଘଟଣା ବେଶ୍ ଭାଇରାଲ ହୋଇଛି । ପୋଲିସ ତାକୁ ନେଇଯାଉଥିବା ଓ ଅଟକ ରଖିଥିବା ଭିଡିଓ ଭାଇରାଲ ହେଉଛି । ମାତ୍ର କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର କରିଛନ୍ତି ଓ ସେମାନେ କହିଛନ୍ତି ଯେ ପିଲାକୁ ତାଙ୍କ ବାପା-ମାଆଙ୍କୁ ଦେବାପାଇଁ ନିଆଯାଉଥିଲା ।

୬ ବର୍ଷର ଏହି ଜେନ୍ ଆଲ୍ଫା ବାଳକଟି ଏକ ଟି-ସାର୍ଟ ଓ ଜିନ୍ ପିନ୍ଧିଥିବା ଦେଖାଯାଉଛି । ସେ ମଧ୍ୟ ସାମ୍ବାଦିକମାନଙ୍କୁ ତା'ର ବକ୍ତବ୍ୟ ଦେଉଛି । ବିହାର ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହୁଛି । ଲାଠି ଚାର୍ଜ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, ତା' ଉପରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରୁଛି । ପୋଲିସ ଅଧିକାରୀମାନେ ଉକ୍ତ ବାଳକକୁ ତୁରନ୍ତ ପ୍ରତିବାଦକାରୀଙ୍କଠାରୁ ବାହାରକୁ ନେଇଯାଇଥିଲେ । ସୋସିଆଲ୍ ମିଡିଆରେ ଏବେ ଏହି ଚର୍ଚ୍ଚା ଜୋର ଧରିଛି । ପୋଲିସ କହିଛି ଯେ ତା'ର ବାପା ଓ ମାଆ ଦିନମଜୁରିଆ । ସେମାନେ ତା' ପାଇଁ ଅତ୍ୟନ୍ତ ଯତ୍ନବାନ । ପିଲାକୁ ପୋଲିସ ନେଇ ତା'ର ବାପା-ମାଆଙ୍କୁ ହସ୍ତାନ୍ତର କରିଛି । (୯ ପୃଷ୍ଠାରେ)

## ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର, ୨୬।୮ (ସବ୍ୟୁ): ରାଜ୍ୟର ବନ୍ୟା ଓ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଛ । ଗତ୧୩ରୁ ୨୬ ତାରିଖ ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାର ମୋଟ୍ ୯୧ଟି ବ୍ଲକ୍, ୬୦୪ଟି ଗ୍ରାମପଞ୍ଚାୟତ, ୧୮୯୫ଟି ଗ୍ରାମ ଏବଂ ୧୩,୫୦,୩୦୬ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ନଦୀର ଜଳସ୍ତର ବୃଦ୍ଧି, ଜଳବନ୍ଦୀ ସମସ୍ୟା, ଘାଇ ସୃଷ୍ଟି ଏବଂ ଯୋଗାଯୋଗ ବିଚ୍ଛିନ୍ନ ଆଦି ସମସ୍ତ ସମସ୍ୟା ଉପରେ ନଜର ରଖି ସଫଳତାର ସହ ମୁକାବିଲା କରାଯାଇଛି । ବର୍ତ୍ତମାନ ସାମଗ୍ରିକ ସ୍ଥିତି ସ୍ଥିର ରହିଛି, ତଥାପି କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲା ଉପରେ କଡ଼ା ନଜର ରଖାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏହି ସମୟ ମଧ୍ୟରେ ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ସର୍ବାଧିକ ୪୯ ମିଲିମିଟର ବର୍ଷା ହୋଇଥିବା ବେଳେ ରାଜ୍ୟର ୩୨ଟି ବ୍ଲକ୍ ଏବଂ ୨ଟି ପୌରାଞ୍ଚଳର ୫ଟି ଷ୍ଟେସନରେ ୧୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି । ଅନ୍ୟ ପ୍ରମୁଖ ବର୍ଷା ହୋଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ପୁରୀ ଜିଲ୍ଲାର କାକଟପୁରରେ ୪୭ ମିଲିମିଟର, ରାଉରକେଲା ମ୍ୟୁନିସିପାଲ କର୍ପୋରେସନରେ ୩୩.୬ ମିଲିମିଟର, ମାଲକାନଗିରିର ଖଇରପୁଟରେ ୩୩ ମିଲିମିଟର ଏବଂ ଭୁବନେଶ୍ୱର ମହାନଗର ନିଗମ(ଉତ୍ତର ଅଞ୍ଚଳ) ଅଧୀନରେ ୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ଅଗଷ୍ଟ ୧ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା (୯ ପୃଷ୍ଠାରେ)

- ଜନସାଧାରଣଙ୍କ ନିମନ୍ତେ ଉଦ୍ଧାରକାର୍ଯ୍ୟ, ସହାୟତା ସୁନିଶ୍ଚିତ
- ଲୋକଙ୍କ ଧନଜୀବନର ସୁରକ୍ଷା ନିମନ୍ତେ ନିରବଚ୍ଛିନ୍ନ କାର୍ଯ୍ୟ
- ଜୁନ ୧ରୁ ଏପର୍ଯ୍ୟନ୍ତ ୩୦ % ଅଧିକ ବର୍ଷା

## ପଞ୍ଜିକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ନିର୍ଦ୍ଦେଶ




### ଜମି ଜାଲିଆତି ଘଟଣାରେ ନୂଆପଡା ତହସିଲଦାର ନିଲମ୍ବିତ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି । ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଦେଇଥିବା ବାର୍ତ୍ତାରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲର ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି । ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ସ୍ୱାର୍ଥାନ୍ୱେଷୀ ମହଲ ସହ ମିଳିତ ଭାବେ ଏକ ବୃହତ୍ ଜମିଖଣ୍ଡର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ସହଜ କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ଯ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି ।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (୯ ପୃଷ୍ଠାରେ)

## ଜାତିସଂଘ କମିଟି ରିପୋର୍ଟକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୬।୮ : ଜାତିଗତ ଭେଦଭାବ ଉଚ୍ଛେଦ ପାଇଁ ଉଦ୍ଦିଷ୍ଟ ଥିବା ଜାତିସଂଘ କମିଟି ରିପୋର୍ଟରେ ଭାରତ ସମ୍ପର୍କରେ ଦିଆଯାଇଥିବା ଟିପଣୀକୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଖାରଜ କରାଯାଇଛି । ଏହି ରିପୋର୍ଟରେ ରାଜନୈତିକ ପ୍ରେରିତ, ଉଦ୍ଦେଶ୍ୟମୂଳକ ଏବଂ ଭିତ୍ତିହୀନ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । କମିଟି ରିପୋର୍ଟରେ ଉଲ୍ଲେଖଥିଲା ଯେ, ଭାରତରେ ଜାତିଗତ ବାଛବିଚାର ଚାଲିଛି । ଯାହାକୁ ବୈଦେଶିକ ମନ୍ତ୍ରଣାଳୟ ଖଣ୍ଡନ କରିଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହି ସମୀକ୍ଷାରେ ଭାରତସଜନଶୀଳ ଓ ସକରାତ୍ମକ ମନୋଭାବରେ ଭାଗ ନେଇଥିଲା । ନିଜର ସାମ୍ବିଧାନିକ ସୁରକ୍ଷା ଆଇନଗତ ବ୍ୟବସ୍ଥା, ବହୁ ମୁଖୀ ସଂସ୍କୃତି ଓ ସାମାଜିକ ସମନ୍ୱତା ଉପରେ ସୂଚନା ଦିଆଯାଇଥିଲା । କମିଟି ନିଜର ଆଇନଗତ ପରିସର ବାହାରକୁ ଯାଇ ଏପରି ଅଭିଯୋଗ ଆଣିଛି । ଯାହାକୁ ଭାରତୀୟ ପ୍ରତିନିଧି ମଣ୍ଡଳୀ ପ୍ରତ୍ୟାକ୍ଷନ କରାଯାଇଥିଲା ।

## ଦୁଷ୍କର୍ମ ମାମଲା : ପୋଲିସକୁ ପିଛା କରୁଛି ପୋଲିସ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଥିବା ଇନ୍ସପେକଫରଙ୍କୁ କ୍ରାଇମ୍‌ବ୍ରାଞ୍ଚ ସିଏଡବ୍ଲ୍ୟୁ ଟିମ୍ ଗିରଫ କରିବାକୁ ପିଛା କରୁଛି । ପୋଲିସକୁ ଗିରଫ କରିବା ପାଇଁ ପୋଲିସ ପିଛା କରିବା ଘଟଣା ଭୁବନେଶ୍ୱରରେ ଚର୍ଚ୍ଚା ହେଉଛି ।

ଶରଣକୁଳ ଥାନାର ପୂର୍ବତନ ଇନ୍ସପେକଫର ସୁଜିତ କୁମାର ଦାସଙ୍କ ବିରୋଧରେ ଜଣେ ମହିଳା ଦୁଷ୍କର୍ମ ଅଭିଯୋଗ କରିଥିଲେ । ଦୁଷ୍କର୍ମ ଅଭିଯୋଗ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା । ତାଙ୍କ ବିରୋଧରେ ଦୁଷ୍କର୍ମ ଦଫାରେ ମାମଲା ରୁଜୁ ହୋଇଥିବାରୁ ସେ ଗିରଫଦାରୀ ଭୟରେ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇଥିଲେ । ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ସିଏଡବ୍ଲ୍ୟୁ ଇନ୍ସପେକଫରଙ୍କ ବିରୋଧରେ ହାଇକୋର୍ଟରେ ପ୍ରମାଣ ଦାଖଲ କରିବା ପରେ ୨୦ ତାରିଖରେ କୋର୍ଟଙ୍କ ସୁରକ୍ଷା ଆଦେଶ ହଟିଯାଇଥିଲା । ସୁରକ୍ଷା ଆଦେଶ ହଟିବା ସହ ସୁଜିତ ଦାସଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ (ଜାମିନବିହୀନ ଗିରଫ ପରୱାନା) ଜାରି ହୋଇଥିଲା ।

ଏନ୍‌ବିଡବ୍ଲ୍ୟୁକୁ ଆଧାର କରି କ୍ରାଇମ୍‌ବ୍ରାଞ୍ଚର ସିଏଡବ୍ଲ୍ୟୁର ଦୁଇଟି ଟିମ୍ ଭୁବନେଶ୍ୱରର ଦୁଇଟି ସ୍ଥାନରେ ବୁଧବାର ଛାନ୍‌ଭିନ୍ କରିଥିଲା । ଚନ୍ଦ୍ରଶେଖରପୁର କାନନବିହାରରେ ଥିବା (୯ ପୃଷ୍ଠାରେ)

## ନେପାଳ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ,୨୬।୮: ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ ଶାହାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି । ଆସିଥିବା ବିପର୍ଯ୍ୟୟ ସୃଷ୍ଟିକାରୀ ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ସମବେଦନା ଜଣାଇଛନ୍ତି । ଏହି ବିନାଶକାରୀ ବନ୍ୟାରେ ନେପାଳର ବହୁ କ୍ଷତି ହୋଇଛି ।

ପ୍ରଧାନମନ୍ତ୍ରୀ ମୋଦୀ ନେପାଳ ପ୍ରଧାନମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ସହାୟତା ଭାରତ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ମାନବିକତା ଦୃଷ୍ଟିକୋଣରୁ ଯଥାସମ୍ଭବ ରିଲିଫ୍ ସହାୟତା ଦିଆଯିବ । ଭାରତ ଅତି ନିକଟରୁ ତଦାରଖ କରୁଛି ଓ ନେପାଳ ସହ ସମ୍ପର୍କରେ ରହିଛି । ଏହି କଠିନ ସମୟରେ ଭାରତର ଜନସାଧାରଣ ନେପାଳର ଭାଇଭଉଣୀଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି । ଆମର ଟିମ୍‌ଗୁଡ଼ିକ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ମିଳିମିଶି କାର୍ଯ୍ୟ କରୁଛନ୍ତି ।

### ଲୁହରେ ଭିଜିଲା ରାଖୀ

## ନାବାଳକକୁ ହତ୍ୟା କଲା ନାବାଳକ



ବଲାଙ୍ଗିର, ୨୬।୮ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ରୋତ ଗାଁରେ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ । ଏକାଠି ବସି ତାସ ଖେଳୁଥିଲେ କିଛି ନାବାଳକ । ହଠାତ୍ କଥା କଟାକଟିରୁ ଆରମ୍ଭ ହେଲା ବଚସା । ପରେ ମାରପିଟ । ଆଉ ଏହାର କିଛି ସମୟ ପରେ ଘଟିଗଲା ଭୟଙ୍କର ଘଟଣା । ଘରୁ ଛୁରୀ ଆଣି ନିଜ ସାଙ୍ଗକୁ ଛୁରୀ ଭୁସି ହତ୍ୟା କରିଥିବା ଅଭିଯୋଗ ଜଣେ ନାବାଳକଙ୍କ ବିରୋଧରେ । ମୃତ ନାବାଳକଙ୍କ ନାମ ଆଦିଲ ପଟେଲ । ତାଙ୍କ ବୟସ ୧୩ ବର୍ଷ ବୋଲି ଜଣାପଡ଼ିଛି । ଘଟଣାକୁ ନେଇ ପୂରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଘଟଣା ଦିନ ଛୁଟି ଥିବାରୁ ଗାଁର କ୍ଲବ ଘରେ କିଛି ସ୍କୁଲ ପିଲା ଏକାଠି ହୋଇ ତାସ ଖେଳୁଥିଲେ । ଦିନ ପ୍ରାୟ ୧୨ଟା ସମୟରେ ତାସ ଖେଳୁଥିବା ବେଳେ ୧୩ ବର୍ଷୀୟ ଆଦିଲ ଏବଂ ୧୨ ବର୍ଷୀୟ ଅନ୍ୟ ଜଣେ ନାବାଳକଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ବଚସା ଧୀରେ ଧୀରେ ଉଗ୍ର ରୂପ ନେଇଥିଲା । ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା । ଏହାପରେ ଅଭିଯୁକ୍ତ ନାବାଳକ ଘରକୁ ଯାଇ ଏକ ଛୁରୀ ନେଇ ପୁଣି କ୍ଲବ ଘର ନିକଟକୁ ଆସିଥିଲା ବୋଲି ଅଭିଯୋଗ ହୋଇଛି । କେହି କିଛି ବୁଝିବା ଆଗରୁ ଆଦିଲଙ୍କ ବାମପଟ ଛାତିରେ ଛୁରୀ ଭୁସି ଦେଇଥିଲା ଅଭିଯୁକ୍ତ ନାବାଳକ । ଛୁରୀ ମାଡ଼ରେ ଗୁରୁତର ହୋଇପଡ଼ିଥିଲେ ଆଦିଲ । ତାଙ୍କୁ ତୁରନ୍ତ ଆଗଲପୁର ହସ୍ପିଟାଲକୁ ନେବାକୁ ଉଦ୍ୟମ କରାଯାଇଥିଲା । ହେଲେ ହସ୍ପିଟାଲ ନେବା ବାଟରେ ହିଁ ଆଦିଲଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି । ଗୋଟିଏ ପଟେ ରାକ୍ଷୀ ପୂର୍ଣ୍ଣିମାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ଖୁସିର ମାହୋଲ । ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଅପେକ୍ଷା କରିଥିଲା । ହେଲେ ରାକ୍ଷୀ ପୂର୍ଣ୍ଣିମାର ଖୁସି ପୂର୍ବରୁ (୯ ପୃଷ୍ଠାରେ)

## ପୋତା ଯାଇଥିବା ମାଓ ବିସ୍ଫୋରକ ସାମଗ୍ରୀ ଜବତ

### ୩ ବନ୍ଧୁକ ସହ ୬ ଆଇଇଡି, କ୍ଲେମୋର ମାଇନ ମିଳିଲା


ମାଲକାନଗିରି, ୨୬।୮ (ସବ୍ୟୁ): ମାଲକାନଗିରି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ପଚରାଉଚରା ପରେ ମାଥିଲି ଥାନା ଅଞ୍ଚଳରେ ଏକ ବଡ଼ ମାଓବାଦୀ ଡମ୍ପ ଠାବ ହୋଇଛି । ଏନେଇ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏସପି ବିନୋଦ ପାଟିଲଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

ପ୍ରାପ୍ତ ସୂଚନା ଅନୁଯାୟୀ ମାଥିଲି ଥାନା ଅଧୀନସ୍ଥ ଚେରକୋଟଲା- କିମିଟି, କୋଟୱାପଦର ଓ କଡ଼ଭଟା ଜଙ୍ଗଲରେ ଅଗଷ୍ଟ ୨୬ ତାରିଖ ସକାଳ ପ୍ରାୟ ୫ଟା ୩୦ ରେ ମାଓବାଦୀ ଦ୍ୱାରା ପୋତାଯାଇ ଥିବା ବିନ୍ଧୁକ ତଥା ବିସ୍ଫୋରକ ସାମଗ୍ରୀ ଠାବ କରାଯାଇଥିଲା । ଏହି ସ୍ଥାନଟି ଛତିଶଗଡ଼ର ଦରଭା ଓ ପୁଷପାଲ ଥାନା ସୀମାକୁ ଲାଗି ରହିଛି । ପୋତା ଯାଇଥିବା ମାଟି ତଳୁ ରୁ ୩ଟି ଦେଶୀ ବନ୍ଧୁକ, ୫ କେଜିର ଗୋଟିଏ ଆଇଇଡି, ୩ କେଜିର ୨ଟି ଓ ୨ କେଜିର ଗୋଟିଏ ଆଇଇଡି, ୨ଟି କ୍ଲେମୋର ମାଇନ, ୨ଟି ଆଇଇଡି ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏଥିସହ ମାଓବାଦୀଙ୍କ ପୋଷାକ, ପ୍ରଚାର ପତ୍ର, ରେଡିଓ ଆଣ୍ଟେନା, ବ୍ୟାଟେରି, ତାର, ଛୁରି, ଟର୍ଚ୍ଚ, ବ୍ୟାଗ ଓ ବିଭିନ୍ନ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ମଧ୍ୟ ଜବତ ହୋଇଛି । ଜବତ ସାମଗ୍ରୀ ଏଓବିଏସେଡ୍ସିର ମାଓବାଦୀ କ୍ୟାଡରଙ୍କର ବୋଲି ସନ୍ଦେହ କରାଯାଉଛି । ମାଓବାଦୀଙ୍କ ଦ୍ୱାରା ସୁରକ୍ଷାବାହିନୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ପାଇଁ ଏସବୁ ସାମଗ୍ରୀ ରଖାଯାଇଥିବା ପୋଲିସ ସନ୍ଦେହ କରୁଛି । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଲକାନଗିରି ନକ୍ସଲମୁକ୍ତ ହୋଇଥିବା ବେଳେ ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୩୧, ୨୦୨୬ ମଧ୍ୟରେ ୨ ନକ୍ସଲ ଗିରଫ ଓ ୨୩ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଜୁନ ମାସରେ ୩ଟି ବଡ଼ ମାଓବାଦୀଙ୍କ ଦ୍ୱାରା ପୋତାଯାଇ ଥିବା ବିସ୍ଫୋରକ ଗଦା ଠାବ କରାଯାଇଥିଲା ବେଳେ ଆଗାମୀ ଦିନରେ ମାଓବାଦୀଙ୍କ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଉଦ୍ଧାର ପାଇଁ ଏସୋଜି ଓ ଡିଭିଏଫ ପକ୍ଷରୁ କମ୍ବିଂ ଅଭିଯାନ ଜାରି ରହିଛି ।

## ମସ୍ତିଷ୍କ ଆଘାତ

### ଲକ୍ଷଣ

୧ . ପ୍ରବଳ ମୁଣ୍ଡବିନ୍ଧା ଓ ମୁଣ୍ଡ ବୁଲାଇବା ।
୨. ବାନ୍ତି ହେବା କିମ୍ବା ବାନ୍ତି ଲାଗିବା ।
୩ . ଶରୀରର ଭାରସାମ୍ୟ ହରାଇବା ଏବଂ କ୍ଲାନ୍ତି ଅନୁଭବ ହେବା ।
୪ . ଦୃଷ୍ଟିଶକ୍ତି ଅସ୍ପଷ୍ଟ ହେବା କିମ୍ବା କାନରେ ଶବ୍ଦ ଶୁଣାଯିବା ।
୫ . ସ୍ମୃତିଶକ୍ତି ହ୍ରାସ ପାଇବା କିମ୍ବା ଭୁଲିଯିବା ।
୬ . କୌଣସି କାର୍ଯ୍ୟରେ ମନୋନିବେଶ କରିବାରେ ଅସୁବିଧା ହେବା ।
୭ . କଥା କହିବାରେ ଅସ୍ପଷ୍ଟତା କିମ୍ବା ଶବ୍ଦ ଖୋଜିବାରେ ସମସ୍ୟା ହେବା ।
୮ . ନିଷ୍ପତ୍ତି ନେବାର କ୍ଷମତା ହ୍ରାସ ପାଇବା ।
୯ . ଚିଡ଼ଚିଡ଼ାପଣ, ଅତ୍ୟଧିକ ରାଗ କିମ୍ବା ମନୋଭାବରେ ଅଚାନକ ପରିବର୍ତ୍ତନ ।
୧୦ . ନିଦ୍ରାହୀନତା (ଅତ୍ୟଧିକ ଶୋଇବା କିମ୍ବା ନିଦ ନ ହେବା) ।
୧୧ . ଆଙ୍ଗଜାଇଟି, ଅବସାଦ



ବର୍ତ୍ତମାନ ସମୟରେ ସଡ଼କ ଦୁର୍ଘଟଣା, ଉଚ୍ଚ ସ୍ଥାନରୁ ଖସିପଡ଼ିବା କିମ୍ବା ମୁଣ୍ଡରେ ହେଉଥିବା ଆଘାତ ଯୋଗୁଁ 'ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରୀ' ବା ଆଘାତଜନିତ ମସ୍ତିଷ୍କ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହା ଏକ ପ୍ରକାରର ଗମ୍ଭୀର ମାନସିକ ତଥା ଶାରୀରିକ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି । ଯାହା ମଣିଷର ସାଧାରଣ ଜୀବନଯାପନକୁ ପ୍ରଭାବିତ କରିଥାଏ । ସୂଚନା ଅନୁସାରେ ମୁଣ୍ଡରେ କୌଣସି ହଠାତ୍ ବାହ୍ୟ ଆଘାତ, ଝଟ୍କା କିମ୍ବା ଗଭୀର ଚୋଟ ଲାଗିବା ଦ୍ୱାରା ଯେତେବେଳେ ମସ୍ତିଷ୍କର ସାଧାରଣ କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହୁଏ, ସେହି ସ୍ଥିତିକୁ 'ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରୀ' କୁହାଯାଏ । ଏହା ମୃଦୁ ଆଘାତଠାରୁ ଆରମ୍ଭ କରି ଅତି ଗମ୍ଭୀର ସ୍ତରର ମଧ ହୋଇପାରେ । ସଡ଼କ ଦୁର୍ଘଟଣା, ଖେଳକୁଦ ସମୟରେ ଆଘାତ, ଉଚ୍ଚ ସ୍ଥାନରୁ ଖସିପଡ଼ିବା କିମ୍ବା ଶାରୀରିକ ଆକ୍ରମଣ ଏହାର ମୁଖ୍ୟ କାରଣ ହୋଇପାରେ । ମୁଣ୍ଡରେ ଆଘାତ ଲାଗିବା ପରେ କୌଣସି ଲକ୍ଷଣ ଦେଖାଗଲେ ବିନା ବିଳମ୍ବରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଏବଂ ନ୍ୟୁରୋଲୋଜିକାଲ୍ ପରୀକ୍ଷା କରାଇବା ଅତ୍ୟନ୍ତ ଜରୁରୀ । ସଠିକ୍ ସମୟରେ ଚିକିତ୍ସା ଦ୍ୱାରା ବହୁମାତ୍ରାରେ ଗମ୍ଭୀର ବିପଦରୁ ରକ୍ଷା ପାଇହେବ ।

## ହାତୀରେ ବସି ଆସିଲେ ଅଫିସ

ମଧ୍ୟପ୍ରଦେଶର ଉଜ୍ଜୈନରେ ଜଣେ ଇଞ୍ଜିନିୟର୍ ନିଜ ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି । ବିଦ୍ୟୁତ୍ ବିଭାଗରେ ପୋଷ୍ଟେଡ୍ ଥିବା ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ରବିକାନ୍ତ ମାଲବୀୟ ହାତୀରେ ବସି ନିଜ ଜୋନ୍ ଅଫିସରେ ପହଞ୍ଚିଥିଲେ । ସେ ସେଠାରେ ପହଞ୍ଚିବା ମାତ୍ରେ କର୍ମଚାରୀମାନେ ନାଚିଗାଇ ତାଙ୍କର ସ୍ୱାଗତ କରିଥିଲେ । ଏହା ପରେ ଅଫିସ୍ ଭିତରେ କେକ୍ କାଟି ଜନ୍ମଦିନ ପାଳନ କରାଯାଇଥିଲା, ଯେଉଁଠାରେ କେକ୍ ପାଖରେ ଟଙ୍କା ବିଣ୍ଡଲ୍ ମଧ ରଖାଯାଇଥିଲା, ଯାହାକୁ ନକଲି ବୋଲି କୁହାଯାଉଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ଅଡୁଆରେ ପଡିଛନ୍ତି ଉକ୍ତ ଇଞ୍ଜିନିୟର । ଅଫିସ୍‌ରେ ଏଭଳି ଜନ୍ମଦିନ ପାଳନ କରିବା ଅନୁଚିତ୍ ଏବଂ ସମ୍ପୃକ୍ତ ଆସିଷ୍ଟାଣ୍ଟ ଇଞ୍ଜିନିୟର୍‌ଙ୍କୁ ନୋଟିସ୍ ଜାରି କରାଯିବବୋଲି ଜଣା ପଡିଛି । ଅପରପକ୍ଷରେ ଉକ୍ତ ଇଞ୍ଜିନିୟରଙ୍କ କହିବାନୁଯାୟୀ, ଏହି ଜନ୍ମଦିନ କାର୍ଯ୍ୟକ୍ରମ ରବିବାର ଦିନ ଅଫିସ୍ କଲୋନୀରେ ଅନୁଷ୍ଠିତ ହୋଇଥିଲା ।



## ସୋସିଆଲ କୋଟ୍ସ



ରକ୍ଷାବନ୍ଧନ ଭଳି ପବିତ୍ର ଉତ୍ସବକୁ ' ବିକିନି ଓ ଅଣ୍ଡରଗାରମେଣ୍ଟ ପିନ୍ଧି ପାଳନ ଓ ଏହାକୁ ସୋସିଆଲ୍ କରିବା ମୂର୍ଖତାର ପରିଚୟ। କ୍ରିତି ସର୍ବସାଧାରଣରେ କ୍ଷମା ମାଗିବା ଉଚିତ।

- କଙ୍ଗନା ରନାୱତ, ସାଂସଦ ଓ ସିନେ ଅଭିନେତ୍ରୀ



ସମୟ ସହିତ ପାରମ୍ପରିକ ଫ୍ୟାଶନ ବଦଳିଛି। ଆଜିକା ସମୟରେ ମହିଳାଙ୍କ ସଂସ୍କୃତି ପ୍ରତି ସମ୍ମାନକୁ ପିନ୍ଧିଥି ବା କପଡ଼ା ସିଲେଇ ଜଜ୍ କରିବା ଉଚିତ୍ ନୁହେଁ।

- କ୍ରିତି ସାନନ, ବଲିଉଡ୍ ଅଭିନେତ୍ରୀ



ମୋ କ୍ୟାରିୟର୍‌ର ଅନେକ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଛି। କେଜିଏଫ୍‌ର ସକ୍ସେସ୍‌ରୁ ମୋତେ 'ପ୍ୟାନ୍ ଇଣ୍ଡିଆ ଷ୍ଟାର'ର ଆଖ୍ୟା ମିଳିଛି। ଲାଗୁଛି 'ଟକ୍ସିକ' ଏହି ଆଖ୍ୟାକୁ ଜଷ୍ଟିସ୍ ଦେବ।

- ଯଶ୍, ସାଉଥ୍ ସୁପରଷ୍ଟାର୍

## ମହାକାଶରେ ରୋଷେଇ

ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ତାଜା ପନିପରିବା ଚାଷ କରିବା ସହ ତାହାକୁ ରୋଷେଇ କରି ଏକ ନୂଆ ଇତିହାସ ରଚିଛନ୍ତି । ନାସାର 'ଭେଜି' ପ୍ଲାଣ୍ଟ-ଗ୍ରୋଥ୍ ଚାମ୍ବରରେ ପ୍ରାୟ ଗୋଟିଏ ମାସ ଧରି କେଲ୍ ଏବଂ ୱାସାବି ମାଷ୍ଟାର୍ଡ ଗ୍ରୀନ୍ସ ସଫଳତାର ସହ ଚାଷ କରାଯାଇଥିଲା । ଅନିଲ ମେନନ୍ ଏବଂ ତାଙ୍କର ସହଯୋଗୀ ମହାକାଶଚାରୀ ଜେସିକା ମେୟର ଏହି ସବୁଜ ପତ୍ରଗୁଡ଼ିକୁ ଅମଳ କରି ମହାକାଶରେ ହିଁ ତାଜା ଭୋଜନ ପ୍ରସ୍ତୁତ କରିଥିଲେ । ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏହା ମହାକାଶର ସବୁଠାରୁ ସୁସ୍ୱାଦୁ ଭୋଜନ ଥିଲା ବୋଲି ସେମାନେ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ଶୂନ୍ୟ ମାଧ୍ୟାକର୍ଷଣରେ ଗଛଗୁଡ଼ିକ କିପରି ବଢ଼ୁଛନ୍ତି ତାହା ବୁଝିବା ପାଇଁ ଏହି ଗବେଷଣା ଆରମ୍ଭ କରାଯାଇଛି । ଚନ୍ଦ୍ର, ମଙ୍ଗଳ ଓ ଅନ୍ୟାନ୍ୟ ଦୂରଗାମୀ ମହାକାଶ ଅଭିଯାନ ପାଇଁ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । କାରଣ ଏହା ମହାକାଶଚାରୀମାନଙ୍କୁ ପୋଷକ ତତ୍ତ୍ୱ ଯୋଗାଇବା ସହ ସେମାନଙ୍କର ମାନସିକ ଉତ୍ସାହ ବୃଦ୍ଧି କରିବ ଏବଂ ପୃଥିବୀରୁ ଖାଦ୍ୟ ପଠାଇବାର ଆବଶ୍ୟକତାକୁ ହ୍ରାସ କରିବ ।





ଗୁରୁଜୀ : ଆରେ ସମ୍ଭବ ! କୁହ ତ, "ପଢ଼ିବା" ଏବଂ "ଶୋଇବା" ଭିତରେ ତଫାତ୍ କ'ଣ ?
ସମ୍ଭବ: ସାର୍, ବହୁତ ସହଜ ! ପଢ଼ିଲେ ନିଦ ଆସେ, ଆଉ ଶୋଇଲେ ସ୍ୱପ୍ନ ଆସେ !
ଗୁରୁଜୀ: ଆଉ ପରୀକ୍ଷାରେ କ'ଣ ଆସେ ?
ସମ୍ଭବ: ସାର୍, ପରୀକ୍ଷାରେ ତ ଆମ ଗାଁ ଭାଗବତ ଟୁଙ୍ଗିର ଚେତାବନୀ ମନେପଡ଼େ, "ସବୁ ମାୟା, ସବୁ ମିଛ !"



## ବ୍ରେକଅପ ନେଇ ଚର୍ଚ୍ଚା

ବଲିଉଡ୍ ଅଭିନେତା ଈଶାନ୍ ଖଟ୍ଟର ଏବଂ ମଡେଲ୍ ଚାନ୍ଦିନୀ ବେଇଞ୍ଜଙ୍କର ବ୍ରେକଅପ ହୋଇଥିବାନେଇ ଖବର ମିଳିଛି । ଏକ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ସମୟରୁ ଅଧିକ ସମୟ ପାଇଁ ରିଲେସନସିପରେ ଥିବା ଉଭୟ ଆପୋସ ବୁଝାମଣାର ସହ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି । ଯଦିଓ ଈଶାନ୍ କିମ୍ବା ଚାନ୍ଦିନୀ କେବେବି ନିଜ ସମ୍ପର୍କକୁ ନେଇ ଆନୁଷ୍ଠାନିକ ଭାବେ କିଛି ପ୍ରକାଶ କରିନଥିଲେ, ତଥାପି ବିଭିନ୍ନ ସ୍ଥାନରେ ସେମାନଙ୍କୁ ଏକାଠି ଦେଖିବାକୁ ମିଳୁଥିଲା । ଯାହା ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା । ସୂଚନା ଅନୁଯାୟୀ, ଈଶାନ୍ ଏବେ ସିଙ୍ଗଲ୍ ରହି ନିଜ କାମ ଉପରେ ସମ୍ପୂର୍ଣ୍ଣ ମନୋନିବେଶ କରୁଛନ୍ତି । ୩୦ ବର୍ଷୀୟ ଈଶାନ୍ ଆସନ୍ତା ସେପ୍ଟେମ୍ବର ୨୦୨୬ରୁ ତାଙ୍କର ଲୋକପ୍ରିୟ ସିରିଜ୍ 'ଦି ରୋୟାଲ୍ସ' ର ଦ୍ୱିତୀୟ ସିଜନ୍ ସୁଟିଂ ଆରମ୍ଭ କରିବାକୁ ଯାଉଥିବାବେଳେ, 'ଗୁଲ୍ଲକ' ଖ୍ୟାତ ନିର୍ଦ୍ଦେଶକ ପଲାଶ ବାସୱାନୀଙ୍କ ଆଗାମୀ ଆକ୍ସନ୍ କମେଡି ଫିଲ୍ମ 'କୁଗାଚ୍' ରେ ମୁଖ୍ୟ ଭୂମିକାରେ ନଜର ଆସିବେ ।

## ଇତିହାସ

୧୮୫୯- ମହାନ୍ ଭାରତୀୟ ଉଦ୍ୟୋଗୀ ଦୋରାବଜୀ ଟାଟାଙ୍କ ଜନ୍ମ ।
୧୮୭୦- ଭାରତର ପ୍ରଥମ ଶ୍ରମ ସଂଗଠନ ଶ୍ରମଜୀବୀ ସଂଘ ସ୍ଥାପିତ ।
୧୯୦୮- ମହାନ କ୍ରିକେଟର ସାର୍ ଡନ୍ ଜର୍ଜ ବ୍ରେଡ୍‌ମ୍ୟାନ୍‌ଙ୍କ ଜନ୍ମ ।
୧୯୩୯- ଜେଟ୍ ଇଞ୍ଜିନ ଥିବା ବିଶ୍ୱର ପ୍ରଥମ ବିମାନ ଜର୍ମାନୀରୁ ପ୍ରଥମ ଉଡାଣ ଭରିଲା ।
୧୯୭୨- ଭାରତୀୟ ପ୍ରଫେସନାଲ୍ ରେସଲର୍ ଏବଂ ଲିଫ୍ଟର ଦଲୀପ ସିଂହ ରାଣା ବା ଦି ଗ୍ରେଟ୍ ଖାଲୀଙ୍କ ଜନ୍ମ ।
୧୯୭୬- ଭାରତୀୟ ସଶସ୍ତ୍ର ସେନାବାହିନୀର ପ୍ରଥମ ମହିଳା ମେଜର ଜେନେରାଲ୍ ଜି ଅଲ୍ଲୀ ରାମ୍‌ଙ୍କ ମିଲିଟ୍ରୀରେ ନର୍ସିଙ୍ଗ ସେବାର ନିର୍ଦ୍ଦେଶିକା ରୂପେ ନିଯୁକ୍ତି ।
୧୯୭୯- ଭାରତର ଅନ୍ତିମ ଭାଇସରାୟ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ ଦେହାନ୍ତ ।
୧୯୯୯- ଭାରତର ପ୍ରଥମ ମହିଳା ମେରାଇନ୍ ଇଞ୍ଜିନିଅର୍ ହେଲେ ସୋନାଲୀ ବାନାର୍ଜୀ ।
୧୯୯୯- ଭାରତରେ କାରଗିଲ୍ ଯୁଦ୍ଧରେ ବନ୍ଦୀ ଥିବା ପାକିସ୍ତାନୀଙ୍କୁ ମୁକ୍ତ କରାଗଲା ।
୨୦୦୩- ୬୦ ହଜାର ବର୍ଷ ପରେ ମଙ୍ଗଳ ପୃଥିବୀର ସବୁଠୁ ନିକଟତର ହେଲା ।

## ଝିଟିପିଟିର ନୂଆ ପ୍ରଜାତି

ପଶ୍ଚିମ ଥାଇଲାଣ୍ଡର ମେ ୱଙ୍ଗ ଉଚ୍ଚ ଆଲ୍ଟିଚ୍ୟୁଡ୍ ଜଙ୍ଗଲରେ ବୈଜ୍ଞାନିକମାନେ ଏକ ନୂତନ ଜାତିର ଝିଟିପିଟି ପ୍ରଜାତି ଆବିଷ୍କାର କରିଛନ୍ତି । ଯାହାର ନାମ ପ୍ରସିଦ୍ଧ ଏଚବିଓ ସିରିଜ୍ 'ହାଉସ୍ ଅଫ୍ ଦି ଡ୍ରାଗନ୍'ର ଲୋକପ୍ରିୟ ଡ୍ରାଗନ୍ 'ସାଇରାକ୍ସ' ଆଧାରରେ ରଖାଯାଇଛି । ଏହି ଗବେଷଣାନୁଯାୟୀ, ଏହି ନୂତନ ପ୍ରଜାତିର ବୈଜ୍ଞାନିକ ନାମ 'ଆକାନ୍ଥୋସାଉରା ସିରାକ୍ସ' ରଖାଯାଇଛି ଏବଂ ଏହାକୁ ସାଧାରଣତଃ 'ସାଇରାକ୍ସ ମାଉଣ୍ଟେନ୍ ହୋର୍ଣ୍ଣେଡ଼୍ ଡ୍ରାଗନ୍' କୁହାଯାଉଛି । ହାଉସ୍ ଅଫ୍ ଦି ଡ୍ରାଗନ୍ ସୋରେ ସାଇରାକ୍ସ ହେଉଛି ରାଣୀ ରେନିରା ଟାର୍ଗାରିୟେନ୍‌ଙ୍କ ହଳଦିଆ ରଙ୍ଗର ଏକ ଛୋଟ ଆକାରର ଡ୍ରାଗନ୍, ଯିଏ ଅନେକ ଛୋଟ ଡ୍ରାଗନ୍‌ମାନଙ୍କର ମା' ଅଟେ । ଏହି ନୂତନ ସରୀସୃପର ଈଷତ୍ ହଳଦିଆ ରଙ୍ଗ, ସମାନ ବର୍ଗର ଅନ୍ୟ ପ୍ରଜାତି ତୁଳନାରେ ଛୋଟ ଆକାର ଏବଂ ଅଧିକ ସଂଖ୍ୟାରେ ଅଣ୍ଡା ଦେବାର କ୍ଷମତାକୁ ଲକ୍ଷ୍ୟ କରି ଗବେଷକମାନେ ଏହି କାଳ୍ପନିକ ଡ୍ରାଗନ୍ ନାମରେ ଏହାର ନାମକରଣ କରିଛନ୍ତି । ପିଠି ଓ ବେକରେ କଣ୍ଟା ଭଳି ଗଠନ ଥିବା ଏହି ମାଉଣ୍ଟେନ୍ ହୋର୍ଣ୍ଣେଡ଼୍ ଡ୍ରାଗନ୍ ଶ୍ରେଣୀରେ 'ଏ. ସିରାକ୍ସ'ର ସାମିଲ ହେବା ପରେ ଏହି ଗ୍ରୁପରେ ମୋଟ ପ୍ରଜାତି ସଂଖ୍ୟା ୨୩କୁ ବୃଦ୍ଧି ପାଇଛି । ଏହି ସ୍ୱତନ୍ତ୍ର ଜୀବଟି କେବଳ ମେ ୱଙ୍ଗର ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ହିଁ ଦେଖିବାକୁ ମିଳୁଥିବାରୁ ଏବଂ ସେମାନଙ୍କ ବାସସ୍ଥଳୀ ଖଣ୍ଡିତ ହେଉଥିବାରୁ, ଏହି ସମ୍ପୂର୍ଣ୍ଣ ଆଞ୍ଚଳିକ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୈଜ୍ଞାନିକମାନେ ଦାବି କରିଛନ୍ତି ।



## ମେଷ



**ମେଷ:** ବିଭିନ୍ନ କ୍ଷେତ୍ରଦର୍ଶନ, ସୁସମ୍ବାଦ, କାର୍ଯ୍ୟରେ ଶାନ୍ତି, ଦେବଦର୍ଶନ, ବାଣିଜ୍ୟରେ ସ୍ୱଳ୍ପଲାଭ, ଅଯଥା ଅଶାନ୍ତି, ଅନୁଷ୍ଠାନରୁ ଲାଭ, କର୍ମେ ପ୍ରଶଂସା ମିଳିବ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ପୂର୍ବ କାର୍ଯ୍ୟ ପାଇଁ ଅନୁତପ୍ତ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପରିଶ୍ରମ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଲୋକସମ୍ପର୍କବୃଦ୍ଧି, ନୂତନ ବ୍ୟବସାୟ ଆରମ୍ଭ, କିଛି କାର୍ଯ୍ୟରେ ଖୁସି, ସନ୍ତାନଖୁସି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ନାଗେଶ୍ୱର ମହାଦେବ ।

**ମିଥୁନ:** ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ଖୁସି, ଦେବକାର୍ଯ୍ୟରେ ଧନବ୍ୟୟ, ଦାମ୍ପତ୍ୟଖୁସି, ସ୍ୱଜନ ବିରୋଧ, ଆୟ ମଧ୍ୟମ, ଯାନବାହନରେ ସତର୍କ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୭, ଆରାଧନା-ପ୍ରଭୁ ବଜରଙ୍ଗବଳି ।

**କର୍କଟ:** ଖୁସିଖବର, ଶରୀରସୁସ୍ଥ, ବ୍ୟବସାୟରେ ଉନ୍ନତି, ଶୁଭଆଲୋଚନା, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ମାନସିକଶାନ୍ତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଭଗବାନ ବାସୁଦେବ ।

**ସିଂହ:** ମାନସିକ ଶାନ୍ତି, ଆଶୁସମସ୍ୟାରୁ ମୁକ୍ତି, ଗୃହେ ଶୁଭ ଆଲୋଚନା, ଖୁସିଖବର, ଦେବକାର୍ଯ୍ୟରେ ଶାନ୍ତି, ଦ୍ରବ୍ୟପ୍ରାପ୍ତି, ଋଣ ପରିଶୋଧ, ନୂତନ ବୁଦ୍ଧିସମ୍ପାଦନ, ଦାମ୍ପତ୍ୟଖୁସି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କନ୍ୟା:** ଅର୍ଥଲାଭ, କିଛି କାର୍ଯ୍ୟରେ ସମସ୍ୟା, ଦୂରଯାତ୍ରା, ବ୍ୟବସାୟିକ ଚିନ୍ତା, ଶୁଭଖବର, ଲୋକପ୍ରିୟତା ବୃଦ୍ଧି, ଦ୍ରବ୍ୟଲାଭ, ଶରୀର ସୁସ୍ଥ, ବନ୍ଧୁଦର୍ଶନ, ସୁମିଷ୍ଟ ଭୋଜନ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୭, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ସମ୍ପର୍କରେ ବାଧା, ଗୃହେ ସହାୟତା, ଭାତୃବର୍ଗଙ୍କ ସ୍ନେହ, ଅର୍ଥଚିନ୍ତା, ସନ୍ତାନଲାଭ, ଉତ୍ସବକୁନେଇ ଦ୍ୱନ୍ଦ୍ୱ, ବ୍ୟବସାୟରେ ସ୍ୱଳ୍ପଲାଭ, ଅଯଥା ବିବାଦ, ଦୂରଯାତ୍ରା ସଫଳ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇଷତ୍ ଲାଲ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଅର୍ଥଲାଭ, ଦୂରସମ୍ପର୍କରେ ବାଧା, ସ୍ୱାସ୍ଥ୍ୟକୁନେଇ ଚିନ୍ତା, ପାରିବାରିକ ସହଯୋଗ, ଶତ୍ରୁପରାଜିତ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କର୍ମକ୍ଷେତ୍ରେ ସମ୍ମାନ, ବିଶିଷ୍ଟ କାର୍ଯ୍ୟରେ ଶାନ୍ତି, ଶୁଭଖବର, ମାନସିକ ଶାନ୍ତି, ଅର୍ଥଲାଭ, ସମ୍ପତ୍ତିଖୁସି, ସନ୍ତାନଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ଗୋଲେଇବା କରନ୍ତୁ ।

**ମକର:** ସମ୍ମାନଲାଭ, ଉଚ୍ଚପ୍ରଶଂସା, ଲୋକସମ୍ପର୍କବୃଦ୍ଧି, ଅର୍ଥଲାଭ, ଶତ୍ରୁସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଭୂସମ୍ପତ୍ତିଲାଭ, ଦାମ୍ପତ୍ୟକଳହ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୧୦, ଆରାଧନା-ମା' ମହାଲକ୍ଷ୍ମୀ ।

**କୁମ୍ଭ:** କିଛି କାର୍ଯ୍ୟରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସାହାଯ୍ୟ, କର୍ମକ୍ଷେତ୍ରେ ପରିଶ୍ରମ, ଦୂରଯାତ୍ରା ସଫଳ, ସନ୍ତାନଲାଭ, ପାରିବାରିକଖୁସି, ଦାମ୍ପତ୍ୟସୁଖ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ମୀନ:** ସନ୍ତାନଚିନ୍ତା, ଅର୍ଥଲାଭ, ସମସ୍ୟା ସମାଧାନ, ଦୂରଯାତ୍ରାରେ ଲାଭ, ନୂତନ କର୍ମନିଯୁକ୍ତି, ବିବାଦମୁକ୍ତ, ସମ୍ମାନଲାଭ, ଲୋକସମ୍ପର୍କ ବୃଦ୍ଧି, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' କାଳୀ ।

ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
୨୭.୮.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଶାସ୍ତ୍ରର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ସକାଳ ଓ ନନ୍ଦିଘୋଷ ଟିଭିର କନ୍‌କ୍ଲେଭ

# ତୃଣମୂଳସ୍ତରରୁ ପ୍ରତିଭା ସନ୍ଧାନ ସବୁଠୁ ବଡ଼ ଆହ୍ୱାନ : ବିଶେଷଜ୍ଞ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ଦ୍ରୁତ ବିକାଶ ଘଟିଛି । ରାଜ୍ୟରେ ପ୍ରତିଭାର ଅଭାବ ନାହିଁ । ସଠିକ୍ ଭିତ୍ତିଭୂମି ସହିତ ଯଦି ତୃଣମୂଳ ସ୍ତରରୁ ପିଲାଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ଭବିଷ୍ୟତର ସୁରକ୍ଷା ଯୋଗାଇ ଦିଆଯାଏ, ତେବେ ଓଡ଼ିଶାରୁ ଆହୁରି ଅନେକ ବିଶ୍ୱସ୍ତରୀୟ ଚାମ୍ପିଅନ୍ ବାହାରିପାରିବେ । ହେଲେ ଏହା ସତ୍ତ୍ୱେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟରୁ ଆଶାଜନକ ଖେଳାଳି ବାହାରି ନପାରିବା ନେଇ କ୍ରୀଡ଼ା ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରିଛନ୍ତି । ଆମ ପାଖରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିଛି । ଯଦି ଏହା ଖେଳାଳି ଗଢ଼ିବା କମାରେ ନଲାଗି କେବଳ ପ୍ରତିଯୋଗିତା ଆୟୋଜନରେ ସୀମିତ ରହେ, ତାହେଲେ ଏହା ବ୍ୟର୍ଥ ଭଳି ।

ସକାଳ ଓ ନନ୍ଦିଘୋଷ ଟିଭିର କନକ୍ଲେଭର ଦ୍ୱିତୀୟ ଦିବସରେ ଓଡ଼ିଶାର କୀଡ୍ରା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ ଓ ସମ୍ଭାବନା ଆଲୋଚନାଚକ୍ରରେ ପୂର୍ବତନ ଆଇପିଏଲ ଅଧକ୍ଷ ତଥା ୨୦୧୧ ବିଶ୍ୱକପ ବିଜୟୀ ଭାରତୀୟ ଦଳ ଲକ୍ସି ମ୍ୟାନେଜର ରଞ୍ଜୀବ ବିଶ୍ୱାଳ, ଅଲିମ୍ପିଆନ ତଥା ରାଜ୍ୟର ହର୍ଡଲ୍ସ କୁଇନ ଭାବେ ପରିଚିତ ଡଃ. ଅନୁରାଧା ବିଶ୍ୱାଳ, ରାଜ୍ୟର ପ୍ରଥମ ମହିଳା ଅର୍ଜୁନ ଆଓ୍ୱାର୍ଡୀ ମିନତୀ ମହାପାତ୍ର(ସାଇକ୍ଲିଷ୍ଟ) ଏବଂ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶା କ୍ରୀଡ଼ା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବରିଷ୍ଠ କ୍ରୀଡ଼ା ସମ୍ବାଦିକ ସମ୍ବିତ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ାର ବିକାଶ, ଭିତ୍ତିଭୂମିର ସଠିକ୍ ବିନିଯୋଗ ଏବଂ ତୃଣମୂଳସ୍ତରରୁ




▸▸ ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସତ୍ତ୍ୱେ ଅନ୍ତର୍ଜାତୀୟ ସ୍ତରର ଖେଳାଳି ବାହାରୁ ନାହାଁନ୍ତି

▸▸ କ୍ରୀଡ଼ା ନୀତି, ଓଡ଼ିଆ ଖେଳାଳିଙ୍କ ଭବିଷ୍ୟତକୁ ନେଇ ଉଦ୍‌ବେଗ

ପ୍ରତିଭା ସନ୍ଧାନ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ ।

ଶ୍ରୀ ବିଶ୍ୱାଳ ତାଙ୍କ ପ୍ରାକ୍ ସୂଚନାରେ କହିଥିଲେ, ୧୯୫୮ ମସିହାରେ ବାରବାଟୀ ଷ୍ଟାଡିୟମ୍ ନିର୍ମାଣଠାରୁ ଆରମ୍ଭ କରି କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲାର ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ବହୁ ଆଧୁନିକ ସୁବିଧା ସୁଯୋଗ ସୃଷ୍ଟି ହୋଇଛି । କିନ୍ତୁ ଏହାର ପ୍ରକୃତ ବ୍ୟବହାର ଖେଳାଳିଙ୍କ ଉନ୍ନତି ପାଇଁ ହେଉଛି ନା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ, ସେନେଇ ଚିନ୍ତନର ଆବଶ୍ୟକତା ରହିଛି । ଓଡ଼ିଶାରେ କ୍ରୀଡ଼ାର ବିକାଶ ଏବଂ ସ୍ଥାନୀୟ ପ୍ରତିଭାଙ୍କ ପ୍ରୋତ୍ସାହନକୁ ନେଇ କ୍ରୀଡ଼ା ବିଶେଷଜ୍ଞ ଓ ପୂର୍ବତନ ଖେଳାଳିମାନଙ୍କ ମଧ୍ୟରେ ଗଭୀର ଆଲୋଚନା ହେବା ଅବାଶ୍ୟକ । ତେବେ ଯାଇ ବିଶ୍ୱସ୍ତରର ଖେଳାଳି ଆମେ ଗଢ଼ି ପାରିବା । କେବଳ ଭିଜନ୍ ୨୦୩୫ କିମ୍ବା ୨୦୪୭ ଭଳି ଦୀର୍ଘକାଳୀନ ଯୋଜନାର ପ୍ରଚାର ନକରି, ଆଗାମୀ ୫ ବର୍ଷ ପାଇଁ ସ୍ପଷ୍ଟ କ୍ରୀଡ଼ା ନୀତି ନିର୍ଦ୍ଧାରଣ କରିବାକୁ ସେ କହିଥିଲେ ।

ଆଜି ବି ଅଧିକାଂଶ ଅଭିଭାବକ ଖେଳ ଅପେକ୍ଷା ପାଠପଢ଼ା, ମେଡିକାଲ୍, ଇଞ୍ଜିନିୟରିଂ କିମ୍ବା ଚାକିରିକୁ ପ୍ରାଥମିକତା ଦେଉଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଅନିଶ୍ଚିତତା ଓ କ୍ୟାରିୟର ସୁରକ୍ଷାର ଅଭାବ ଯୋଗୁଁ ପିଲାମାନେ ଖେଳ ପ୍ରତି ଆଗ୍ରହ ହରାଉଛନ୍ତି । ସ୍କୁଲ ସ୍ତରରୁ ହିଁ ପ୍ରକୃତ ପ୍ରତିଭାଙ୍କୁ ଚିହ୍ନଟ କରିବା ଆବଶ୍ୟକ । ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ା ଶିକ୍ଷକ ଓ ଖେଳ ସମୟ ଥିଲେ ସୁଦ୍ଧା ଗ୍ରାମାଞ୍ଚଳରୁ ସଠିକ୍ ପ୍ରତିଭା ସାମ୍ନାକୁ ଆସିପାରୁନାହାନ୍ତି । କେବଳ ଷ୍ଟାଡିୟମ୍ ନିର୍ମାଣ କଲେ ଖେଳାଳି ତିଆରି ହୁଅନ୍ତି ନାହିଁ । ଏଥିପାଇଁ ଗ୍ରାମାଞ୍ଚଳରେ ଏନ୍ଆଇଏସ୍ ପ୍ରଶିକ୍ଷିତ କୋଚ୍, ସଠିକ୍ ପୋଷଣ, ସ୍ପୋର୍ଟସ ମେଡିସିନ୍ ଏବଂ ଆଧୁନିକ ତାଲିମର ଆବଶ୍ୟକତା ରହିଛି । ଭାରତୀୟ ହକି ଟିମକୁ ଓଡ଼ିଶା ସରକାରଙ୍କ ପ୍ରାୟୋଜକ ଓ ପ୍ରୋତ୍ସାହନକୁ ସମସ୍ତେ ପ୍ରଶଂସା କରିଛନ୍ତି । ତେବେ ଜାତୀୟ ଦଳରେ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରିବା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେମାନେ ମତପୋଷଣ କରିଛନ୍ତି । କ୍ରୀଡ଼ା ସଂଘଗୁଡ଼ିକର ପରିଚାଳନାରେ ଅଧିକ ସ୍ୱଚ୍ଛତା ଆଣିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଯାହାଦ୍ୱାରା ଯୋଗ୍ୟ ଖେଳାଳିମାନେ ସଠିକ୍ ସୁଯୋଗ ପାଇପାରିବେ ।

ରାଜ୍ୟର ଅନେକ ଅଭିଜ୍ଞ ଓ ସଫଳ ଓଡ଼ିଆ କୋଚ୍ (ଯେପରିକି ପଞ୍ଚାନନ ଗନ୍ତାୟତ, ଅରୁଣ ଦାସ ପ୍ରମୁଖ ଯେଉଁମାନେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଛନ୍ତି, ସେମାନଙ୍କୁ ସଠିକ୍ ଭାବେ ବ୍ୟବହାର କରାଯାଉନଥିବା ନେଇ କ୍ଷୋଭ ପ୍ରକାଶ ପାଇଛି । କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବଡ଼ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ଅପେକ୍ଷା ହରିୟାଣା, ପଞ୍ଜାବ କିମ୍ବା କେରଳ ଭଳି ରାଜ୍ୟର ଶୈଳୀରେ ତୃଣମୂଳସ୍ତରରୁ ନୟମିତ ଖେଳାଳି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ରାଜ୍ୟର ନିଜସ୍ୱ ଖେଳାଳିଙ୍କୁ ସଠିକ୍ ପ୍ରଶିକ୍ଷଣ ଓ ସୁଯୋଗ ନଦେଇ କେବଳ ବାହ୍ୟ ଭିତ୍ତିଭୂମି ଓ ଆୟୋଜନ ଉପରେ ଟଙ୍କା ଖର୍ଚ୍ଚ କରିବା ଦ୍ୱାରା ଅସଲ ପ୍ରତିଭା ବଞ୍ଚିତ ହେଉଛନ୍ତି ବୋଲି ମତପ୍ରକାଶ ପାଇଛି । ସରକାର ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅଭିଜ୍ଞ ଖେଳାଳି ଏବଂ ପ୍ରଶାସକମାନଙ୍କ ସହ ଆଲୋଚନା କରି ନୀତି ନିର୍ଦ୍ଧାରଣ କରିବା ଉଚିତ । ଏହାସହ ଏକ ସ୍ୱତନ୍ତ୍ର ରେଗୁଲେଟରୀ ବଡି ଗଠନ କରାଗଲେ ଖେଳାଳି ଓ ଆସୋସିଏସନ ଗୁଡ଼ିକ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି ଅତିଥିମାନେ ଆହ୍ୱାନ ଦେଇଛନ୍ତି ।

## ପବିତ୍ର ରକ୍ଷା ବନ୍ଧନରେ ମହିଳାଙ୍କ ନିମନ୍ତେ ଆମ ବସ୍ ଯାତ୍ରା ଦେୟମୁକ୍ତ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପବିତ୍ର ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍‌ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ । ମହିଳା ମାନଙ୍କୁ ସମ୍ମାନ ଓ ପ୍ରାଧାନ୍ୟ ସରକାରଙ୍କ ପ୍ରତିବଦ୍ଧତା । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍‌ରେ ଏହି ସୁବିଧା ଉପଲବ୍ଧ ହେବ । ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ମହିଳାଙ୍କ ପାଇଁ ନିରାପଦ, ସୁବିଧାଜନକ ଓ ସୁଲଭ ଜନପରିବହନ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ସୁରକ୍ଷିତ ଓ ସମାବେଶୀ ଜନପରିବହନ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଗତିଶୀଳତାକୁ ଏହା ଆହୁରି ସୁଦୃଢ଼ କରିବ । ବସ୍ ଟ୍ରାକିଂ, ସିସି ଟିଭି ନିରୀକ୍ଷଣ, ପ୍ରଶିକ୍ଷିତ ବସ୍ କର୍ମଚାରୀ ଓ ଯାତ୍ରୀ ସହାୟତା ବ୍ୟବସ୍ଥା ଭଳି ସୁବିଧା ସହ ଆମ ବସ୍ ସେବାକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରାଯାଉଛି । କୃଟର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ କୃଟର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ । ଦେୟମୁକ୍ତ ଯାତ୍ରା ସତ୍ତ୍ୱେ 'ଜିରୋ ଟିକେଟ ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧତାମୂଳକ । ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ କୃଟ ପକ୍ଷରୁ ଅନୁରୋଧ କରାଯାଇଛି । ପବିତ୍ର ରକ୍ଷା ବନ୍ଧନ ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ମହିଳାମାନଙ୍କୁ ଆମ ବସ୍ ଯାତ୍ରାର ସାଥୀ କରି ନିରାପଦ, ସୁବିଧାଜନକ ଓ ଚିନ୍ତାମୁକ୍ତ ଯାତ୍ରାର ଅନୁଭୂତି ନେବାକୁ କୃଟ ଆହ୍ୱାନ କରିଛି ।

## ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ବୈଠକ

କଟକ,(ସବ୍ୟୁ): କଟକ ଜିଲ୍ଲା ଓଡିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଓଏମପି ଡାକବଙ୍ଗଳା ପରିସରରେ ଇଂ ନରେନ୍ଦ୍ର ନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟ କେନ୍ଦ୍ରୀୟ କମିଟିର ସଭାପତି ଇଂ ହିମାଂଶୁ ଲେଙ୍କା ଓ ସଂଘର 'ଅବସର ବାର୍ତ୍ତା'ର ସମ୍ପାଦକ ଇଂ ପ୍ରଭାତ୍ କୁମାର ପରିଡ଼ା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଏହି ବୈଠକରେ ପରିଷଦ ପକ୍ଷରୁ ଉପଦେଷ୍ଟା ଇଂ ବାବାଜି ଚରଣ ବେହେରା, ସଭାପତି ଇଂ ନରେନ୍ଦ୍ର ନାଥ ଜେନା, ଉପ ସଭାପତି ଇଂ ଗଦାଧର ବାରିକ, ସମ୍ପାଦକ ଇଂ ଲଲାଟେନ୍ଦୁ ଜେନା, ସହ ସମ୍ପାଦକ (ସଂଗଠନ) ଇଂ ପର୍ଶୁରାମ ସାହୁ, ସହ ସମ୍ପାଦକ (ଅର୍ଥ) ଇଂ ଗୋବର୍ଦ୍ଧନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଇଂ ଅଲେଖ ଚନ୍ଦ୍ର ଜେନା, ସମୀକ୍ଷକ ଇଂ ନବକିଶୋର ମହାପାତ୍ର ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ଇଂ ସଞ୍ଜୀବ କୁମାର ଦାସ, ଇଂ ପ୍ରଭାକର ସେନାପତି, ଇଂ ଉମେଶ ସୁନ୍ଦରାୟ, ଇଂ ପ୍ରଶାନ୍ତ କୁମାର ମହାନ୍ତି, ଇଂ ପ୍ରଶାନ୍ତ କୁମାର ନାୟକ, ଇଂ ତପନ କୁମାର ମଜୁମଦାର ପ୍ରମୁଖ ୨୦୨୬-୨୮ ମସିହା ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି ।

## ମଦ ବେପାରୀଙ୍କ ମୋଟରସାଇକେଲ ଜାଳି ତିନି ଗିରଫ

ଜଟଣୀ, (ସବ୍ୟୁ) : ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପାଞ୍ଜରୀ ଗ୍ରାମ ପଞ୍ଚାୟତ ଅଧୀନ ବୁଢାଙ୍ଗରା ଗ୍ରାମରେ କିରଣ ସୁବୁଦ୍ଧି ନାମକ ଜଣେ ବ୍ୟକ୍ତି ବହୁଦିନ ଧରି ମଦ ବେପାର



କରିଆସୁଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୩ ଟା ସମୟରେ କିଛି ଲୋକ ତାଙ୍କ ଘରର କବାଟ ବାଡେଇ ମଦ ମାଗିଥିଲେ ତେବେ ସେ କବାଟ ନ ଖୋଲିବାରୁ ଦୁର୍ବୃତ୍ତ ମାନେ ତାଙ୍କ ବାରଣ୍ଡାରେ ଥୁଆ ହୋଇଥିବା ଦୁଇଟି ମୋଟର ସାଇକେଲକୁ ନିଆଁ ଲଗାଇଦେଇଥିଲେ । ଏ ବାବଦରେ କିରଣ ସୁବୁଦ୍ଧିଙ୍କ ପୁଅ ଅକ୍ଷୟ ସୁବୁଦ୍ଧି ଲିଖିତ ଅଭିଯୋଗ କରିବା ପରେ ଥାନାରେ ୪୫୯/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଘୋରଡ଼ିଆ ଗ୍ରାମର ସମ୍ବିତ ହାତୀ, କୁନା ଓ ଶ୍ରୀକାନ୍ତ ନାମକ ତିନିଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି ।

# ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ କ୍ଷୁବ୍ଧ

### ଆଦେଶ କାହିଁକି କାର୍ଯ୍ୟକାରୀ ହୋଇନି ପୂର୍ବତନ ଡିଜିପି ଜବାବ ରଖିବେ

କଟକ,(ସବ୍ୟୁ) : ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ ଭୀଷଣ କ୍ଷୁବ୍ଧ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପୂର୍ବତନ ପୁଲିସ୍ ଡିଜି ୱାଇ.ବି ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ସଂକ୍ରାନ୍ତରେ ଜବାବ ରଖିବାକୁ ଆଦେଶ ଦେଇଛନ୍ତି । ଏହି ନୋଟିସ୍‌କୁ ପୁଲିସ୍(ପର୍ସୋନେଲ) ଆଇଜି ଆଜିଠୁ ୭ଦିନ ମଧ୍ୟରେ ଅବସରପ୍ରାପ୍ତ ଡିଜି ୱାଇ.ବି ଖୁରାନିଆଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ବର୍ତ୍ତମାନର ଡିଜିଙ୍କୁ ଅଦାଲତଙ୍କ ଏହି ଆଦେଶର କପି ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି । ସେ ମଧ୍ୟ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇନଥିବା ପାଇଁ ସମାନ ପରିମାଣରେ ଦାୟୀ ବୋଲି ହାଇକୋର୍ଟ କହିଛନ୍ତି ।

ତେବେ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ପାଇଁ ହାଇକୋର୍ଟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାରି ସପ୍ତାହ ସମୟ ଦେଇଛନ୍ତି । ଯଦି ଏହି ଚାରି ସପ୍ତାହ ମଧ୍ୟରେ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ରିପୋର୍ଟ ଅଦାଲତରେ ଦାଖଲ ହୋଇନଥାଏ ତେବେ ଆସନ୍ତା ସେପ୍ଟେମ୍ବର ୨୮ ତାରିଖ ସକାଳ ସାଢ଼େ ୧୦ଟା ସମୟରେ ପୁଲିସ୍ ଡିଜି ଏବଂ ଆଇଜି ପର୍ସୋନେଲ୍ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ସାଗରିକା ପରିଡ଼ାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ଆଦେଶ ଦେଇଛନ୍ତି । ଆସନ୍ତା ସେପ୍ଟେମ୍ବର ୨୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ଗତ ଜୁଲାଇ ୩୧ ତାରିଖରେ ଏହି ଅଦାଲତ ଅବମାନନା ମାମଲା ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ସେହିଦିନ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ସତ୍ୟପାଠ ଦାଖଲ ପାଇଁ ଧାର୍ଯ୍ୟ ହୋଇଥିଲା । କିନ୍ତୁ ସେଦିନ ସତ୍ୟପାଠ ଦାଖଲ କରାନଯାଇ ଅଦାଲତଙ୍କ ଠାରୁ ଆହୁରି ଚାରି ସପ୍ତାହ ସମୟ ଲୋଡ଼ାଯାଇଥିଲା । ଗତକାଲି ଅର୍ଥାତ ୨୪ତାରିଖକୁ ହାଇକୋର୍ଟ ଏହି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଥିଲେ । ଗତକାଲି ପୁଲିସ୍ ଆଇଜି ପର୍ସୋନେଲ୍‌ଙ୍କ ରିପୋର୍ଟ ଆଧାରରେ ସରକାରୀ ଆଇନଜୀବୀ ଜବାବରେ କହିଥିଲେ ଯେ, ହାଇକୋର୍ଟଙ୍କ ଆଦେଶ ବିରୋଧରେ ବିଭାଗ ସୁପ୍ରିମ୍‌କୋର୍ଟକୁ ଯାଇଛି । କିନ୍ତୁ ସୁପ୍ରିମ୍‌କୋର୍ଟରେ ଏହି ମାମଲା ଉପରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରିନଥିଲେ । ଯେହେତୁ ସୁ ପ୍ରିମ୍‌କୋର୍ଟ ନୋଟିସ୍ କିମ୍ବା ରହିତାଦେଶ ଦେଇନାହାନ୍ତି ସେହି ଆଧାରରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାରେ କାହିଁକି ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବ ସେ ସଂକ୍ରାନ୍ତରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଆବେଦନକାରିଣୀ ପୁଲିସ୍ ପଦରେ ନିଯୁକ୍ତି ପାଇବା ବେଳେ ନିଜ ସମ୍ପର୍କରେ ଯେଉଁ ଘୋଷଣାନାମା ଦେଇଥିଲେ ତାହା ମିଥ୍ୟା ବୋଲି ଦର୍ଶାଇ ଚାକିରି ପାଇବାର କିଛି ଦିନ ପରେ ତାଙ୍କୁ ତାଙ୍କ ପଦରୁ ବହିଷ୍କାର କରାଯାଇଥିଲା । ଏହି ଆଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୦ ମସିହାରେ ଆବେଦନକାରିଣୀଙ୍କୁ ତୁରନ୍ତ ତାଙ୍କ ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆନେଦଶ ବିରୋଧରେ ରାଜ୍ୟ ସରକାର ଅପିଲରେ ହାଇକୋର୍ଟକ ଆସିଥଲେ । ହାଇକୋର୍ଟ ୨୦୨୫ ମସିହାରେ ଏହି ମାମଲାର ରାୟ ପ୍ରକାଶ କରି ଜଣିକିଆ ବିଚାରପତିଙ୍କ ଆଦେଶକ କାଏମ ରଖିଥିଲେ ।



ପବିତ୍ର ମହମ୍ମଦ ଜୟନ୍ତୀ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ସତ୍ୟନଗର ପର୍ଯ୍ୟନ୍ତ ଶୋଭାଯାତ୍ରା ।

## ରାଖୀ ପୂର୍ଣ୍ଣିମାରେ ଗୋମାତା ପୂଜନ ସହ ସ୍ନେହ ସମ୍ପର୍କର ଡୋରି ବାନ୍ଧିଲେ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ

ଖୋର୍ଦ୍ଧା, (ସବ୍ୟୁ) : ସ୍ନେହ ଓ ସମ୍ପର୍କର ପବିତ୍ର ବନ୍ଧନର ପର୍ବ ରକ୍ଷାବନ୍ଧନ ଅବସରରେ ସିଗମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଏକ ନିଆରା ପରମ୍ପରାର ପରିଚୟ ଦେଇଛନ୍ତି । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଛାତ୍ରଛାତ୍ରୀମାନେ ରାମକୃଷ୍ଣ ଗୋଧାମକୁ ଯାଇ ଗୋମାତା ଓ ବଳଦଙ୍କୁ ପୂଜା କରିବା ସହ ରାଖୀ ବାନ୍ଧିଥିଲେ । ରାଖୀ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଦିନ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ଭାବେ ପାଳିତ ହୁଏ । ପୁରାତନ ପରମ୍ପରା ଅନୁଯାୟୀ ଏହି ଦିନ ଗୋମାତାଙ୍କ ପୂଜାର ବିଶେଷ ମହତ୍ୱ ରହିଛି । ଏହି ପରମ୍ପରାକୁ ବଜାୟ ରଖିବା ଓ ଛାତ୍ରଛାତ୍ରୀଙ୍କ ମନରେ ଗୋ ସୁରକ୍ଷା ଓ ଜୀବଦୟାର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଗୋ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଗୋମାତା ଓ ବଳଦଙ୍କୁ ହଳଦୀ ପାଣିରେ ଗାଧୋଇ ଚନ୍ଦନ, ସିନ୍ଦୂର ଓ ଫୁଲ ଲଗାଇଥିଲେ । ପରେ ବେଦମନ୍ତ୍ର ଉଚ୍ଚାରଣ ସହ ପୂଜାର୍ଚ୍ଚନା କରି ରାଖୀ ବାନ୍ଧିବା ସହ ଫଳ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି, ଶିକ୍ଷୟିତ୍ରୀ ଲିମନ୍ ବଡ଼ଜେନା, ଶୁଭଦର୍ଶିନୀ ଦାଶ, ଦୀପ୍ତିରଞ୍ଜନ ରଣା, ମାନସ ରଞ୍ଜନ ମହାପାତ୍ର ଏବଂ ଗୋଧାମର ଆବାହକ ରାଧାମୋହନ ପ୍ରଧାନ, ଉଦିତ୍ୟ ନାରାୟଣ ପ୍ରହରାଜ, ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ମିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରକ୍ଷାବନ୍ଧନ ପୂର୍ବରୁ ଅନୁଷ୍ଠାନର ଛାତ୍ରୀ ଶ୍ରିର୍ତିକା ମହାନ୍ତି, ଶୁଭଲକ୍ଷ୍ମୀ ରଣା, ସଂପନ୍ନା ପ୍ରଧାନ, ଅଭିଲିପ୍ସା ଲେଙ୍କା, ପଦ୍ମିନୀ ଜେନା, ତୃପ୍ତିମୟୀ ସ୍ୱାଇଁ, ଅନନ୍ୟା ମଲ୍ଲିକ ପ୍ରମୁଖ ନିଜ ହାତରେ ବିଭିନ୍ନ ପ୍ରକାରର ରାକ୍ଷୀ ପ୍ରସ୍ତୁତ କରିଥିଲେ । ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଓ ବର୍ଣ୍ଣାଳୀ ମାଝି ଛାତ୍ରୀମାନଙ୍କୁ ରାକ୍ଷୀ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ । ପରେ ଛାତ୍ରୀମାନେ ଭାଇମାନଙ୍କୁ



ଚନ୍ଦନ ଓ ସିନ୍ଦୂର ଲଗାଇ ପୂଜା କରି ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇଥିଲେ । ଏହାଦ୍ୱାରା ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ସମ୍ପର୍କର ବନ୍ଧନକୁ ଆହୁରି ସୁଦୃଢ଼ କରାଯାଇଥିଲା । ଅନୁଷ୍ଠାନର ଚେୟାରମ୍ୟାନ୍ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀଙ୍କ ସ୍ନେହର ଡୋରି ସହ ଗୋ ପୂଜନର ମହତ୍ୱ ଓ ଗୋ ସୁରକ୍ଷା ପରମ୍ପରା ସମ୍ପର୍କରେ ଛାତ୍ରଛାତ୍ରୀ ଓ ସମସ୍ତଙ୍କୁ ସଚେତନ କରିଥିଲେ । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ପରମ୍ପରା, ଜୀବଦୟା ଓ ଗୋ ସୁରକ୍ଷାର ବାର୍ତ୍ତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପହଁଚିପାରିଛି ।

# ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଯୋଜନାର ସମୀକ୍ଷା

### ଶୀଘ୍ର କାର୍ଯ୍ୟାନ୍ୱୟନକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ଜନକଲ୍ୟାଣ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚାଇବା ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଛି । ଜିଲ୍ଲାପାଳ




ଅମ୍ରିତ ରତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଭିନ୍ନ ସମୀକ୍ଷା ଓ ସମନ୍ୱୟ ବୈଠକରେ ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ଚିକିତ୍ସା ଭିତ୍ତିଭୂମି ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା ।ଜିଲ୍ଲାରେ ଚାଲୁଥିବା ସରକାରୀ ଯୋଜନାଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇ ଯେଉଁ କ୍ଷେତ୍ରରେ ଅଧିକ ତତ୍ପରତା ଓ ବିଭାଗୀୟ ସମନ୍ୱୟ ଆବଶ୍ୟକ, ସେଗୁଡ଼ିକ ଚିହ୍ନଟ କରାଯାଇଥିଲା । ଯୋଜନାର ଲାଭ ପହଞ୍ଚାଇବା ଅନାବଶ୍ୟକ ବିଳମ୍ବ ନ ହେବା ପାଇଁ ନିୟମିତ ମନିଟରିଂ, କ୍ଷେତ୍ରସ୍ତରୀୟ ନିରୀକ୍ଷଣ ଓ ଅଧିକାରୀମାନଙ୍କ ଦାୟିତ୍ୱବୋଧ ନିଶ୍ଚିତ କରିବା ଉପରେ ଜୋର ଦିଆଯାଇଥିଲା । ଜିଲ୍ଲାସ୍ତରୀୟ ଏନ୍‌ଜିଓ କମିଟି ବୈଠକରେ ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ଉପରେ ଆଲୋଚନା ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକରେ ଚିକିତ୍ସାଳୟର ବିଭିନ୍ନ କାର୍ଯ୍ୟକଳାପ ଓ ବିକାଶମୂଳକ ପଦକ୍ଷେପର ସମୀକ୍ଷା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ତରରେ ଶିଶୁଙ୍କ ଚକ୍ଷୁ ସମସ୍ୟା ଶୀଘ୍ର ଚିହ୍ନଟ ଓ ଆବଶ୍ୟକ ଚିକିତ୍ସା ଯୋଗାଣ ଉପରେ ଆଲୋଚନା ହୋଇଥିଲା । ବୈଠକଗୁଡ଼ିକରେ ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ, ଏନ୍‌ଜିଓଙ୍କ ଅଂଶଗ୍ରହଣ ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସ୍ଥିତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା ।ବିଭାଗଗୁଡ଼ିକ ମଧ୍ୟରେ ନିୟମିତ ଯୋଗାଯୋଗ ଓ ସମନ୍ୱୟ ରଖି ଲକ୍ଷ୍ୟ ପୂରଣ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚିହ୍ନଟ ହୋଇଥିବା ସମସ୍ୟା ଓ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଭିତିରେ ନେଇ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା । ବୈଠକରେ ଡିଏମଓ ଶ୍ୟାମାପ୍ରସନ୍ନ ମିତ୍ର, ହସ୍ପିଟାଲ ମ୍ୟାନେଜର ସଂଗୀତା ସ୍ୱାଇଁ ଓ ସୋନାଲି ନନ୍ଦ, ପୌରନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତଥିଲେ ।

## ବୈଷ୍ଣବ ସାମଲ ପାଇବେ ଚଳିତ ବର୍ଷର ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର ଅଧକ୍ଷତା କରିଥିବା ବେଳେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା



ଯେ, ଚଳିତ ବର୍ଷର ସମ୍ମାନ ଜନକ ଗଙ୍ଗାଧର ମେହେର ସମ୍ମାନ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ସାମଲଙ୍କୁ ପ୍ରଦାନ କରାଯିବ । ସେହିଭଳି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ ବିଶିଷ୍ଟ ସାହିତ୍ୟିକ ଭୋଜରାଜ ସ୍ୱାଇଁଙ୍କୁ ପ୍ରଦାନ କରାଯିବା ସହିତ କବିପୁତ୍ର ଭଗବାନ ମେହେର ସମ୍ମାନ ଯୁବ ସାହିତ୍ୟିକ ବ୍ରଜମୋହନ ମେହେରଙ୍କୁ ପ୍ରଦାନ କରାଯିବ । ଆସନ୍ତା ୨୮ ତାରିଖ ଶୁକ୍ରବାର ସନ୍ଧ୍ୟା ୬.୩୦ ମିନିଟ ସମୟରେ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । ସେହିଭଳି ସେହି ୨୮ ତାରିଖ ସକାଳ ୮.୩୦ ମିନିଟ ସମୟରେ କଳିଙ୍ଗ ଡାକ୍ତରଖାନା ଛକରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ବୋଲି ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସୂଚନା ଦେଇଛନ୍ତି ।

## ନନ୍ଦନକାନନରେ ଗୟଳଶାବକ ମୃତ : ମୁହଁ ଖୋଲୁନାହାନ୍ତି କର୍ତ୍ତୃପକ୍ଷ

ବାରଙ୍ଗ ,(ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ଜନ୍ମ ହୋଇଥିବା ବିରଳ ଗୟଳ ଶାବକ ବୁଧବାର ସକାଳେ ଆଖିବୁଜିଛି । ହେଲେ ଏହି ମୃତ୍ୟୁକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି । ଗଣମାଧ୍ୟମର ପ୍ରଶ୍ନରୁ ଦୂରେଇ ଯାଉଛନ୍ତି ଅଧିକାରୀ ।ଏ ନେଇ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଏବଂ ପ୍ରାଣୀ ଚିକିତ୍ସକଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ । ଶବ ବ୍ୟବଚ୍ଛେଦ ହେଲା କି ନାହିଁ, ମୃତ୍ୟୁର କାରଣ କଣ - ଏ ନେଇ ସରକାରୀ ଭାବେ କିଛି କୁହାଯାଉନାହିଁ ।ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ପ୍ରତ୍ୟେକ ବନ୍ୟପ୍ରାଣୀ ମୃତ୍ୟୁର ରିପୋର୍ଟ ସାର୍ବଜନୀନ କରିବା ବାଧ୍ୟତାମୂଳକ । ହେଲେ ଏଠି ନୀରବତା ଅନେକ ପ୍ରଶ୍ନ ଛିଡା କରୁଛି ।ସୂଚନା ଯୋଗ୍ୟ ଯେ , ସୋମବାର ବିଳମ୍ବିତ ରାତିରେ ମା ଗୟଳ ଏକ ମାଇ ଶାବକଟିକୁ ଜନ୍ମ ଦେଇଥିଲା । ଜନ୍ମ ହେବା ପରଠାରୁ ହିଁ ଶାବକଟି ଅତ୍ୟନ୍ତ ଦୁର୍ବଳ ଥିଲା । ଠିକ ସେ ଠିଆ ହୋଇପାରୁନଥିଲା । ପଶୁ ଚିକିତ୍ସକ ଶାବକଟିକୁ ଚିକିତ୍ସା କରିଥିଲେ ବି ସ୍ୱାସ୍ଥ୍ୟର କିଛି ଉନ୍ନତି ହୋଇନଥିଲା ।

## ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସରୁ ମାସବ୍ୟାପୀ "ସେବା ସଂକଳ୍ପ ଅଭିଯାନ" ଶୁଭାରମ୍ଭ

# "ସେବା ହିଁ ସଂକଳ୍ପ, ସେବା ହିଁ ସମର୍ପଣ" ଭାବନାକୁ ସୁଦୃଢ଼ କରିବା ହେଉଛି ମୂଳ ଲକ୍ଷ୍ୟ : ଡା.କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ "ସେବା ସଂକଳ୍ପ ଅଭିଯାନ" ସମଗ୍ର ଦେଶରେ ଆୟୋଜନ କରାଯିବ। ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସବ୍ୟାପୀ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ବିଭିନ୍ନ ଜନକଲ୍ୟାଣ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ମାସବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ସଂପଦ ଚରଣ ସ୍ୱାଇଁଙ୍କ ସମେତ ରାଜ୍ୟ ପଦାଧିକାରୀ, ସମସ୍ତ ଜିଲ୍ଲା ସଭାପତି ଏବଂ ପ୍ରଭାରୀ, ରାଜ୍ୟ ଓ ଜିଲ୍ଲାର ସଂଯୋଜକମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅଭିଯାନକୁ ସଫଳ




କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସଂଯୋଜକ ଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ସୀମାଂଚଳ ଖଟେଇ ଓ ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ ସହ-ସଂଯୋଜକ ଅଛନ୍ତି। ସେହିପରି କମିଟିରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଇରାସିସ ଆଚାର୍ଯ୍ୟ, ପ୍ରତାପ ନାୟକ, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ସଦସ୍ୟ ଅଛନ୍ତି ବୋଲି ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। "ସେବା ସଂକଳ୍ପ ଅଭିଯାନ" ସଂପର୍କରେ ସୂଚନା ଦେଇ ଡା.ମହାପାତ୍ର କହିଛନ୍ତି ଯେ, ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି "ସେବା ହିଁ ସଂକଳ୍ପ, ସେବା ହିଁ ସମର୍ପଣ" ଭାବନାକୁ ଜନମାନସରେ ଅଧିକ ସୁଦୃଢ଼ କରିବା। ଗରିବ, ଅସହାୟ, ମହିଳା, ଯୁବ, କୃଷକ ଓ ବଂଚିତ ବର୍ଗଙ୍କ ନିକଟରେ ସେବା ପହଁଚାଇବା ସହିତ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ସେପ୍ଟେମ୍ବର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସନ୍ଧ୍ୟାରେ ଘରକୁ ଯାଇ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ କରାଯିବ। ପ୍ରତ୍ୟେକ ଦୀପ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ଜନସେବା ପ୍ରତି କୃତଜ୍ଞତାର ପ୍ରତୀକ ହେବା ସହିତ "ବିକଶିତ ଭାରତ ୨୦୪୭" ପାଇଁ ସାମୂହିକ ସଂକଳ୍ପର ପ୍ରତୀକ ହେବ। ସେହିପରି ରାଜ୍ୟ, ଜିଲ୍ଲା ଓ ବ୍ଲକମାନଙ୍କରେ ରକ୍ତଦାନ ଶିବିର ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟମାନ ଆୟୋଜନ କରାଯିବ। ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା କରାଯାଇଥିବା ଜନସେବା କାର୍ଯ୍ୟ ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ସମ୍ପର୍କିତ ସୂଚନା ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯିବ। ନମୋ ସେବା ଗାଥା କାର୍ଯ୍ୟକ୍ରମ ଜରିଆରେ ବିଗତ ୨୫ ବର୍ଷର ସେବା କାର୍ଯ୍ୟ, ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ଦେଶରେ ଆସିଥିବା ପରିବର୍ତ୍ତନର କାହାଣୀକୁ ସରଳ, ଭାବପ୍ରବଣ ଓ ସଙ୍ଗୀତମୟ ନାଟ୍ୟ ପରିବେଷଣ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ଗାଁରୁ ଗାଁକୁ ପହଁଚାଯିବ। ଏହି କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ବିଦ୍ୟାଳୟ, ମହାବିଦ୍ୟାଳୟ, ପଂଚାୟତ, ସାମୁଦାୟିକ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନମାନଙ୍କରେ ଆୟୋଜନ କରାଯିବ।

## ଚୋରକୁ ୧୮ ଦିନରେ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଏତଲା ହେବାର ୧୮ ଦିନ ମଧ୍ୟରେ ଜଣେ ଚୋରକୁ ଜେଲ୍‌ଦଣ୍ଡ ହେବା ବିରଳ ଘଟଣା ନେଇ ପୋଲିସରେ ଚର୍ଚ୍ଚା ହେଉଛି । ମୋବାଇଲ ଚୋରି ଘଟଣାର ଆସାମୀ ସୁନୀଲ ସେଠୀକୁ ଜେଏମ୍‌ଏଫ୍‌ସି -୪ କୋର୍ଟ ବୁଧବାର ଏହି ଜେଲ୍‌ଦଣ୍ଡାଦେଶ ଦେଇଚନ୍ତି । ଅଭିଯୋଗକାରୀ ବିକାଶ ପ୍ରୀତମ୍ ନାୟକଙ୍କ ଭୁବନେଶ୍ୱର ଟଙ୍କପାଣି ରୋଡ୍‌ସ୍ଥିତ ପୁରୀ ବାଇପାସ୍ ରାସ୍ତା ସନ୍ନିକଟ ପ୍ଲଟ୍ ନଂ-୨୭୭୧ରେ "ଏଲକ୍ସ କାର୍ କେୟାର' ନାମକ ଏକ ପ୍ରତିଷ୍ଠାନ ଅଛି । ସେଠାରେ ପ୍ରାୟ ୭/୮ଜଣ କର୍ମଚାରୀ କାମ କରନ୍ତି । ଚଳିତ ମାସ ୮ ତାରିଖ ଭୋର୍ ପ୍ରାୟ ଅଢେଇଟା ସମୟରେ ସମସ୍ତ କର୍ମଚାରୀ ଶୋଇଥିବା ବେଳେ ଆସାମୀ କର୍ମଚାରୀ ସୁନୀଲ ସେଠୀ ସେଠାରୁ ୫ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଚୋରି କରି ଫେରାର ହୋଇଯାଇଥିଲା । ପ୍ରତିଷ୍ଠାନର ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବାରୁ ସୁନୀଲ ସେଠୀ ଚୋରି କରିଥିବା ଜଣାପଡିଥିଲା । ଏହାପରେ ପ୍ରୀତମ ନାୟକ ବଡଗଡ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ଆସାମୀ ସୁନୀଲକୁ ଗିରଫ କରି ୯ ତାରିଖରେ କୋର୍ଟଚାଲାଣ କରିଥିଲା । ଚଳିତ ମାସ ୧୪ତାରିଖରେ ଚାର୍ଜସିଟ୍ କରିଥିଲା ପୋଲିସ । ୧୭ ତାରିଖରୁ ପ୍ରୋସିକ୍ୟୁସନ୍ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା । ମାମଲାରେ ମୋଟ ୯ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୧୫ଟି ପ୍ରାସଙ୍ଗିକ ଦସ୍ତାବିଜ୍ କୋର୍ଟରେ ଉପସ୍ଥାପନ କରାଯାଇଥିଲା । ଏହିସବୁ ପ୍ରମାଣକୁ ନେଇ ତ୍ୱରିତ ବିଚାର ପ୍ରକ୍ରିୟା ପରେ କୋର୍ଟ ଆସାମୀ ସୁନୀଲ ସେଠୀକୁ ଦୋଷୀସାବ୍ୟସ୍ତ କରି ଏକବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି । ୧୮ ଦିନରେ ବିରଳ ଜେଲ୍‌ଦଣ୍ଡ ଘଟଣାକୁ ନେଇ କମିଶନରେଟ୍ ପୋଲିସରେ ଚର୍ଚ୍ଚା ହେଉଛି ।

## ବୋଲ୍ଟ ଏସ୍ ୫ଜି ଓ ଇଭୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର, (ସବ୍ୟୁ) : ଫାୟାର-ବୋଲ୍ଟର ହାଉସ୍‌ରୁ ଆସିଥିବା ଦେଶୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ବୋଲ୍ଟ ଆଜି ଏହାର ପ୍ରଥମ ସ୍ମାର୍ଟଫୋନ୍ ଏସ ୫ଜି ଓ ଇଭୋ ଲଂଚ କରି ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ ଘୋଷଣା କରିଛି। ଆଧୁନିକ ଭାରତୀୟ ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଥିବା ଏହି ଦୁଇ ସ୍ମାର୍ଟଫୋନ୍‌ରେ ଦକ୍ଷ ପ୍ରଦର୍ଶନ, ଏଆଇ ଚାଳିତ ଅନୁଭୂତି, ଇମର୍ସିଭ୍ ଡିସ୍‌ପ୍ଲେ ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ସହ ଦୈନନ୍ଦିନ ବ୍ୟବହାରର ଆବଶ୍ୟକ ବୈଶିଷ୍ଟ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏସ ୫ଜି ଓ ଇଭୋରେ ବଡ଼ ୬.୭୯ ଇଂଚ ଡିସ୍‌ପ୍ଲେ ସହ ୧୨୦ଏଚ ଜେଡ ରିଫ୍ରେଶ୍ ରେଟ୍ ରହିଛି। ଏହା ସ୍ମୁଥ୍ ସ୍କ୍ରୋଲିଂ, ଦ୍ରୁତ ପ୍ରତିକ୍ରିୟା ଓ ମନୋରଞ୍ଜନ, ବ୍ରାଉଜିଂ ଏବଂ କଂଟେଟ ଦେଖିବା ସମୟରେ ଇମର୍ସିଭ୍ ଅନୁଭୂତି ପ୍ରଦାନ କରେ। ଏହାର ଡିସ୍‌ପ୍ଲେରେ ସର୍ବାଧିକ ୬୦୦ ନିଟ୍‌ସ ଉଜ୍ଜ୍ୱଳତା




ରହିଥିବାରୁ ବିଭିନ୍ନ ପରିସ୍ଥିତିରେ ସ୍ୱଷ୍ଟ ଓ ଆରାମଦାୟକ ଭାବେ ସ୍କ୍ରିନ୍ ଦେଖିହେବ। ଆଣ୍ଡ୍ରଏଡ ୧୬ରେ ଚାଲୁଥିବା ଏହି ସ୍ମାର୍ଟଫୋନ୍‌ଗୁଡ଼ିକରେ କୌଣସି ଅନାବଶ୍ୟକ ବ୍ଲୋଟ୍‌ୱେୟାର ନଥିବା କ୍ଲିନ୍ ଆଣ୍ଡ୍ରଏଡ୍ ଅନୁଭୂତି ମିଳିବ। ଉଭୟ ଡିଭାଇସ୍‌ରେ ୬,୦୦୦ ଏମଏଏଚ ବ୍ୟାଟେରୀ ରହିଛି, ଯାହା ଷ୍ଟ୍ରିମିଂ, ଗେମିଂ, ସୋସିଆଲ୍ ମିଡିଆ, ମ୍ୟୁଜିକ୍ ଓ ନେଭିଗେସନ୍‌ରେ ଦୀର୍ଘ ସମୟର ବ୍ୟବହାର ସୁବିଧା ପ୍ରଦାନ କରେ। ମାତ୍ର ୭.୯୫ ମିମି ପତଳା ହୋଇଥିବାରୁ ଏହା ଆଧୁନିକ ଡିଜାଇନ୍ ସହ ଦୈନନ୍ଦିନ ବ୍ୟବହାରରେ ସୁବିଧାଜନକ ରହିଛି।

## ସାଂସଦ ଭାବେ ୭ ବର୍ଷର ହିସାବ ଦେଲେ ଅପରାଜିତା

### ୭ ବର୍ଷରେ ୭୦ ପ୍ରକାରର ବିକାଶ ଓ ଜନସେବା କାର୍ଯ୍ୟର ବିବରଣୀ ଦେଲେ

ଭୁବନେଶ୍ୱର, (ସବ୍ୟୁ) : ସାଂସଦ ଭାବେ ମୋର ୭ ବର୍ଷ ପୂର୍ତ୍ତି ଅବସରରେ ଏହି ୭ ବର୍ଷର କାର୍ଯ୍ୟର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ପ୍ରଶାସକ ଭାବେ ଏକ ସୁଦୀର୍ଘ ଓ ଗୌରବମୟ କାର୍ଯ୍ୟଜୀବନ ପରେ ରାଜନୀତିରେ ପ୍ରବେଶ କରିଥିବା ଅପରାଜିତା ଷଡ଼ଙ୍ଗୀ ୨୦୧୯ରେ ପ୍ରଥମଥର ପାଇଁ ଭୁବନେଶ୍ୱରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କର ପ୍ରଥମ ୫ ବର୍ଷର କାର୍ଯ୍ୟକାଳ ପୂରଣ କରିଥିଲେ। ୨୦୨୪ ନିର୍ବାଚନରେ ମଧ୍ୟ ଭୁବନେଶ୍ୱରବାସୀ ପୁଣିଥରେ ଅପରାଜିତାଙ୍କୁ ପ୍ରଥମ ପସନ୍ଦ ଭାବେ ବାଛିଥିଲେ। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ସେ ସାଂସଦ ଭାବେ ୭ ବର୍ଷରେ କରିଥିବା ୭୦ ପ୍ରକାରର ବିକାଶ ଓ ଜନସେବା କାର୍ଯ୍ୟର ବିସ୍ତୃତ ବିବରଣୀ ଉପସ୍ଥାପନ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବହନ, କ୍ରୀଡ଼ା ଓ କୃଷି ସମେତ ପାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ହୋଇଥିବା କାର୍ଯ୍ୟକୁ ପ୍ରମୁଖତା ଦିଆଯାଇଛି। ଏଥିସହ ବିଭିନ୍ନ ଅଂଶୀଦାରଙ୍କ ସହଯୋଗରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଏବଂ ପ୍ରଚାର-ପ୍ରସାର ପାଇଁ ହୋଇଥିବା ପ୍ରୟାସକୁ ମଧ୍ୟ ରିପୋର୍ଟରେ ସ୍ଥାନ ଦିଆଯାଇଛି। ସଂସଦୀୟ କ୍ଷେତ୍ର ୮ଟି ବ୍ଲକ୍ ଏବଂ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜନଶୁଣାଣି ସମୟରେ ଲୋକମାନେ ଉଠାଇଥିବା ଦାବି ଓ ଆବଶ୍ୟକତା ଆଧାରରେ ହୋଇଥିବା ପ୍ରମୁଖ ବିକାଶ ଓ ଜନସେବା କାର୍ଯ୍ୟଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାର ରାମେଶ୍ୱରଠାରୁ କଟକର ଟାଙ୍ଗୀ ପର୍ଯ୍ୟନ୍ତ ୧୧୧ କିଲୋମିଟରର ଦୀର୍ଘ ୬-ଲେନ୍ ବିଶିଷ୍ଟ ସଡ଼କ ପାଇଁ ୮,୩୦୭ କୋଟି ମଞ୍ଜୁର ହୋଇଛି। ଏହା ସହିତ ଖୋର୍ଦ୍ଧା, ବାଘମାରୀ, ରାଜସୁନାଖଳା, ବେଗୁନିଆ ଏବଂ ପୁରୁସାହି ବାଇପାସ୍‌କୁ ସଂଯୋଗ କରୁଥିବା ବିଭିନ୍ନ ସଡ଼କ ପ୍ରକଳ୍ପ, ପଳାସୁଣି ବ୍ରିଜ୍‌ର ସମ୍ପ୍ରସାରଣ, ପଳାସୁଣି-ରସୁଲଗଡ଼ ରାସ୍ତାର ଭିତ୍ତିଭୂମି ବିକାଶ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ୩୭ଟି ସଡ଼କ ପ୍ରକଳ୍ପର ବିବରଣୀ ରିପୋର୍ଟରେ ରହିଛି। ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ସ୍ଥାନରେ ବ୍ରିଜ୍ ନିର୍ମାଣ ସହିତ ୨୪୦ କୋଟି ବ୍ୟୟରେ ୭ଟି ଫ୍ଲାଏଓଭର ଏବଂ ୧୮୬ କୋଟି ବ୍ୟୟରେ ୧୭ଟି ଅଣ୍ଡରପାସ୍ ନିର୍ମାଣ କରାଯାଇଛି ବୋଲି ରିପୋର୍ଟ କାର୍ଡରେ ଉଲ୍ଲେଖ ରହିଛି। ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବିକାଶ ସହ ଭୁବନେଶ୍ୱର, ମଞ୍ଚେଶ୍ୱର



ଓ ଲିଙ୍ଗରାଜ ରେଳ ଷ୍ଟେସନର ନବୀକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପଟିଆ ଓ କଳାରାହାଙ୍ଗାଠାରେ ରେଳ ଓଭରବ୍ରିଜ୍ ଏବଂ ଅତ୍ରି, ସାନପଦର, ତାରାବୋଇ ଓ ବୋଲଗଡ଼ ଷ୍ଟେସନରେ ଟ୍ରେନ୍ ରହଣି ବ୍ୟବସ୍ଥା କରାଯାଇଥିବା କଥା ମଧ୍ୟ ଉଲ୍ଲେଖ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂସଦୀୟ କ୍ଷେତ୍ରରେ ସେବା ବ୍ୟବସ୍ଥାର ଉନ୍ନତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବ୍ଲକ୍ ସ୍ତରରେ ଏମ୍‌ପି ମେଡିକାଲ୍ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏଥିରେ ୩୦,୦୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ପ୍ରଦାନ କରାଯାଇଛି। ପାନୀୟ ଜଳ ଯୋଗାଣ, ଭୁବନେଶ୍ୱରରେ ସ୍ୱେରେଜ୍ ନେଟୱର୍କର ବିକାଶ, ଜଳସେଚନ ବ୍ୟବସ୍ଥାର ଉନ୍ନତି ଏବଂ ବିଭିନ୍ନ କେନାଲ୍ ଓ ଗଙ୍ଗୁଆ ଡ୍ରେନେଜ୍ ଚ୍ୟାନେଲର ବ୍ୟାପକ ପୁନରୁଦ୍ଧାର ସମ୍ପର୍କିତ କାର୍ଯ୍ୟର ବିବରଣୀ ମଧ୍ୟ ରିପୋର୍ଟରେ ରହିଛି।

କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବେଗୁନିଆରେ ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ସହ ବିଭିନ୍ନ ସ୍ଥାନରେ ମାଗଣା କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି। ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ପାଣ୍ଡରାଠାରେ ୫୭ କୋଟି ଆନୁମାନିକ ବ୍ୟୟରେ ଆଧୁନିକ ମାଛ ବଜାର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଅନେକ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି। ସହିଦନଗର ହାଟ ପାଇଁ ମଧ୍ୟ ଜମି ଯୋଗାଇ ଦିଆଯାଇଛି। ବାଲିଅନ୍ତାର ଜଗନ୍ନାଥପୁରରେ ୧୫ ଏକର ଜମିରେ ୨୫୦ କୋଟି ନିବେଶରେ ବୃହତ୍ ପରିମାଣର ବୟନ ଓ ପୋଷାକ ଉତ୍ପାଦନ କାରଖାନା ପ୍ରତିଷ୍ଠା କାର୍ଯ୍ୟ ଚାଲିଛି। ଏଥିସହ ଯୋଗ ଓ ନେଚରୋପାଥି ଗବେଷଣା ପ୍ରତିଷ୍ଠାନର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।

ଖୋର୍ଦ୍ଧାରେ ଏକ ସାଂସ୍କୃତିକ ଅଡିଟୋରିୟମ୍ ଏବଂ ଭୁବନେଶ୍ୱରରେ ଏକ ଆଧୁନିକ ଆର୍ଟ ଗ୍ୟାଲେରୀ ପାଇଁ ପ୍ରାୟ ୬୩୦ କୋଟି ବ୍ୟୟରେ ଚାଲିଥିବା କାର୍ଯ୍ୟକୁ ମଧ୍ୟ ରିପୋର୍ଟରେ ସ୍ଥାନ ଦିଆଯାଇଛି। ରିପୋର୍ଟ କାର୍ଡ ଅନୁଯାୟୀ, ସଂସଦୀୟ କ୍ଷେତ୍ରରୁ ମିଳିଥିବା ମୋଟ ୨୩,୪୭୮ଟି ଜନଅଭିଯୋଗ ମଧ୍ୟରୁ ୨୦,୭୬୧ଟି ଅଭିଯୋଗର ସମାଧାନ କରାଯାଇଛି। ଅର୍ଥାତ୍ ପ୍ରାୟ ୮୮ ପ୍ରତିଶତ ଜନଅଭିଯୋଗର ସମାଧାନ ହୋଇଛି। ଏହି ରିପୋର୍ଟ କାର୍ଡ ମାଧ୍ୟମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ତାଙ୍କର ୭ ବର୍ଷର ବିକାଶ ଓ ଜନସେବା କାର୍ଯ୍ୟର ଏକ ବିସ୍ତୃତ ହିସାବ ଉପସ୍ଥାପନ କରିଛନ୍ତି।

## ଠିକା କମ୍ପାନୀ ମାଲିକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ଜେଏମ୍‌ଏଫ୍‌ସି କୋର୍ଟ ଠକେଇ ମାମଲାର ତୁରନ୍ତ ବିଚାର କରି ପ୍ରଭାକର କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ମହାରଣାକୁ ଦୋଷୀସାବ୍ୟସ୍ତ କରି ୩ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଭୁବନେଶ୍ୱର ପାତ୍ରପଡା ଅଞ୍ଚଳର ବିଧବା ମହିଳା ସ୍ନେହଲତା ସାହୁ ନିଜ ଘର ନିର୍ମାଣ ପାଇଁ ୨୦୧୯ ମସିହା ମାର୍ଚ୍ଚ ୫ ତାରିଖରେ ଅଭିଯୁକ୍ତଙ୍କ ସଂସ୍ଥା ସହ ମୋଟ ୨୭ଲକ୍ଷ ୬୪ ହଜାର ୫୦୦ ଟଙ୍କାର ଏକ ଚୁକ୍ତି କରିଥିଲେ । ଚୁକ୍ତି ମୁତାବକ ସେ ଫାଉଣ୍ଡେସନ ଏବଂ ପ୍ଲିନ୍ଥ ନିର୍ମାଣ ପାଇଁ ୨୦ପ୍ରତିଶତ ଲେଖାଏଁ ଅର୍ଥ ଦେଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତର ଦାବି ମୁତାବକ ସେ ଆହୁରି ୧ଲକ୍ଷ ୨୬ ହଜାର ଟଙ୍କା ଏବଂ ୧ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ ମଧ୍ୟ ଅଭିଯୁକ୍ତ ଛାତ ପଡିବା ପୂର୍ବରୁ କାମ ଅଧାରେ ଛାଡି ପଳାଇଥିଲେ । ପରେ ଖଣ୍ଡଗିରି ଥାନାରେ ପଚରାଉଚରା ବେଳେ ୨୦୧୯ ମସିହା ନଭେମ୍ବର ୧୯ ତାରିଖରେ ଅଭିଯୁକ୍ତ ଟଙ୍କା ଫେରାଇବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦେବା ସହ ୫ଲକ୍ଷ ୪୭ ହଜାର ଟଙ୍କାର ଏକ ଚେକ୍ ଦେଇଥିଲା । ତେବେ ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟ ବନ୍ଦ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା । ବାଧ ହୋଇ ଅଭିଯୋଗକାରିଣୀ ମାନ୍ୟବର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡଗିରି ଥାନା ପୋଲିସ ସିଆର୍‌ପିସିର ଧାରା ୧୫୬ (୩) ଅନୁଯାୟୀ ଏକ ଠକେଇ ମାମଲା ରୁଜୁ ହୋଇଥିଲା । ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ପ୍ରଦୀପ କୁମାର ମହାରଣାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା । ଆବଶ୍ୟକ ପ୍ରମାଣ ଅନୁଯାୟୀ ଅଭିଯୁକ୍ତର ଠକେଇ ଉଦ୍ଦେଶ୍ୟ ପ୍ରୋସିକ୍ୟୁସନ କୋର୍ଟରେ ପ୍ରମାଣିତ କରିଥିଲେ । ଦର୍ଘ ୪ବର୍ଷ ଧରି ଚାଲିଥିବା ଏହି ମାମଲା ବିଚାର କରି ବୁଧବାର କୋର୍ଟ ଆସାମୀ ପ୍ରଦୀପ କୁମାର ମହାରଣାଙ୍କୁ ଆଇପିସିର ଧାରା ୪୨୦ ଆଧାରରେ ଦୋଷୀସାବ୍ୟସ୍ତ କରି ୩ବର୍ଷ ସଶ୍ରମ ଜେଲ୍‌ଦଣ୍ଡାଦେଶ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

### ଅଗ୍ନିବୀର ପରୀକ୍ଷାରେ ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡ଼େମୀରେ

## ସଫଳତା ପାଇଥିବା ପ୍ରାର୍ଥୀମାନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଜେପିଟି) ଦ୍ୱାରା ପରିଚାଳିତ ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡ଼େମୀ ପକ୍ଷରୁ ଅଗ୍ନିବୀର ପରୀକ୍ଷାରେ ସଫଳତା ହାସଲ କରିଥିବା ଯୁବ ପ୍ରାର୍ଥୀମାନଙ୍କୁ ଅଗଷ୍ଟ ୨୬ ତାରିଖ ଦିନ କଟକର ନରଣପୁର, ବାରଙ୍ଗଠାରେ ଥିବା ଏକାଡ଼େମୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ସମ୍ମାନିତ କରାଯାଇଛି । ଓଜେପିଟିର ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡ଼େମୀର ୨୦୨୬ ମସିହାର ପ୍ରଥମ ବ୍ୟାଚ୍‌ର ପ୍ରାର୍ଥୀମାନେ ଭାରତୀୟ ସେନାର ଅଗ୍ନିବୀର ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ୧୦୦% ସଫଳତା ହାସଲ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର୍, ସନ୍ତୋଷ କୁମାର ଶତପଥୀ, ନମ୍ରତା ଚଢ଼ା, ଡାଇରେକ୍ଟର ଆଇ.ଆଇ.ଜି ଭାରସିଟି, ଅଦିତ୍ ଜେନା, ପୂର୍ବତନ ଏନ୍. ସି. ସି. ଗ୍ରୁପ୍ କମାଣ୍ଡର୍ ଏବଂ ସିନିୟର୍ ଆର୍ମୀ ଅଫିସର୍, କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ସମେତ ସମ୍ମାନୀତ ଅତିଥି




ମାନେ ଉପସ୍ଥିତ ଥିଲେ । ଆୟୋଜିତ ଏହି ସମାରୋହରେ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରଶିକ୍ଷକ ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ସମ୍ମାନୀତ ଅତିଥିମାନେ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କର ପରିଶ୍ରମ, ଶୃଙ୍ଖଳା ଓ ସମର୍ପଣକୁ ପ୍ରଶଂସା କରିଥିଲେ । ଓଜେପିଟିର ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡ଼େମୀର୨୦୨୬ର ପ୍ରଥମ ବ୍ୟାଚ୍‌ର ସମସ୍ତ ପ୍ରାର୍ଥୀ, ଯେଉଁମାନେ ଅଗ୍ନିବୀର ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲେ, ସମସ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ସଫଳତା ପାଇଥିବା ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ପରିଶ୍ରମ, ଅଭିଭାବକମାନଙ୍କ ସହଯୋଗ ଏବଂ ପ୍ରଶିକ୍ଷକମାନଙ୍କ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ। ଯୁବ ପ୍ରଶିକ୍ଷଣ ଏକାଡ଼େମୀରେ ଗତ ୧୮ ମାସ ମଧ୍ୟରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ସରକାରୀ ଚାକିରି ହାସଲ କରିବା ସହିତ ବିଭିନ୍ନ ୟୁନିଫର୍ମଡ୍ ସର୍ଭିସ୍‌ରେ ନିଯୁକ୍ତ ପାଇଛନ୍ତି। ଏହା ସହିତ ୩୦ ଜଣ ଛାତ୍ର ଅଧିକାରୀ ଭାବେ ସଶସ୍ତ୍ର ବାହିନୀରେ ଯୋଗଦାନ କରିଛନ୍ତି । ଏଥି ସହିତ ଯୁବପିଢ଼ିମାନଙ୍କୁ ରୋଜଗାର ଓ ଆତ୍ମନିର୍ଭରଶୀଳତାର ସୁଯୋଗ ପ୍ରଦାନ ସହିତ ଓଜେପିଟି ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ସଶକ୍ତିକରଣ, ଯୁବପିଢିମାନଙ୍କୁ ନିଯୁକ୍ତି ଓ ସାମାଜିକ ସେବା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସକ୍ରିୟ ଭାବେ ଜଡ଼ିତ ରହିଆସିଛି।

## ମହାମ୍ମଦ ଜୟନ୍ତୀରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା

କଟକ(ସବ୍ୟୁ) : ପ୍ରଫେଟ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଆଜି ମୁସଲମାନ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ଆୟୋଜିତ ଏକ ବିଶାଳ ଶୋଭାଯାତ୍ରାକୁ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ବକ୍ସି ବଜାର ଛକଠାରେ ସମ୍ବର୍ଦ୍ଧନା ଜଣାଯାଇଛି। ଏକ ମଞ୍ଚରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜ ମସଜିଦର ଶୋଭାଯାତ୍ରାରେ ଅଂଶଗ୍ରହଣକାରୀଙ୍କୁ କଟକ ମେୟର ସୁବାସ ସିଂହ, ରାମଜାନ ଖାନ, ଏକାମ୍ର ହୁସେନ, ମହମ୍ମଦ ସକିଲ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଲଡୁ ପ୍ୟାକେଟ ପ୍ରଦାନ



କରି ସମ୍ବର୍ଦ୍ଧିତ କରିଛନ୍ତି।ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଯାହାର ସଭାପତିତ୍ୱ କରିଥିଲେ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା (ସହର) ସଭାପତି ଆଇନଜୀବୀ ସ୍ୱଦେଶ ଦାସ। ସଭାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ଉପସଭାପତି ଆଇନଜୀବୀ ଶଶୀ ଭୂଷଣ ଦାସ, ଜିଲ୍ଲା ମହିଳା ସଭା ନେତ୍ରୀ ଏ ଶ୍ରୀଦେବୀ, ଜିଲ୍ଲା ଯୁବ ସଭାପତି ସୌମ୍ୟ ଦର୍ଶନ ବେହେରା, ଜିଲ୍ଲା ଛାତ୍ର ସଭାପତି ଶିବ ଶଙ୍କର ସିଂ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, ସଞ୍ଜୟ ବରାଳ, ସ୍ମୃତି ରଞ୍ଜନ ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଉପସଭାପତି ଦେବେନ୍ଦ୍ର କାହାଳି, ବିକାଶ ବେହେରା, ନିମାଇଁ ବିଶ୍ୱାଳ, ପୂର୍ବତନ ମେୟର ଅନିତା ବେହେରା, ସାଧାରଣ ସମ୍ପାଦକ କାଳୀଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରଚାରିତ ହୋଇଥିଲା।

### ଓଡ଼ିଶା ଅସ୍ମିତା କଥା କହୁଥିବା ରାଜନୈତିକ ଦଳ

## ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଆଗଭର ହୁଅନ୍ତୁ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ବିଜେପି ଖଣି ଅଧିନିୟମ ସଂଶୋଧନ ଆଇନ ଓଡ଼ିଆ ସ୍ୱାର୍ଥ ବିରୋଧି ହୋଇଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସଂସଦ ସଦସ୍ୟ ଓ କେନ୍ଦ୍ରମନ୍ତ୍ରୀମାନେ ଏହି ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କ ଠାରେ ଦାବୀ କରିବା ପାଇଁ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବି କରିଛନ୍ତି। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ କେରଳ ରାଜ୍ୟର ସ୍ୱାର୍ଥ ପାଇଁ ସିପିଏମ୍ ନେତାମାନଙ୍କ ସହ କଂଗ୍ରେସ ମୁଖ୍ୟମୁଖ୍ୟମନ୍ତ୍ରୀ ଓମେନ ଚଣ୍ଡି ଧାରଣାରେ ବସିଥିଲେ। ସେହିପରି ପଶ୍ଚିମବଙ୍ଗଳାର ସ୍ୱାର୍ଥ ପାଇଁ କମ୍ୟୁନିଷ୍ଟମାନଙ୍କ ସହ କଂଗ୍ରେସ ସରକାର ଥିବାବେଳେ କଂଗ୍ରେସ ନେତାମାନେ ଧାରଣା ଦେବାର ନଜର ଅଛି। କଂଗ୍ରେସ ସରକାର ଥିଲାବେଳେ ନାଲ୍‌କୋ ଘରୋଇକରଣ ଦାବୀରେ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ମୁଁ ସାଂସଦ ଭାବରେ ଗିରଫ ହୋଇଥିଲି ଏବଂ ଦିଲ୍ଲୀରେ ସଂସଦ ଆଗରେ ଧାରଣା ଦିଆଯାଇଥିଲା। ଏଣୁ ଓଡ଼ିଶା ରାଜ୍ୟର ସ୍ୱାର୍ଥ ପାଇଁ ବିଜେପିର ଓଡ଼ିଶା ନେତାମାନେ କେନ୍ଦ୍ର ସରକାରଙ୍କ ପାଖରେ ଆଇନ ପ୍ରତ୍ୟାହାର କରିବା ଦାବୀ ଉପସ୍ଥାପିତ କରିବା ଆବଶ୍ୟକ। ୨୦୨୬ର ଧାରା ୯ (ଡି) କାର୍ଯ୍ୟକାରୀ ହେଲେ, ୨୦୨୪ ରେ ସୁପ୍ରିମକୋର୍ଟର ରାୟର ଅକାମୀ ହେବ। ଖଣି ଖାଦାନ ଥିବା ୧୫ ଟି ରାଜ୍ୟ ଖଣି ରୟାଲଟି ସଂଗ୍ରହ କରିପାରିବେ ନାହିଁ ଏବଂ ବକେୟା




ପାଉଣା ଜୋରିମନା ମଧ୍ୟ ସଂଗ୍ରହ କରିପାରିବେ ନାହିଁ। ଯାହାଫଳରେ ଓଡ଼ିଶାର ଲକ୍ଷକୋଟିର ଉର୍ଦ୍ଧ୍ୱ ଟଙ୍କା ଓଡ଼ିଶା ରାଜକୋଷ ହରାଇବ। ସମଗ୍ର ଦେଶର ୩୩ ରୁ ୩୫ % ଲୁହାପଥର କେବଳ ଓଡ଼ିଶାରେ ଅଛି। ପ୍ରତିବର୍ଷ ଭାରତରୁ ଉତ୍ପାଦିତ ଉତ୍ପାଦନ ଓ ରପ୍ତାନି ହେଉଥିବା ୫୦% ଲୁହାପଥର କେବଳ ଓଡ଼ିଶାରୁ ଯାଉଛି। ଭାରତବର୍ଷର ସମୁଦାୟ କ୍ରୋମାଇଟ୍ ଡିପୋଜିଟର ୯୮% ୧୮୮ ମିଲିୟନ ଟନ କେବଳ ଓଡ଼ିଶାରେ ଅଛି। ବକ୍‌ସାଇଟର ୫୧ ରୁ ୫୯% କେବଳ ଓଡ଼ିଶାରେ ଅଛି। ୧୨୫ବିଲିଅନ୍ ଟନ୍ ବକ୍‌ସାଇଟ ଗଚ୍ଛିତ ଅଛି। ତେଣୁ ଓଡ଼ିଶା ରାଜ୍ୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଏବର୍ଷର ଓଡ଼ିଶା ରାଜ୍ୟର ୩ ଲକ୍ଷ ୧୦ କୋଟି ଟଙ୍କା ବଜେଟର ମୁଖ୍ୟ ଅଂଶ ଓଡ଼ିଶାର ଖଣି ରୟାଲଟି ଓ ଜୋରିମନାର ଆସିଛି। ଏଣୁ ଏହାର ପ୍ରଭାବ ରାଜ୍ୟ ବଜେଟ ଉପରେ ପଡିବ। କେନ୍ଦ୍ର ସରକାର ଖଣିଜ ପଦାର୍ଥର ଦର ଓ ସମାନତା ଆଣିବା ପାଇଁ ଶିଳ୍ପପତିମାନଙ୍କୁ ସୁବିଧା ଦେବା ପାଇଁ ବ୍ୟସ୍ତ ହେଉଥିବାବେଳେ ଶ୍ରମିକମାନଙ୍କର ମଜୁରୀରେ ମନେରେଗା ୨୨୨ଟଙ୍କା ଥିବାବେଳେ ଓଡ଼ିଶା ସର୍ବନିମ୍ନ ମଜୁରୀ ୪୭୨ ଟଙ୍କା, ଦିଲ୍ଲୀର ସର୍ବନିମ୍ନ ମଜୁରୀ ୨୧ ହଜାର ଟଙ୍କା, କର୍ଣ୍ଣାଟକର ସର୍ବନିମ୍ନ ମଜୁରୀ ୨୩ ହଜାର ଟଙ୍କା, ତେଲେଙ୍ଗାନାର ସର୍ବନିମ୍ନ ମଜୁରୀ ୨୨ ହଜାର ଟଙ୍କା ପରିବର୍ତ୍ତେ ସମଗ୍ର ଦେଶରେ ଏକ ଦେଶ ଏକ ମଜୁରୀ କରାଯାଇପାରିବ ନାହିଁ କାହିଁକି ? ଓଡ଼ିଶାରେ ଓ ସାରାଦେଶରେ ଥିବା ଗଚ୍ଛିତ ଖଣିଜ ସମ୍ପଦ କେବଳ କଂଚାମାଲ ଭାବେ ରପ୍ତାନି କରିବା ଆବଶ୍ୟକ। ଉତ୍ପାଦିତ ଖଣିଜ ଦ୍ରବ୍ୟ କେବଳ ଦେଶର ଶିଳ୍ପରେ ବ୍ୟବ÷ହୃତ ହେବା ଆବଶ୍ୟକ। ଯଦି ସମସ୍ତ ଖଣିଜ ସମ୍ପଦକୁ କେବଳ କଂଚାମାଲ ଭାବରେ ରପ୍ତାନି କରାଯାଏ ତେବେ ୫୦ ବର୍ଷ ପରେ ଦେଶରେ ଓ ଓଡ଼ିଶାରେ ଖଣିଜ ସମ୍ପଦ ଗଚ୍ଛିତ ସରିଯିବାର ଆଶଙ୍କା ଅଛି। ତେଣୁ କଂଚାମାଲ ଖଣିଜ ସମ୍ପଦକୁ ରପ୍ତାନି ବନ୍ଦ କରିବା ପାଇଁ ଡ. ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି। ଏହି ଆଇନ୍ ପରିବର୍ତ୍ତନ ନ ହେଲେ ଶ୍ରମିକ କର୍ମଚାରୀ, ଚାଷୀ, ମୂଲିଆ ଖଣିଜ ପ୍ରଧାନ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ବରଗଡ, ଝାରସୁଗୁଡା, ଅନୁଗୁଳ, ତାଳଚେର, ଢେଙ୍କାନାଳ ଜିଲ୍ଲାମାନଙ୍କରେ ଓଡ଼ିଶା ବନ୍ଦ, ଅର୍ଥନୈତିକ ଅବରୋଧ ଓ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଖୁଂଟିଆ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ହିମାଂଶୁ ଲେଙ୍କା, ଡ. ମନୀଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

### କଟକରେ ବଳ ବଢାଉଛି ବିଜେପି

## ଜିଲ୍ଲା ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): କଟକରେ ବଳ ବଢାଉଛି ବିଜେପି । ବୁଧବାର କଟକ ଜିଲ୍ଲା ବିଜେପି ପକ୍ଷରୁ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ବିଜେପିରେ ନୂତନ ଭାବେ ଯୋଗଦେଇଥିବା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ ସ୍ଥିତ ହର୍ଷଗେଟ ସମ୍ମିଳନୀ କକ୍ଷରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଦଳର ଜିଲ୍ଲା, ଓବିସି, ମହିଳା, ଯୁବ ଓ ଆଇଟି ସେଲର କର୍ମକର୍ତ୍ତାମାନେ ଡ. ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଡ. ବିଶ୍ୱାଳ କହିଥିଲେ ଯେ, କୌଣସି ଅଧିକାର କିମ୍ବା ପଦପଦବୀ ପାଇବା ଉଦ୍ଦେଶ୍ୟରେ ସେ ବିଜେପିକୁ



ଆସିନାହାନ୍ତି । ଦଳ ପାଇଁ କର୍ମ କରିବା ହିଁ ତାଙ୍କର ଲକ୍ଷ୍ୟ । ଗୁଣ୍ଡିଚି ମୂଷା ପରି ନିଷ୍ଠାର ସହ ଦଳ ପାଇଁ କାମ କରିବେ ବୋଲି ସେ କହିଥିଲେ ।ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ଯେପରି ସଂଖ୍ୟାଗରିଷ୍ଠତା ହାସଲ କରିବ, ସେଥିପାଇଁ ଏବେ ଠାରୁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ଦଳୀୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ଜ୍ଞାନେନ୍ଦ୍ର ବେହୁରା, ପୂର୍ବତନ ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡ୍ଡୁ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବଜେନ୍ଦ୍ର ରାୟ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରଶ୍ମିରେଖା ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଓ ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ମଞ୍ଚାସୀନ ଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଦ୍ଧିତ ଚିନି ଦରକୁ ନେଇ ବୁଗୁଡ଼ାରେ ମିଠା ମହଙ୍ଗା



ବୁଗୁଡ଼ା, (ସବ୍ୟୁ) : ଏପଟେ ଚିନି ଦର ଅହେତୁକ ଭାବେ ବୃଦ୍ଧି ପାଇଥିବା ବେଳେ ସେପଟେ ରାକ୍ଷୀପୂର୍ଣ୍ଣିମା ପୂର୍ବରୁ ବୁଗୁଡା ଅଞ୍ଚଳରେ ଥିବା ମିଷ୍ଟାନ୍ନ ଭଣ୍ଡାରରେ ମିଠା ଦର ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି । ଫଳରେ ଲୋକେ ମିଷ୍ଟାନ୍ନ କିଣିବା ବେଳେ ଟିକେ ବାଧୁଛି । ରସଗୋଲା ଓ ଜିଲାପି ଠାରୁ ଆରମ୍ଭ କରି ଛେନାପୋଡ ଏବଂ ବିଭିନ୍ନ କିସମର ଛେନାମିଠା ଯାଏଁ ସବୁର ଦର ବୃଦ୍ଧି ପାଇବାରେ ଲାଗିଛି । ପାର୍ବଣ ଋତୁ ଆସୁଥିବାରୁ ମିଠାର ଚାହିଦା ଅଧିକ ରହିବାର ଯଥେଷ୍ଟ ସମ୍ଭାବନା ରହିଛି । ଗରୀବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ କିପରି ରାକ୍ଷୀପୂର୍ଣ୍ଣିମାରେ ମିଠା କିଣିବେ ତାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ।

ଚିନିର ଦର ହଠାତ ଆଶାତୀତ ଭାବେ ବୃଦ୍ଧି ଯୋଗୁଁ ମିଠା ବ୍ୟବସାୟୀ ଦରବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି । ଚିନିର ମୂଲ୍ୟ ବୃଦ୍ଧି ଯୋଗୁଁ ମିଠାଦର ବି ମହଙ୍ଗା ହୋଇଛି । ଏଥିପାଇଁ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବିଗତ କିଛି ଦିନ ହେଲା ଛେନା ଓ ଚିନିଦର ବୃଦ୍ଧି ପାଇଛି । ଖୋଲା ବଜାରରେ ଚିନିର ଦର ଦିନକୁ ଦିନ ବୃଦ୍ଧି ପାଇଥିବା ଯୋଗୁଁ ବୁଗୁଡା ଅଞ୍ଚଳରେ ବିଭିନ୍ନ ପ୍ରକାରର ମିଠାର ଦର ମଧ୍ୟ ମହଙ୍ଗା ହେବାରେ ଲାଗିଛି । ସପ୍ତାହେ ପୂର୍ବେ ଯେଉଁ ଗୋଟିଏ ମିଠା ୫ ଟଙ୍କାରେ ବିକ୍ରୀ ହେଉଥିଲା ତାହା ବର୍ତ୍ତମାନ ବୃଦ୍ଧି ପାଇ ୭ ଟଙ୍କାରେ ପହଞ୍ଚିଛି ଏବଂ ପ୍ରତ୍ୟେକ ମିଠା କିଲୋଗ୍ରାମ ପ୍ରତି ୨୦ରୁ ୫୦ ପର୍ଯ୍ୟନ୍ତ ଟଙ୍କା ବୃଦ୍ଧି ପାଇଛି । ବୁଗୁଡା ସହରର ମଦନ ମୋହନ ଛକ, ମୁଖ୍ୟ ସଡକ ଏବଂ ଅନ୍ୟ ସ୍ଥାନ ଗୁଡିକରେ ଥିବା ମିଠା ଦୋକାନ ଗୁଡିକରେ ବିଭିନ୍ନ ପ୍ରକାର ମିଠା ବିକ୍ରି ହେଉଛି । ଅନ୍ୟପକ୍ଷରେ କେତେକ ଅସାଧୁ ବ୍ୟବସାୟୀ ଦରବୃଦ୍ଧି ପୂର୍ବରୁ ନିଜ ନିଜ ଗୋଦାମରେ ପ୍ରଚୁର ପରିମାଣର ଚିନି ମହଜୁଦ ରଖିଥିବା ବେଳେ ଏବେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏଣୁ, ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ କଳାବଜାରୀଙ୍କ ଗୋଦାମ ଉପରେ ଅତର୍କିତ ଚଢଉ କରିବା ସାଙ୍ଗକୁ ବର୍ଦ୍ଧିତ ଚିନିଦର ଏବଂ ମିଠାଦରକୁ ନିୟନ୍ତ୍ରଣ କରିବାକୁ ଦାବି ହେଉଛି ।

# ୩ ବର୍ଷର ଶିଶୁପୁତ୍ର ପେଟରେ ଲୁହାକଣ୍ଟା, ଚିନ୍ତାରେ ପରିବାର



ଭଞ୍ଜନଗର, (ସବ୍ୟୁ) : ତିନି ବର୍ଷର ପୁଅ ପେଟରେ ଲୁହାକଣ୍ଟା । ଖେଳୁଥିବା ସମୟରେ ରାସ୍ତାରୁ ଗୋଟାଇ ଲୁହା କଣ୍ଟାଟି ଗିଳି ଦେଇଥିଲା । ଏବେ ଗତ ପ୍ରାୟ ଏକମାସ ହେଲା, ପୁଅ ପେଟରେ ରହିଛି କଣ୍ଟା । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଚଢିଆପଲ୍ଲୀ ଗାଁରେ ନଜରକୁ ଆସିଛି ଏଭଳି ଘଟଣା । ଏହି ଗାଁର ତୋଫାନ ଜେନାଙ୍କ ତିନି ବର୍ଷର ପୁଅ ଆକାଶର ଏଭଳି ଅବସ୍ଥା । ପ୍ରଥମେ ଭଞ୍ଜନଗର ଏବଂ ପରେ ବ୍ରହ୍ମପୁର ମେଡିକାଲ କୁ ନେଇ ପୁଅ ପେଟରୁ କଣ୍ଟା ବାହାର କରିବାକୁ ଡାକ୍ତରଙ୍କୁ ନେହୁରା ହେଲେ । ଡାକ୍ତର କହିଲେ ଅପରେସନ ହେବ । କିଛି ଦିନ ପରେ କହିଲେ, ଅପରେସନ୍ ନକରି ଅପେକ୍ଷା କରିବାକୁ । ଝାଡ଼ା ହେଲେ, ମଳଦ୍ୱାର ଦେଇ ତାହା ଆପେ ଆପେ ବାହାରିଯିବ ବୋଲି କହିଲେ ଡାକ୍ତର । ହେଲେ ଆଜି ଯାଏଁ ପେଟରୁ କଣ୍ଟା ବାହାରି ପାରି ନାହିଁ । ଏନେଇ ଚିନ୍ତାରେ ପରିବାର ଲୋକେ । ବାପା ତୋଫାନ ଜେନା, ଦିନ ମଜୁରିଆ ଭାବେ କାମ କରନ୍ତି ।

ଅନ୍ୟର ମୂଲ ଲାଗିଲେ, ସନ୍ଧ୍ୟାରେ ଯାହା ମିଳେ ସେଥିରେ ଘର ଚଳେ । ଦୁଇ ପୁଅ ମଧ୍ୟରେ, ଆକାଶ ସାନ ପୁଅ । ଗଲା ପ୍ରାୟ ୧ ମାସ ହେବ, ପୁଅ ପେଟରେ ଲୁହା କଣ୍ଟା ରହିଥିବାରୁ ତାକୁ ନେଇ ଏବେ ବିବ୍ରତ ହୋଇ ପଡିଛନ୍ତି । ଅନ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେବାକୁ, ପାଖରେ ଅର୍ଥ ନାହିଁ । ଏବେ ସେ ସରକାରୀ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲୋଡ଼ିଛନ୍ତି । କାରଣ ପୁଅ ପେଟରେ ଥିବା, ଲୁହାକଣ୍ଟା ବାହାରିବାରେ ଯେତିକି ବିଳମ୍ବ ହେଉଛି ବାପା ଓ ମା' ସେତିକି ଭାଙ୍ଗିପଡୁଛନ୍ତି । ଏ ସଂକ୍ରାନ୍ତରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।

# ଚର୍ଚ୍ଚାରେ ବିଷାକ୍ତ ଓ ନକଲି ପନିର ବେପାର, ଚିନ୍ତାରେ ଖାଉଟି

ବୁଗୁଡ଼ା, (ସବ୍ୟୁ) : ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ଓ ଅପମିଶ୍ରିତ ପନିର କାରବାର ପଦାକୁ ଆସିବା ପରେ ଏହାର ପ୍ରଭାବ ଏବେ ବୁଗୁଡା ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଛି । ବଜାରରେ ବିଷାକ୍ତ ତଥା ସିନ୍ଥେଟିକ୍ ପନିର ବିକ୍ରି ହେଉଥିବା ନେଇ ଖବର ପ୍ରସାରିତ ହେବା ପରେ ଏଠାକାର ସାଧାରଣ ଖାଉଟିମାନେ ଚିନ୍ତିତ ହୋଇପଡ଼ିଛନ୍ତି ।

ଆଗକୁ ବିଭିନ୍ନ ପର୍ବପର୍ବାଣି ଥିବାରୁ ବଜାରରେ ପନିର ଏବଂ ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀର ଚାହିଦା ବଢ଼ିଥାଏ । ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ସ୍ୱାସ୍ଥ୍ୟ ସହ ଖେଳି ମଇଦା,ୟୁରିଆ, ଡାଲଡା ଓ ବିଭିନ୍ନ ପ୍ରତିକୂଳ ରାସାୟନିକ ଦ୍ରବ୍ୟ ବ୍ୟବହାର କରି ପ୍ରସ୍ତୁତ ନକଲି ପନିର ବଜାରକୁ ଛାଡୁଥିବା ଅଭିଯୋଗ ହେଉଛି । ନିକଟରେ କଟକ ଓ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ହୋଇଥିବା ବଡ଼ଧରଣର ଚଢ଼ଉ ଏବଂ ଶହଶହ କିଲୋଗ୍ରାମ ନକଲି ପନିର ଜବତ ଘଟଣା ପରେ ଏହି ଭୟ ଆହୁରି ବଢ଼ିଯାଇଛି । ବୁଗୁଡା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ହୋଟେଲ, ଜଳଖିଆ ଦୋକାନ ଏବଂ ଖୁଚୁରା ବଜାରକୁ ମଧ୍ୟ ଏହି ସବୁ ଅଞ୍ଚଳରୁ ନକଲି ପନିର ଆସୁଥିବା ନେଇ ଗ୍ରାହକମାନେ ସନ୍ଦେହ ପ୍ରକାଶ କରୁଛନ୍ତି । ଏଭଳି ପନିର ପେଟ ରୋଗ, ଯକୃତ ଏବଂ କିଡନୀଜନିତ ସାଙ୍ଘାତିକ ସମସ୍ୟା ସୃଷ୍ଟି କରିବାର ଭୟ ରହିଛି । ସେଥିପାଇଁ ବୁଗୁଡା ସହର ସମେତ ଆଖପାଖ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ମିଠା ଦୋକାନ ଓ ହୋଟେଲରେ ଜୋରଦାର ଚଢ଼ଉ କରାଯାଉ ବୋଲି ଖାଉଟିମାନେ ଦାବି କରିଛନ୍ତି କେଉଁ କେଉଁ ସ୍ଥାନରୁ ଏହି ପନିର ଆସୁଛି, ତାହାର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ଜୋର ଧରିଛି ।

# ଲାୟନ୍ସ କ୍ଲବ୍ ବାରିପଦାର ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା

ବାରିପଦା, (ସବ୍ୟୁ): ପ୍ରତିବର୍ଷର ପରମ୍ପରାକୁ ବଜାୟ ରଖି ଲାୟନ୍ସ କ୍ଲବ୍ ବାରିପଦା ପକ୍ଷରୁ ଲାୟନ୍ସ ବିଲ୍ଡିଂ ଠାରେ ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ଏଥିରେ ୧୩ଟି ବିଦ୍ୟାଳୟର ୪୩ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଏକ ନୂତନ ଓ ସୃଜନଶୀଳ ବିଷୟବସ୍ତୁ ଉପରେ ଚିତ୍ରାଙ୍କନର ସୁଯୋଗ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ କଳ୍ପନାଶକ୍ତି, ସୃଜନଶୀଳତା ଓ କଳାତ୍ମକ ପ୍ରତିଭାର ପରିଚୟ ଦେଇଥିଲେ । ବର୍ଷାକୁ ଖାତିର ନକରି ଛୋଟ ଛୋଟ ପ୍ରତିଯୋଗୀଙ୍କ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଅଧିକ ସଫଳ କରିଥିଲା ।

ଏହି ଅବସରରେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିଥିଲେ । ପ୍ରତିଯୋଗିତାରେ ସଞ୍ଜନା ମହାନ୍ତ ପ୍ରଥମ, ଦେବାଶିଷ ଗିରି ଦ୍ୱିତୀୟ ଏବଂ ଇନ୍ଦ୍ରନୀଲ ଭୌମିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତାମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ମେରିଟ୍ ସାର୍ଟିଫିକେଟ୍ ଦିଆଯାଇଥିଲା । ସମସ୍ତ ଶିଶୁଙ୍କ ପାଇଁ ଜଳଖିଆର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ୍‌ର ବରିଷ୍ଠ ଓ ପୂର୍ବତନ ସଦସ୍ୟଙ୍କ ଉପସ୍ଥିତି ବିଶେଷ ଆକର୍ଷଣ ପାଲଟିଥିଲା । ଦୀର୍ଘବର୍ଷ ପରେ ଅନେକ ପୂର୍ବତନ ସଦସ୍ୟ ଏକତ୍ରିତ ହୋଇ ଏହି ଅବସରରେ ଯୋଗଦେଇଥିଲେ । ସେମାନଙ୍କ ଉପସ୍ଥିତିରେ କ୍ଲବ୍ ପରିସରରେ ଭାଇଚାରା, ପୁରୁଣା ସ୍ମୃତି ଓ ଉତ୍ସାହର ନିଆରା ପରିବେଶ ସୃଷ୍ଟି ହୋଇଥିଲା ।

ପ୍ରତିଯୋଗିତାର ବିଜେତାମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶନେବେ । ରାଜ୍ୟସ୍ତରରେ ସଫଳ ପ୍ରତିଯୋଗୀମାନଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିବ । ଏହା ଯୁବ କଳାକାରଙ୍କ ପାଇଁ ନିଜ ସୃଜନଶୀଳତାକୁ ବ୍ୟାପକ ମଞ୍ଚରେ ପହଞ୍ଚାଇବାର ଏକ ଉଲ୍ଲେଖନୀୟ ସୁଯୋଗ ବୋଲି ଆୟୋଜକମାନେ କହିଥିଲେ । ଏହି ଅବସରରେ ଲାୟନ୍ ପ୍ରେସିଡେଣ୍ଟ ଲାୟନ୍ ହେମନ୍ତ ଶାହ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ବରିଷ୍ଠ ଲାୟନ୍ସ ସଦସ୍ୟ ଓ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ ।

କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗ, ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ସେ କୃତଜ୍ଞତା ଜଣାଇଥିଲେ । ଶିଶୁମାନଙ୍କ ମଧ୍ୟରେ କଳା ଓ ସୃଜନଶୀଳତାର ବିକାଶ ସହ ସମାଜସେବାମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ଲାୟନ୍ସ କ୍ଲବ ବାରିପଦା ଭବିଷ୍ୟତରେ ମଧ୍ୟ ଏଭଳି ପ୍ରୟାସ ଜାରି ରଖିବ ବୋଲି ଲାୟନ୍ ହେମନ୍ତ ଶାହ କହିଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଶିଶୁମାନଙ୍କ ଉତ୍ସାହ, ଚିତ୍ରକଳାର ସୃଜନଶୀଳତା ଓ ଆନନ୍ଦରେ ଭରି ଉଠିଥିଲା । ଯୁବ ପ୍ରତିଭାର ବିକାଶ ଓ ସମାଜସେବା ପ୍ରତି ଲାୟନ୍ସ କ୍ଲବ୍ ବାରିପଦାର ପ୍ରତିବଦ୍ଧତାର ଏହି କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଥିଲା ।

# ବ୍ରହ୍ମପୁର ଡାକ ମଣ୍ଡଳ ଜରିଆରେ ଯବାନଙ୍କୁ ରାକ୍ଷୀ



ବ୍ରହ୍ମପୁର, (ସବ୍ୟୁ): ରକ୍ଷା ବନ୍ଧନ ଅବସରରେ, ବ୍ରହ୍ମପୁର ଡାକ ମଣ୍ଡଳ ଜରିଆରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଭାରତ ସୀମାରେ ଥିବା ବୀର ଯବାନଙ୍କ ପାଇଁ ହାତ ତିଆରି ରାକ୍ଷୀ ପଠାଇଛନ୍ତି । ଭଲ ପାଇବା, ସମ୍ମାନ ଏବଂ କୃତଜ୍ଞତା ସହ ଆପଣଙ୍କ ସାହସ, ନିଷ୍ଠା ଏବଂ ଦେଶ ପ୍ରତି ସେବା ପାଇଁ ଏହି ରାକ୍ଷୀ ଆମର ହୃଦୟରୁ ଆସିଥିବା କୃତଜ୍ଞତାର ଏକ ଛୋଟ ପ୍ରତୀକ ବୋଲି ଲେଖାଯାଇଛି । ଆପଣମାନେ ସୀମାନ୍ତରେ ଦୃଢ଼ ଭାବରେ ଛିଡ଼ା ହୋଇ ଆମ ଦେଶକୁ ସୁରକ୍ଷା ଦେଉଥିବା ବେଳେ, ଆମେ ଆପଣଙ୍କୁ ଜଣାଇବାକୁ ଚାହୁଁଛୁ ଯେ ଆପଣମାନେ ସବୁବେଳେ ଆମ ଚିନ୍ତା ଏବଂ ପ୍ରାର୍ଥନାରେ ଅଛନ୍ତି ।

ଏହି ରାକ୍ଷୀ କେବଳ ଏକ ସୂତା ନୁହେଁ ଏହା ହେଉଛି ଆମ ଛାତ୍ରଛାତ୍ରୀ ଏବଂ ଦେଶକୁ ସୁରକ୍ଷା ଦେଉଥିବା ବୀର ହୃଦୟ ମାନଙ୍କ ମଧ୍ୟରେ ସମ୍ମାନ, ଭଲ ପାଇବା ଏବଂ କୃତଜ୍ଞତାର ଏକ ବନ୍ଧନ । ଆପଣମାନେ ସର୍ବଦା ସୁରକ୍ଷିତ, ଶକ୍ତିଶାଳୀ ଏବଂ ଆଶୀର୍ବାଦ ପ୍ରାପ୍ତ ହୋଇ ରୁହନ୍ତୁ । ଏନେଇ ବ୍ରହ୍ମପୁର ବରିଷ୍ଠ ଡାକ ଅଧୀକ୍ଷକ, ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ, ପ୍ରଧାନ ଅଧ୍ୟାପକ ହୃଦୟର ସହ କୃତଜ୍ଞତା ଜଣାଇଛନ୍ତି ।

## ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବାଗତ ବିଦ୍ୟାର୍ଥୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠାନର ମୁଖ୍ୟ ଚିନ୍ମୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବ୍ରହ୍ମପୁର ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ତଥା ସଫଳ ଟ୍ରେନର ହାବିଲଦାର ସିମାଞ୍ଚଳ ବାରିକ ଯୋଗଦେଇ ବିଦ୍ୟାର୍ଥୀ ମାନେ ନିଷ୍ଠା, ଏକାଗ୍ରତା ଓ ଶୃଙ୍ଖଳାର ସହ ପାଠପଢ଼ି ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ଶିକ୍ଷା ସହିତ ଶୃଙ୍ଖଳା, ନୈତିକତା ଓ ଉତ୍ତମ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପଦୋନ୍ନତି ଆଶାୟୀ ଶିକ୍ଷକଙ୍କ ବୈଠକ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲା ପଦୋନ୍ନତି ଆଶାୟୀ ପ୍ରାଥମିକ ଶିକ୍ଷକ ମଞ୍ଚର ଏକ ଗୁରୁତତ୍ୱପୂର୍ଣ୍ଣ ବୈଠକ ଅଗଷ୍ଟ ୨୬ ତାରିଖ ବୁଧବାର ଦିନ ବ୍ରହ୍ମପୁର ସ୍ଥିତ ଏନ୍‌ଜି ଓ ହଲ୍‌ରେ ହୋଇଥିଲା । ବରିଷ୍ଠ ଶିକ୍ଷକ ଗୌତମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ୨୦୨୩ ମସିହାରେ ରାଜ୍ୟର ୧୩ଟି ଜିଲ୍ଲା ସେ ସମୟର ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକୁ ପାଳନ କରି ଜିଲ୍ଲାର ଲେବେଲ-୩ ପଦବୀସବୁ ପଦନ୍ନୋତି ପ୍ରକ୍ରିୟାରେ ପୂରଣ କରିଥିଲେ । କିନ୍ତୁ ଗଞ୍ଜାମ ଜିଲ୍ଲା ବାଦ ପଡିଯାଇଥିଲା ।

ଦୀର୍ଘ ୩ବର୍ଷ ଧରି ସ୍ଥାଣୁ ପ୍ରୋମସନ ପ୍ରକ୍ରିୟାକୁ ସମ୍ପ୍ରତି ରାଜ୍ୟ ସରକାର ସହୃଦୟତାର ଗ୍ରହଣ କରି ଗତ ମେ ମାସରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯାହାରି ଫଳସ୍ୱରୂପ ରାଜ୍ୟର ଅନେକ ଜିଲ୍ଲାରେ ପଦୋନ୍ନତି ପ୍ରକ୍ରିୟା ସାରିଦେଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ପଦୋନ୍ନତି ହୋଇ ପାରିନଥିବାରୁ ଶିକ୍ଷୟତ୍ରୀ ଶିକ୍ଷକ ମାନେ କ୍ଷୋଭ ପ୍ରକାଶ କରିଥିଲେ । ବୈଠକର ନିଷ୍ପତ୍ତି ଅନୁସାରେ ଏକ ପ୍ରତିନିଧି ମଣ୍ଡଳ ଗଠନ କରା ଯାଇଅଛି । ସେଥିରେ ସଭାପତି ଭାବେ ଗୌତମ ପ୍ରଧାନ, ସମ୍ପାଦକ ନିରଞ୍ଜନ ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ସଞ୍ଜୟ କୁମାର ସାହୁ, ଏମ. ସତ୍ୟନାରାୟଣ ଦୋରା, ରାଜେଶ କୁମାର ତାରିଣୀ, ଭାସ୍କର ରେଡ଼ି, ଚିଲା ଭାସ୍କର ରେଡ଼ି, ସନ୍ତୋଷ କୁମାର ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି । ଏହି ପ୍ରତିନିଧି ମଣ୍ଡଳ ଦୁଇ ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରି ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିପରି ପଦନ୍ନୋତି ପ୍ରକ୍ରିୟାକୁ ଯଥାଶୀଘ୍ର ସମ୍ପର୍ଣ୍ଣ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ, ଶିକ୍ଷା ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଧାୟକ, ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଶେଷରେ ଶିକ୍ଷକ ପୀତବାସ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରବଚକ ଭାଗବତ ପଣ୍ଡା ପାଇଲେ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓଡ଼ିଶା ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମହୋତ୍ସବ ଓ ନବାଦୀନାତ୍ମକ ରମ ଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ର ପୀଠ ସାଲେପୁରର ଗୋପୀନାଥ ପୁରଠାରେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି ।

ଉଦ୍‌ଯାପନ ସମାରୋହରେ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମୁଖ୍ୟଅତିଥି, ତୁଳସୀ ଦାସ ଜୟନ୍ତୀ କମିଟିର ପରିଚାଳନା ମୁଖ୍ୟ ବିଜୟ କୁମାର ଦେବତା (ରାମାୟଣୀ) ମୁଖ୍ୟବକ୍ତା, ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଦୀର୍ଘ ୪୬ବର୍ଷ ଧରି ଶ୍ରୀ ଜଗନ୍ନାଥ ସଂସ୍କୃତି କ୍ଷେତ୍ରରେ ଗବେଷଣା ଜାରି ରଖିଥିବା ଓ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ ରାମ କଥାର ପ୍ରବଚନ ଗଙ୍ଗା ପ୍ରବାହରେ ଜଣେ ପ୍ରଥିତ ଯଶା ସାଗ୍ନିକ କଥା ବ୍ୟାସ ହେତୁ ପ୍ରବାଚକ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬ ପ୍ରଦାନ କରିଥିଲେ । ସମ୍ମାନ ସ୍ୱରୂପ ମାନପତ୍ର, ଶ୍ରୀ ଜଗନ୍ନାଥଙ୍କ ଫୋଟୋ, ଉତ୍ତରୀୟ, ପଦକ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରବାଚକ ଶ୍ରୀ ପଣ୍ଡା କହିଲେ ରାମାୟଣ କେବଳ ଏକ କାହାଣୀ ନୁହେଁ, ଏହା ଏକ ଆଚରଣୀୟ ଗ୍ରନ୍ଥ ।

ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ସମସ୍ତେ ନିଜ ଜୀବନରେ, ପାରିବାରିକ ଜୀବନ ଭିତରେ, ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ଅନୁପାଳନ କଲେ ଏକ ସୁନ୍ଦର ସମାଜ ତିଆରି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମଞ୍ଚାସୀନ ଅତିଥିମାନେ ଶ୍ରୀରାମଙ୍କ ତ୍ୟାଗ ପୂତ ଜୀବନ, ଭରତଙ୍କ ମହନୀୟ ଚରିତ୍ର, ସୀତାଙ୍କର ପତି ପରାୟଣତା, ଲକ୍ଷ୍ମଣଙ୍କ ରାମଙ୍କୁ ନିସ୍ୱାର୍ଥପର ଭାବେ ଭଲ ପାଇବା ରାମଙ୍କର ସମ୍ମାନକୁ ସମାଜରେ ପ୍ରତିଷ୍ଠିତ କରାଇବାପାଇଁ ସବୁ ପ୍ରକାର ନିନ୍ଦା ଅପବାଦକୁ ସହ୍ୟ କରି ମାତା କୈକେୟୀ କିପରି ଜଣେ ମହନିୟା ନାରୀର ଭୂମିକା ନିଭାଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୋଷାଧକ୍ଷ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ଥିତି ପରଖିବା ପାଇଁ ବନ୍ୟାଞ୍ଚଳ ବୁଲିଲେ ଲେଖାଶ୍ରୀ



ବେତନଟୀ, (ସବ୍ୟୁ): ଚଳିତ ବର୍ଷ ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବା ଦୀର୍ଘଦିନ ଧରି ବହୁ ଅଞ୍ଚଳ ଜଳମଗ୍ନ ହୋଇ ରହିବା ଯୋଗୁଁ ଘର ଦ୍ୱାର, ରାସ୍ତାଘାଟ ନଷ୍ଟ ହୋଇଯାଇଥିଲା । ଫଳରେ ସ୍ଥାନୀୟ ବଡ଼ସାହି ଏବଂ ବେତନଟୀ ବ୍ଲକ ଅଞ୍ଚଳର ବହୁ କ୍ଷୟକ୍ଷତି ହୋଇଥିଲା ।

ଏ ନେଇ ବିଜେଡ଼ି ସୁପ୍ରିମୋ ଙ୍କୁ ନିର୍ଦ୍ଦେଶରେ ଦଳର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଆଜି ବୁଧବାର ଏହି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ବୁଲି ସ୍ଥିତି ପରଖିଥିଲେ । ବଡ଼ସାହି ବ୍ଲକର ଶାଳଗାଁ, ମନୋଗୋବିନ୍ଦପୁର, ମାଣତ୍ରୀ ଏବଂ ବେତନଟୀ ବ୍ଲକର ପାଟୁଳିପୁରା ପଞ୍ଚାୟତ ଅଧୀନ ନଦୀ ପାର୍ଶ୍ୱବର୍ତ୍ତୀ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଟିମ ପରିଦର୍ଶନ କରିଥିଲା । ବନ୍ୟା ଯୋଗୁଁ ଭିତ୍ତିଭୂମି ଓ ଲୋକଙ୍କ ଘରଦ୍ୱାର ଉପରେ ପଡ଼ିଥିବା ପ୍ରଭାବକୁ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ହୋଇଥିଲା । ତାଙ୍କ ସହିତ ପୂର୍ବତନ ବିଧାୟକ ଗଣେଶର ପାତ୍ର, ବେତନଟୀ ବ୍ଲକ ବିଜେଡି ସଭାପତି ରାଜୀବ ରଞ୍ଜନ ସେନାପତି, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ଚନ୍ଦନ ମହାପାତ୍ର, ବିନୋଦ ସିଂହ, ୩୭ ନଂ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ , ସନ୍ତକ ଲେଙ୍କା , ନିହାର ରଞ୍ଜନ ମହାପାତ୍ର , ପ୍ରଫୁଲ୍ଲ ମହାଲିକଙ୍କ ସମେତ ଅନ୍ୟ କର୍ମୀ ମଧ୍ୟ ଉପସ୍ଥିତ ଥିଲେ ।

# ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ସଚେତନତା

ବ୍ରହ୍ମପୁର, (ସବ୍ୟୁ): ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ ପକ୍ଷ୍ୟରୁ ୪୧ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଦ୍ୱିତୀୟ ଦିବସ ଆଜି ନୂଆ ବସ୍‌ଷ୍ଟାଣ୍ଡ ଠାରେ କରାଯାଇଛି । ଏହି ଅବସରରେ କ୍ଲବର ସଭ୍ୟ କେ. ନାଦେଶୁ ସେନାପତି ଜନସାଧାରଣଙ୍କୁ ସୂଚନା ଦେଇଥିଲେ ଯେ, ଭାରତରେ କରିନିଆ ଜନିତ ସମ୍ପୂର୍ଣ୍ଣ ବା ଆଂଶିକ ଦୃଷ୍ଟି ହରାଇ ଥିବା ବ୍ୟକ୍ତି ପ୍ରାୟ ୩୦ ଲକ୍ଷ ଅଛନ୍ତି । ଏମାନଙ୍କୁ ଦୃଷ୍ଟି ଶକ୍ତି ଯୋଗାଇବାର ଏକମାତ୍ର ପନ୍ଥା ଅନ୍ୟ ମୃତବ୍ୟକ୍ତି ଠାରୁ ସଂଗ୍ରହ କରାଯାଇ ଥିବା କରିନିଆ ପ୍ରତିରୋପଣ ଫଳରେ ଏହା ସମ୍ଭବ ହୋଇଥାଏ । ଭାରତରେ ୨୦୨୫ ମସିହାରେ କେବଳ ୫୩୭୯୭ କରିନିଆ ସଂଗ୍ରହ କରାଯାଇଥିଲା । ଏହାକୁ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ପକ୍ଷ ପାଳନ କରାଯାଇ ସଚେତନତା କହିଥିଲେ ।

ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛୁକ, ତାଙ୍କ ଦାୟାଦ ବା ବନ୍ଧୁବାନ୍ଧବ ପ୍ରଥମେ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ତକିଆ ଦେଇ ରଖିବେ ଓ ଆଖିରେ ଓଦା ତୁଳା ବା କନାଦେଇ ଘୋଡାଇ ରଖି ଘରର ସମସ୍ତ ପଙ୍ଖା ବନ୍ଦ କରିବେ । ପରେ ଚକ୍ଷୁ ବିଭାଗକୁ କିମ୍ବା ଆମ କ୍ଲବ ଜଣାଇଲେ ଚକ୍ଷୁ ବିଶେଷଜ୍ଞ ଘରକୁ ପହଞ୍ଚି ଚକ୍ଷୁ (କରିନିଆ) ବା ଆଖି ଉପରେ ଥିବା ସ୍ୱଚ୍ଛପରଳ ସଂଗ୍ରହ କରିବେ । ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ମୃତକଙ୍କ ଚକ୍ଷୁ ସଂଗ୍ରହ ହେବାକୁ ପଡିବ । ବ୍ରହ୍ମପୁର ଚକ୍ଷୁ ବ୍ୟାଙ୍କ୍ ଦ୍ୱାରା ଗତ ପାଞ୍ଚ ବର୍ଷରେ ୧୬୮ ଟି କରିନିଆ ସଂଗ୍ରହ ହୋଇଥିବା ବେଳେ ୧୦୮ ଜଣଙ୍କ ମଧ୍ୟରେ ପ୍ରତି ରୋପଣ କରାଯାଇ ପାରିଛି । ସେମାନେ ଏବେ ଦୃଷ୍ଟିଶକ୍ତି ଫେରିପାଇ ଦୁନିଆକୁ ଦେଖିପାରୁଛନ୍ତି ବୋଲି ସେ କହିଛନ୍ତି ।

ଜନସାଧାରଣ ଆଗକୁ ଆସି ମୃତ ଶରିରକୁ ପୋତି ବା ପୋଡିବା ପୂର୍ବରୁ ଚକ୍ଷୁଦାନ କରିବା ପରେ ସମସ୍ତ ଅନ୍ତେଷ୍ଟିକ୍ରିୟା କରିପାରିବେ ବୋଲି ଉପସ୍ଥିତ ଲୋକ ମାନଙ୍କୁ ସେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ପି.କିରଣ କୁମାର, ପୂର୍ବତନ ସଭାପତି କେ.ପୁରୁଷୋତ୍ତମ ସୁବୁଦ୍ଧ ପ୍ରମୁଖ ଯୋଗଦେଇ ପ୍ରଚାର ପତ୍ର ବଣ୍ଟନ କରିଥିଲେ ।

# ମୟୂରଭଞ୍ଜରେ ଉଲ୍ଲାସ-୨୦୨୬ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ଉଲ୍ଲାସ-୨୦୨୬ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ଓ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ସମେତ ମୋଟ ୬୫ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଡିଆଇଇଟିର ଅଧକ୍ଷ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।

ଏଡିଇଓ (ଏକାଡେମିକ୍ସ) ବିନୋଦ ସିଂ, ବିଇଓ ବାରିପଦା ଅନୁଜା ମାଧୁରୀ ଦାସ ଏବଂ ବିଇଓ ଶାମାଖୁଣ୍ଟା ଦୀପ୍ତିମୟୀ ସିଂ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷଣରେ ଉଲ୍ଲାସ-୨୦୨୬ର ପରିଚୟାତ୍ମକ ଅଧିବେଶନ ସହ ସିଆରସିସି, ହବ୍ ସ୍କୁଲର ପ୍ରଧାନଶିକ୍ଷକ ଓ ବିଇଓଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହିତ ଉଲ୍ଲାସ ପୋର୍ଟାଲରେ କ୍ରେଡେନ୍ସିଆଲ୍ ବ୍ୟବହାର, ଶିକ୍ଷାର୍ଥୀଙ୍କୁ ସର୍ଟଲିଷ୍ଟ କରିବା, ଅନୁଦାନର ସୁଚାରୁ ବିନିଯୋଗ, ଡାଉଟ୍ କ୍ଲିୟରିଂ କ୍ଲାସ୍ ପରିଚାଳନା ଏବଂ ବ୍ଲକ୍ ସ୍ତରରେ କାର୍ଯ୍ୟ ମଡ୍ୟୁଲ୍ ପ୍ରସ୍ତୁତି ନେଇ ଆବଶ୍ୟକୀୟ ମାର୍ଗଦର୍ଶନ ଦିଆଯାଇଥିଲା ।

ପ୍ରଶିକ୍ଷଣର ମୁଖ୍ୟ ଆକର୍ଷଣ ଥିଲା ହ୍ୟାଣ୍ଡସ୍-ଅନ୍ ଟେକ୍ନିକାଲ୍ ସେସନ୍ । ଏଥିରେ ଅଂଶଗ୍ରହଣକାରୀମାନେ ଉଲ୍ଲାସ ପୋର୍ଟାଲରେ ଲଗ୍-ଇନ୍, କ୍ରେଡେନ୍ସିଆଲ୍ ବ୍ୟବହାର, ଶିକ୍ଷାର୍ଥୀ ଚୟନ ସମେତ ବିଭିନ୍ନ ପ୍ରାୟୋଗିକ ପ୍ରକ୍ରିୟାର ଅଭ୍ୟାସ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ଅଧ୍ୟକ୍ଷୀୟ ଅଭିଭାଷଣରେ ଉଲ୍ଲାସ-୨୦୨୬ର ସଫଳ ରୂପାୟଣ ପାଇଁ ବ୍ଲକ୍ ଓ ବିଦ୍ୟାଳୟ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ । ସକ୍ରିୟ ଅଂଶଗ୍ରହଣ ଓ ପ୍ରାୟୋଗିକ ଅଭ୍ୟାସ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

## ସରକାରୀ ଜମି ଜବରଦଖଲ ନେଇ ମୁହାଁମୁହିଁ

# ନଗରପାଳ-ଉପନଗରପାଳ ବାକ୍ ଯୁଦ୍ଧ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପୌରସଂସ୍ଥା ତରଫରୁ କୁଟୁଣିଆବସ୍ତି ଉଚ୍ଛେଦ ପରେ ବୁଧବାର ନଗରପାଳଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳକୁ ଏକ ସ୍ମାର୍ଟ ସିଟିରେ ପରିଣତ କରିବା ଏବଂ ବିକାଶକୁ ଆଗକୁ ନେବାପାଇଁ ସହରରେ ଥିବା ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି । ଜବରଦଖଲ ସମୟରେ ସର୍ବଦା ଏହାକୁ ବିରୋଧ କରୁଥିବା ଉପନଗରପାଳଙ୍କୁ ସିଧାସଳଖ ଭାବରେ ଟାର୍ଗେଟ କରାଯାଇଥିବା ବେଳେ ଏହାକୁ ନେଇ ନଗରପାଳ ଏବଂ ଉପନଗରପାଳ ପୁଣି ଥରେ ମୁହାଁମୁହିଁ ପରିସ୍ଥିତିକୁ ଆସିଛନ୍ତି । ଢେଙ୍କାନାଳ ପୌରସଂସ୍ଥାରେ ଦୀର୍ଘ ଦିନ ହେବ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଏବଂ ଉପାଧ୍ୟକ୍ଷ ପ୍ରକାଶ କୁଅଁରଙ୍କ ମଧ୍ୟରେ ସର୍ବଦା ତୁତୁ ମେଁମେଁ ଲାଗରହିଛି । କୁଟୁଣିଆ ବସ୍ତି ଉଚ୍ଛେଦ ପରେ ପୌରସଂସ୍ଥା ବିବାଦକୁ ଆସିଥିବା ବେଳେ ଉଚ୍ଛେଦକୁ ନେଇ ଜଣେ ଆତ୍ମହତ୍ୟା କରିଛନ୍ତି । ଏହାକୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୌରାଧ୍ୟକ୍ଷାଙ୍କ ସହିତ ସମସ୍ତ ବିଜେପି କାଉନସିଲର ଏବଂ ସମାଜସେବୀ ରାମଚନ୍ଦ୍ର ପାତ୍ର ଉପସ୍ଥିତ ରହିଥିଲେ । ସହରରେ ଥିବା ବାଙ୍କୁଆଳମୌଜା ସହିତ ସୂର୍ଯ୍ୟନଗରରେ ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ବେଳେ



କାଠଗଡାରେ ୧୦ ଏକର ୪୮ଡେସିମିଲ ଜମିକୁ ଜବର ଦଖଲ କରାଯାଇଛି ।

ସରକାରୀ ଜମିରେ ବଡ ବଡ କୋଠା ନିର୍ମାଣ କରାଯାଇଛି । ଆଜି ଯେଉଁମାନେ ପ୍ରତିବାଦ କରୁଛନ୍ତି ସେମାନେ ସେହି ଜବରଦଖଲରେ ସଂପୃକ୍ତ ଅଛନ୍ତି ବୋଲି ସମାଜସେବୀ ରାମଚନ୍ଦ୍ର ପାତ୍ର କହିଛନ୍ତି । ଆହୁରୀ ମଧ୍ୟ କହିଛନ୍ତି ଯେ, ଚୋର କହୁଛି ଚୋର ପାଳାଇଲା । ଜମି ଦଲାଲ, ସରକାରୀ ଜମି ଦଲାଲ ମାନେ ଏଥିରେ ସଂପୃକ୍ତ ବୋଲି କହିବା ସହିତ ଲୋକମାନଙ୍କୁ କହିଛନ୍ତି ଯେ ବରଂ କୁଡିଆ କରି ରୁହ କିନ୍ତୁ ସରକାରୀ ଜମିରେ ଘର କରନାହିଁ । ଯଦି ଜମି ନାହିଁ ତେବେ ଜମି ପାଇଁ ଆବେଦନ କରିବାକୁ କହିଛନ୍ତି । ବନମାଳୀ ପ୍ରସାଦ, ସୂର୍ଯ୍ୟନଗର, ଦେଉଳସାହି, କାଠଗଡରେ ସରକାରୀ ଜମିରେ ବଡ ବଡ କୋଠା ହୋଇଛି ତାହାକୁ ଉଚ୍ଛେଦ କରାଯିବା ଉଚିତ କିମ୍ବା ନୁହଁ ତାହା ଜିଲ୍ଲାବାସୀ କହିବେ ବୋଲି କହିଛନ୍ତି ।

ଏହାକୁ ନେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି ଯେ, ଏସଆଇଆର ସମୟରେ କୁଟୁଣିଆ ବସ୍ତିରେ ବାହାରଲୋକ ରହିଥିବାର ଜଣାପଡିଥିଲା । ପ୍ରଶାସନର ନିର୍ଦ୍ଦେଶରେ ଏହା ଉଚ୍ଛେଦ କରାଯାଇଛି । ଯିଏ ବିରୋଧ କରୁଛନ୍ତି ସେମାନେ ପୌରସଂସ୍ଥାର ଭଲ ଚାହୁଁଛନ୍ତି ନା କ୍ଷତି କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି । ଯେଉଁଠି ଉଚ୍ଛେଦ ହେଉଛି ସେଠାରେ ଯାଇ ଉପାଧ୍ୟକ୍ଷ ପ୍ରତିବାଦ କରୁଛନ୍ତି । ଯେଉଁମାନେ ଜମି ଦଲାଲ ସେମାନେ ଏସବୁ କରୁଥିବାର ସିଧାସଳଖ ଭାବରେ ଅଭିଯୋଗ କରିଛନ୍ତି । ଆଠଗଡ, ଅନୁଗଳ ଜିଲ୍ଲାର ସରକାରୀ ଚାକିରୀକରିଥିବା ବ୍ୟାଙ୍କରେ ଚାକିରୀ କରିଥିବା ଲୋକ ସରକାରୀ ଜମିରେକୋଠା କରିଥିବାର ଅଭିଯୋଗ କରିଛନ୍ତି ।

ଘଟଣାକୁ ନେଇ ଉପାଧ୍ୟକ୍ଷ ପ୍ରକାଶ କଅଁର ତିବ୍ର ପ୍ରତିକ୍ରୀୟା ପ୍ରକାଶ କରିବା ସହିତ ଯେଉଁମାନେ ଅଭିଯୋଗ କରିଛନ୍ତି ତାଙ୍କ ପରିବାର ବାଜିଚୌକ ଠାରୁ ବଣସିଂହ ପର୍ଯ୍ୟନ୍ତ ସରକାରୀ ବେସରକାରୀ ଜମିକୁ ଜବରଦଖଲ କରିଛନ୍ତି । ଯିଏ ଜମି ଦଲାଲ ତାଙ୍କୁ ସବୁ ସେହିଭଳି ଦିଶେ ବୋଲି କହିଛନ୍ତି । ଯିଏ ଶିକ୍ଷିତ ସେ ସବୁ ଜାଣିପାରିବ ବୋଲି କହିବା ସହିତ କୁଟୁଣିଆରେ କେଉଁଠି ବାଂଲାଦେଶୀ ରହୁଥିଲେ ପ୍ରଥମେ ଚିହ୍ନଟ କଲେ ନାହିଁ ।

ପୂର୍ବ ସରକାର ଗରୀବ ମାନଙ୍କୁ ଜମି ଦେଇଥିଲେ ସେମାନଙ୍କୁ ପ୍ରଥମେ ଚିହ୍ନଟ କଲେ ନାହିଁ । ଜଣେ ନଗରପାଳ ଭାବରେ କେବେ ପଚାରିଛନ୍ତି ଯେ, ମେଡିକାଲ ରାସ୍ତାର ଅବସ୍ଥା, ବାଜିଚୌକ ଟ୍ରାଫିକ ସମସ୍ୟା, କିମ୍ବା ଯେଉଁମାନେ ଜମି ପାଇନାହାଁନ୍ତି ସେମାନଙ୍କ କଥା । ସେ ଜମି ଦଲାଲୀରେ ସପୃକ୍ତ ନାହାଁନ୍ତି କି ନଥିଲେ ବୋଲି କହିଛନ୍ତି । ଢେଙ୍କାନାଳ ସହରର ବାଙ୍କୁଆଳର ୨ଏକର ୧୩ ଡେସିମିଲ,କାଠଗଡାରେ ୧୦ଏକର ୪୮ଡେସିମିଲ, ବନମାଳୀ ପ୍ରସାଦରେ ୩ଏକର ୯୬ଡେସିମିଲ, କୁବୁଟା ଟ୍ରାକଫର ସୋ ରୁମ ପଛ ପାଖରେ ୫ ଏକର, ଶ୍ୟାମାଚରଣ ପୁରରେ ୫୩ ଡେସିମିଲ, ସହର ଭିରେ ମଧ୍ୟ ଜମି ଜବର ଦଖଲ ହୋଇଛି । ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ନେଇ ଏବେ ଢେଙ୍କାନାଳ ରାଜନିତୀ ବେଶ ସରଗରମ ହୋଇ ଉଠିଛି ।

## ଆନନ୍ଦ ଉଲ୍ଲାସରେ ଇଦ୍ ମିଲାଦୁନ ନବି ପର୍ବ ପାଳିତ



ଆଠମଲ୍ଲିକ, (ସବ୍ୟୁ) : ସ୍ଥାନୀୟ ମୁସଲମାନ ଭାଇ ମାନଙ୍କ ତରଫରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଇଦ ମିଲାଦୁନ ନବି ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ମୁସଲମାନ ଭାଇ ମାନେ ସ୍ଥାନୀୟ ମସଜିଦ ନିକଟରେ ଏକତ୍ରିତ ହୋଇ ପରସ୍ପରକୁ ଅଭିନନ୍ଦନ ଜଣାଇ ବସ୍ତିକୁ ଯାଇଥିଲେ । କମିଟି ତରଫରୁ ବସ୍ତିରେ ଆୟୋଜିତ ହୋଇଥିବା ଭୋଜି ଭାତରେ ସାମିଲ ହୋଇଥିଲେ । ତତ ପରେ ନିଜ ନିଜ ଘରକୁ ଯାଇ ବନ୍ଧୁ ବାନ୍ଧବ ସହିତ ସ୍ୱାଦିଷ୍ଟ ଭୋଜନ କରିଥିଲେ ।

ଏହି ଅବସରରେ ମୁସଲମାନ ଭାଇମାନେ ଏକ ପଟୁଆରରେ ଆସି ସହର ପରିକ୍ରମା କରିଥିଲେ । କମିଟି ର ସଭାପତି ରିଆଜ ଖାଁ, ସମ୍ପାଦକ ସିରାଜ ଅଲ୍ଲୀ ଖାଁ, ସହ ସମ୍ପାଦକ ସଦାକତ ଖାଁ, ଉପସଭାପତି ସଲିମ ଖାଁ, କୋଷାଧକ୍ଷ ସାକିର ଉଦିନ ଖାଁ, ସଭ୍ୟ ଇବ୍ରାହିମ ଖାଁ, ହୁସେନ ଖାଁ, ଇସ୍ରାଇଲ ଖାଁ, ସାଜିତ ଖାଁ, ନସିମ ଖାଁ, କୁନ୍ଦନ ଖାଁ, ମନସୁର ଖାଁଙ୍କ ସମେତ ମୁସଲମାନ ଭାଇମାନେ ସହର ପରିକ୍ରମାରେ ସାମିଲ ହୋଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଠମଲ୍ଲିକ ପୋଲିସ ମୁତୟନ ହୋଇଥିଲେ ।

## ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଦାବି

ଠାକୁରଗଡ, (ସବ୍ୟୁ) : ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର କଟକଣା ଯୋଗୁଁ ଚାଷୀ ମାନେ ପଞ୍ଜୀକରଣ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲଗାଣ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବିଳମ୍ବ ହେବାରୁ ଚାଷୀ ମାନେ ପଞ୍ଜୀକରଣ କରିବା ସମ୍ଭବ ହୋଇନାହିଁ । ପଞ୍ଜୀକରଣ ଶେଷ ତାରିଖ ୩୧ ଅଗଷ୍ଟ ହୋଇଥିବାରୁ ପଞ୍ଜୀକରଣ କରି ପାରିନଥିବା ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ନେଇ ଆଶଙ୍କା ଦେଖାଦେଇଛି । ସମସ୍ତ ଚାଷୀ ଓ ଭାଗ ଚାଷୀ ମାନଙ୍କୁ ନିଃସର୍ତ୍ତ ପଞ୍ଜୀକରଣ କରିବା ସହ ପଞ୍ଜୀକରଣ ଅବଧି ବୃଦ୍ଧି କରିବା ଦାବିରେ କିଶୋରନଗର ବ୍ଲକ ଜଏରାଟ ନିକଟରେ କୃଷି ସଂଗଠନ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଉପସଭାପତି ପିତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଙ୍ଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥ ବାସୀ ଭୋଇ, ରବୀନ୍ଦ୍ର ସାହୁ ଲକ୍ଷ୍ମଣ ବେହେରା, ରମେଶ ଲୁହା, ରବିନାରାୟଣ ବାରିକ ପ୍ରମୁଖ ଚାଷୀମାନେ ଯୋଗ ଦେଇଥିଲେ । ସେମାନେ ପ୍ରଥମେ ଚାଷୀ ପଞ୍ଜୀକରଣ କରିବା କ୍ଷେତ୍ରରେ ଅବ୍ୟବସ୍ଥା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ସମସ୍ତ ଚାଷୀ ଓ ଭାଗ ଚାଷୀ ମାନଙ୍କୁ ନିଃସର୍ତ୍ତ ପଞ୍ଜୀକରଣ କରିବା ସହ ପଞ୍ଜୀକରଣ ଅବଧି ବୃଦ୍ଧି କରାନଗଲେ ଆନ୍ଦୋଳନ ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଠିକ୍ ସମୟରେ ହିତାଧିକାରୀଙ୍କୁ ମିଳିବ ସେବା

## ବିଳମ୍ବ ହେଲେ ସଂପୃକ୍ତ ଅଧିକାରୀ ଗଣିବେ ଦଣ୍ଡ

ତାଳଚେର, (ସବ୍ୟୁ) : ସରକାର ଲୋକଙ୍କ ହିତ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ତାଗିଦ କରିବା ସହ ବିଭିନ୍ନ ଯୋଜନା ମଧ୍ୟ କରିଚାଲିଛନ୍ତି । ପୂର୍ବରୁ ରାଜ୍ୟ ସରକାର ଲୋକ ହଇରାଣ ହରକତ ନହେବାକୁ ଭିନ୍ନଭିନ୍ନ ସମୟରେ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଦୋଷାରୋପ କରୁଥିଲେ ମଧ୍ୟ ଏଥିରେ କୌଣସି ସୁଧାର ଆସି ପାରୁନଥିଲା । ବର୍ତ୍ତମାନ ସାଧାରଣ ଜନତାଙ୍କୁ ନିର୍ଦ୍ଦିଷ୍ଟ କାମ ପାଇଁ ବାରମ୍ବାର ହଇରାଣ କରିବାକୁ ଦିଆଯିବ ନାହିଁ । ନିର୍ଦ୍ଦିଷ୍ଟ ସେବା ପାଇଁ ଧାର୍ଯ୍ୟ କରାଯାଇଥିବା ସମୟରେ ସେବା ଯୋଗାଇବାକୁ ପଡ଼ିବ ନଚେତ୍ ଦଣ୍ଡ ଗଣିବେ ବିଳମ୍ବ କରିଥିବା ଅଧିକାରୀ । ସମ୍ପୃକ୍ତ ଅଧିକାରୀଙ୍କ ଦରମାରୁ ଦିନକୁ କଟିବ ୨୫୦ଟଙ୍କା । ଏପରିକି, ବିଳମ୍ବ ନେଇ ପର୍ଯ୍ୟାପ୍ତ କାରଣ ନଦେଖାଇ ପାରିଲେ ୫ହଜାର ଟଙ୍କା ପର୍ଯ୍ୟନ୍ତ ଦରମାରୁ କଟାଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ କଡ଼ା ଚେତବନୀ ଦିଆଯାଇଛି ।

ଏନେଇ ବିଭାଗୀୟ ପ୍ରମୁଖ ସଚିବ ସୁରେଶ କୁମାର ବସିଷ୍ଟ ରାଜ୍ୟର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ କମିଶନ ତଥା ସଚିବଙ୍କୁ ଚିଠି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଜନସେବା ଅଧିକାର ଆଇନ୍ ୨୦୧୨ ଅଧିନରେ ଥିବା ସମସ୍ତ ସରକାରୀ ସେବା ଯୋଗାଣ ପ୍ରକ୍ରିୟାକୁ ଅଧିକ ପାରଦର୍ଶି ଓ ଉତରଦାୟୀ କରାଯିବ । ସେଥିପାଇଁ ଲାଗୁ ହୋଇଛି ଅଟୋ - ଅପିଲ୍ ସିଷ୍ଟମ । ଏହି ବ୍ୟବସ୍ଥାର ସୁରପରିଚାଳନା ପାଇଁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଆଣିଛି ଗାଇଡ଼ ଲାଇନ୍ ବା ଷ୍ଟାଣ୍ଡିଙ୍ଗ ଅପରେଟିଙ୍ଗ ପ୍ରୋସିଡ଼ୁଓର (ଏସଅପି) ତେବେ ସେବାରେ ଖିଲାପ ହେଲେ କି ବିଳମ୍ବ ହେଲେ ଆପେ ଆପେ ହେବ ଅପିଲ୍ ଆଉ ଦାୟୀ ରହିବେ ସମ୍ପୃକ୍ତ ଅଧିକାରୀ । ତେବେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ ଏହା କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେବଳ ବାକି ରହିଲା ।

# ପାଳ ବାଇଗଣକୁ ମିଳିବ ଜିଆଇ ଟ୍ୟାଗ୍




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳର ସୁଆଦିଆ ପାଳ ବାଇଗଣକୁ ଜିଆଇ ଟ୍ୟାଗ ବା ଭୌଗୋଳିକ ସୂଚକାଙ୍କ ମାନ୍ୟତା ମିଳିବା ଆଶା ଉଜ୍ଜୀବିତ ହୋଇଛି । ପ୍ରକ୍ରିୟାର ପ୍ରାକ୍ ପରୀକ୍ଷା ସୋପାନରେ ଆବେଦନ ବିଚାରଧୀନ ରହିଥିବା ଜଣାପଡିଛି । ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ଓୟୁଏଟି ପକ୍ଷରୁ ପାଳ ବାଇଗଣକୁ ଜିଆଇ ଟ୍ୟାଗ ଦିଆଯିବା ନେଇ ଆନୁସଙ୍ଗିକ ଦସ୍ତାବିଜ ଓ ତଥ୍ୟ ପ୍ରଦାନ କରାଯାଇଛି । ଢେଙ୍କାନାଳର ପାଳ ବାଇଗଣ ସହିତ ରାଜ୍ୟର ଆଉ ୫ଟି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ ମିଳିବାର ସମ୍ଭାବନା ରହିଛି ।

ସୂଚନା ଅନୁସାରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମ ପଞ୍ଚାୟତର କମଗରା ଏବଂ ସୋଗର ପଞ୍ଚାୟତର ଝଗଡପଦା ଗାଁରେ ବ୍ରାହ୍ମଣୀ ନଦୀ ପଠାରେ ବର୍ଷ ବର୍ଷ ଧରି ଏହି ସୁଆଦିଆ ପାଳ ବାଇଗଣ ଚାଷ କରିଆସୁଛନ୍ତି । ଭଜା, ତରକାରୀ ଏବଂ ପୋଡା ଭର୍ତ୍ତା ପାଇଁ ପାଳ ବାଇଗଣର ସ୍ୱତନ୍ତ୍ର ପରିଚୟ ରହିଛି । ୨୦୨୫ରେ ଢେଙ୍କାନାଳ କମଗରାର ଏହି ପାଳ ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ପରେ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ପରିଚାଳନା ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗବେଷଣା ଧର୍ମୀ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ତଥ୍ୟ ଆଧାରରେ ସ୍ଥାନୀୟ ସୋଗର ଗ୍ରାମର କପିଳେଶ୍ୱର ମହାଦେବ, ଫାର୍ମର ପ୍ରଡ୍ୟୁସର, କୋ-ଅପରେଟିଭ ସୋସାଇଟି ଲିମିଟେଡ ପକ୍ଷ ପକ୍ଷରୁ ୨୦୨୬ ଜୁନ୍ ୩୦ରେ ଢେଙ୍କାନାଳର ପାଳ ବାଇଗଣକୁ ଜିଆଇ ଟ୍ୟାଗ ପାଇଁ ଚେନ୍ନାଇ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା । ଜୁଲାଇ ୧୪ରେ ଏହାର ୨୭ଟି ପଏଣ୍ଟ ଉପରେ ତଥ୍ୟ ପ୍ରଦାନ କରାଯିବା ପରେ ପ୍ରାକ୍ ପରୀକ୍ଷା ସୋପାନରେ ଏହା ରହିଥିବା ସୂଚନା ମିଳିଛି ।

ଏ ସଂପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଶ୍ରୀ ମହାନ୍ତି କୁହନ୍ତି ଢେଙ୍କାନାଳ ପାଳ ବାଇଗଣ ଜିଆଇ ମାନ୍ୟତା ପାଇବାର ପ୍ରାୟ ଚୂଡାନ୍ତ ସୋପାନରେ ପହଁଚିଛି । ଏଥିପାଇଁ ଯାହା ଦସ୍ତାବିଜ ତାହା ପ୍ରଦାନ କରାଯାଇ ଦୃଢ ଯୁକ୍ତି ଉପସ୍ଥାପନ କରାଯାଇଥିବା ସେ କହିଛନ୍ତି ।

## ଏନଏସି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଆଠମଲ୍ଲିକ, (ସବ୍ୟୁ) : ଏନଏସି କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଏନଏସି ତରଫରୁ ଆଗାମୀ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା । ଏହି ସମ୍ମିଳନୀରେ ଅଧ୍ୟକ୍ଷା ଆଶା କୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଯୁବନେତା ପିନା ପାଣିଗ୍ରାହୀ ଆସନ୍ତା ଅଗଷ୍ଟ ୩୧ ତାରିଖରେ ପାଳନ ହେବାକୁ ଯାଉଥିବା ସ୍ୱାୟତ୍ତ ଶାସନ ଦିବସ ସମାରୋହରେ କିପରି ଭାବରେ ଗଣମାଧ୍ୟମ ପ୍ରତିନିଧି ଓ ଏନଏସି ଜନସାଧାରଣଙ୍କ ସହଯୋଗୀତା ଓ ସହଭାଗିତା ରହିବ ତାହାରି ଉପରେ ବୁଝାଇ ଥିଲେ । ଏହି ଅବସରରେ ଯୁବ ପ୍ରତିଯୋଗିତା, ମାରାଥନ, ଫୁଟବଲ, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ସୂଚନା ଦିଆ ଯାଇଥିଲା ।

## ନଗର କଂଗ୍ରେସ ପକ୍ଷରୁ ସହର ସମସ୍ୟା ନେଇ ଉଦ୍‌ବେଗ




ଅନୁଗୋଳ, (ସବ୍ୟୁ) : ବୁଧବାର ଅପରାହ୍ନରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଗୋଳ ନଗର କଂଗ୍ରେସ କମିଟି ତରଫରୁ ନଗର ସଭାପତି ରଶ୍ମିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଡବଲ ଇଞ୍ଜିନ୍ ବିଜେପି ସରକାରର ୮୦୦ ଦିନରୁ ଅଧିକ ଦିନ କ୍ଷମତାରେ ଥାଇ ମଧ୍ୟ ଅନୁଗୋଳ ନଗରକୁ ଆଡ ଆଖିରେ ଅନାଉ ନାହାଁନ୍ତି । ଏହି ସମ୍ମିଳନୀରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ଯୋଗଦେଇ ଅନୁଗୋଳ ସହରକୁ ସ୍ମାର୍ଟ ସିଟି କରିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଉ ନାହିଁ, ଯାହାକି ସ୍ଥାନୀୟ ନେତୃତ୍ୱ ନେଇଥିବା ନେତାମାନଙ୍କର ଦୂରଦୃଷ୍ଟି ନାହିଁ କି ଆଗ୍ରହ ନାହିଁ । ସ୍ମାର୍ଟ ସିଟି ଅନୁଗୋଳ ସହରବାସୀଙ୍କ ହକ୍ ହେଉଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଫୁଟାଣି ମାରୁଥିବା ନେତା ଦୁଇ ବର୍ଷରୁ ଉର୍ଦ୍ଧ୍ୱ ଶାସନରେ ଥାଇ ଆଦୌ ଚିନ୍ତା ନକରିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ । ସହରର ଆଖପାଖରେ କୋଇଲା ଖଣି ଓ ବିଭିନ୍ନ ଶିଳ୍ପ ସଂସ୍ଥା ଥିବାରୁ ବାୟୁ ପ୍ରଦୂଷଣ ପ୍ରବଳ ମାତ୍ରାରେ ହେଉଛି । ଟ୍ରାଫିକ ସମସ୍ୟା ପ୍ରତିରୋଧ ପାଇଁ ଆମ ପାଖେ ସେଭଳି କୌଣସି ଫଳପ୍ରଦ ବ୍ୟବସ୍ଥା ହେଉନାହିଁ । ସ୍ଥାନୀୟ ପୋଲିସ କେବଳ ମହାସୁଲ ଆଦାୟ କରି ସରକାରଙ୍କ ରାଜସ୍ୱ ବୃଦ୍ଧି ନିମନ୍ତେ କାର୍ଯ୍ୟ କରୁଛନ୍ତି । ସହର ସ୍ୱଚ୍ଛତାରେ ସଂପୂର୍ଣ୍ଣ ବିଫଳ ଅନୁଗୋଳ ପୌରପାଳିକା । ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗଇବାରେ ଏ ଡବଲ ଇଞ୍ଜିନ ବିଜେପି ସରକାର ସଂପୂର୍ଣ୍ଣ ବିଫଳ । ଯଥାଶୀଘ୍ର ଦାବି ପୂରଣ ନକଲେ ଆଗାମୀ ଦିନରେ ଅନୁଗୋଳ ନଗର କଂଗ୍ରେସ ଅଭିନବ ଉପାୟରେ ସଂଗ୍ରାମ କରିବ । ସଂଗ୍ରାମ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଦାୟୀ ରହିବେ ବୋଲି ନଗର ସଭାପତି ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ନଗର ଉପ ସଭାପତି ସୁଶୀଲ ମିଶ୍ର, ସମ୍ପାଦକ ପ୍ରତାପ ସେଠୀ ଉପସ୍ଥିତ ଥିଲେ ।

## ନାଲ୍‌କୋ ଅଫିସର୍ସ ସଂଘ ପକ୍ଷରୁ ମହାନଦୀ କୋଲ ଫିଲଡ୍ସ କର୍ତ୍ତୃପକ୍ଷଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ସ୍ଥିତ ନାଲକୋ ଅଫିସର୍ସ ସଂଘର ସାଧାରଣ ସମ୍ପାଦକ ନଳିନୀ କାନ୍ତ ପଣ୍ଡାଙ୍କ ନେତୃତ୍ୱରେ ମହାନଦୀ କୋଲ ଫିଲଡ୍ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଓ ପ୍ରକଳ୍ପ, ଉତ୍ପାଦନ, ନିର୍ଦ୍ଦେଶକ ସଞ୍ଜୟ କୁମାର ଝାଙ୍କୁ ବୁର୍ଲା, ସମ୍ବଲପୁର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିଥିଲେ । ମହାନଦୀ କୋଲ ଫିଲଡ୍ସର ନିରବଚ୍ଛିନ୍ନ ସହଯୋଗ ନାଲକୋର ଅଭିବୃଦ୍ଧି ବାବଦ ନେଇ ଚର୍ଚ୍ଚା କରିଥିଲେ ।

ଆଲୋଚନାରେ ସଙ୍ଘର ଉପ ସଭାପତି କିଶୋର କୁମାର ବେହେରା, ଉପ ସଭାପତି ଶରତ ଚନ୍ଦ୍ର ହେମ୍ବ୍ରମ, ଯୁଗ୍ମ ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ମଲ୍ଲିକ, କୋଷାଧକ୍ଷ ନରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ନାଲକୋକୁ କୋଇଲା ଯୋଗାଣରେ ବ୍ୟାଘାତ, ଅବିରତ କୋଇଲା ଯୋଗାଣ, ଆଗାମୀ ଦିନ ନାଲକୋ ପାଉଁଶ ପରିଚାଳନା ପାଇଁ ଅବ୍ୟବହୃତ ଖଣି ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା ।

ଏହି ସମସ୍ତ ବିଷୟରେ ଏମସିଏଲ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହି ସାକ୍ଷାତ ଆଲୋଚନା ଦ୍ୱାରା ନାଲକୋ ଓ ମହାନଦୀ କୋଲ ଫିଲଡ୍ସ ମଧ୍ୟରେ ସମନ୍ୱୟ ଓ ସହଯୋଗ ଯୋଗୁ ନାଲକୋର ଅଭିବୃଦ୍ଧିରେ ଉତ୍ତମ ପଦକ୍ଷେପ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଆବେଦନ ପରେ ମିଳୁନି ବିଦ୍ୟୁତ ସଂଯୋଗ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ବିଦ୍ୟୁତ କାର୍ଯ୍ୟାଳୟ ଠାରେ ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କଲେ ମଧ୍ୟ ଅନେକ ହିତାଧିକାରୀଙ୍କୁ ନୂତନ ସଂଯୋଗ ଯୋଗାଇ ଦେବାରେ ବିଦ୍ୟୁତ ବିଭାଗ ଅବହେଳା କରୁଥିବା ଅଭିଯୋଗ ହୋଇଛି । ନୁନୁକାପସି ପଞ୍ଚାୟତର ବୈଷ୍ଣବସାହିର ସବିତା ବେହେରା ତାଙ୍କ ଘରକୁ ନୂତନ ବଦ୍ୟୁତ ସଂଯୋଗ କରିବା ପାଇଁ ୧୭ ଜୁଲାଇ ୨୦୨୬ ରେ ଅଲଲାଇନ ମାଧ୍ୟମରେ ଆବେଦନ କରିଥିଲେ । ହେଲେ ଆବେଦନର ୪୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ଯୋଗାଇ ଦିଆଯାଉ ନାହିଁ । କିଛି କର୍ମଚାରୀ ତାଙ୍କୁ ହାତ ଗୁଞ୍ଜା ମାଗିବା ସହ ହାତ ଗୁଞ୍ଜା ନଦେଲେ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯିବ ନାହିଁ ବୋଲି ଅଭିଯୋଗ କରିଛନ୍ତି । ତୁରନ୍ତ ପଦକ୍ଷେପ ନେବବାକୁ ଦାବି ହୋଇଛି ।

## ବିଶ୍ୱ ବନ୍ଧୁତ୍ୱ ଦିବସରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନ, (ସବ୍ୟୁ) : ଭୁବନ ବିଜ୍ଞପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ବ୍ରହ୍ମାକୁମାରୀ ସମାଜ ସେବାପ୍ରଭାଗ ଓ ତୃପ୍ତିପାଠାଗାର ସହଯୋଗରେ ରକ୍ତଦାନ ଶିବିରରେ ୬୧ୟୁନିଟ ରକ୍ତସଂଗ୍ରହ ହୋଇଛି । ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୯ ତମ ପୁର୍ଣ୍ୟ ତିଥୀ ଅବସରରେ ବିଶ୍ୱବନ୍ଧୁତ୍ୱ ଦିବସ ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମକୁ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଅତିରିକ୍ତ ତହସିଲଦାର ସୌଦାଗର ବେହେରା, ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧକ୍ଷ ରଥ ସେଠି, ପ୍ରକୃତି ବନ୍ଧୁ ପ୍ରଶାନ୍ତ ଦିବେଦୀ, ବାଲିବୋ ସମବାୟ ସମିତି ସଭାପତି ମଳୟ କୁମାର ତ୍ରିପାଠୀ, ଗୋପବନ୍ଧୁ ଦାସ ସେବା ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ସଂଯୋଜକ ନିରଞ୍ଜନ ଗୁରୁ, ମହାଲକ୍ଷ୍ମୀ ବଣିକ ସଙ୍ଘର ସଭାପତି ଦୁଷ୍ମନ୍ତ ପୃଷ୍ଟି, ସମାଜସେବୀ ସୁବାସ ମେହେଣା ଅତିଥି ଭାବେ ଯୋଗ ଦେଇଥିଲେ ।

ଉଦଯାପନୀ ଉତ୍ସବରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଞ୍ଜୟ ଦାସ, ବୀରେନ୍ଦ୍ର ପ୍ରତାପ ଜେନା ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ବିଜୟା ସଂଯୋଜନା କରିଥିବା ବେଳେ ତୃପ୍ତି ପାଠାଗାର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଭିଯୋଗର ୨୦ ଦିନ ପରେ ବି ନୀରବ ପ୍ରଶାସନ

# ପୁଣି ସିଡିପିଓଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ମହିଳା ସଂଘ

ପାଲଲହଡା, (ସବ୍ୟୁ) : ଏଏନଏମ ଚାକିରି ସହ ସରକାରୀ ଚାଉଳ ଡିଲରସିପ୍ ରହିବା ଏବଂ ଚାଉଳ ବଣ୍ଟନରେ ଅନିୟମିତତା ନେଇ ହୋଇଥିବା ଅଭିଯୋଗକୁ ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ ସ୍ତରରେ ତଦନ୍ତ ଆଗକୁ ବଢୁନଥିବା ଅଭିଯୋଗ ହୋଇଛି । ତଦନ୍ତ ପ୍ରକ୍ରିୟାକୁ ଜାଣିଶୁଣି ବାଟବଣା କରାଯାଉଥିବା ଅଭିଯୋଗ ଆଣି ଆଜି ପୁଣିଥରେ ସିଡିପିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆଦିବାସୀ ମହିଳା ସଂଘ । ପାଲଲହଡା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ଅନ୍ତର୍ଗତ ଜମରଡିହ ଗ୍ରାମର ଲଜସ୍ମିତା ସାହୁଙ୍କ ନାମରେ ସରକାରୀ ଚାଉଳ ଡିଲରସିପ୍ ଥିବା ବେଳେ ସେ ଜମରଡିହ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରରେ ଡିଏମଏଫ ପାଣ୍ଠି ଅଧୀନରେ ଏଏନଏମବ ଭାବେ କାର୍ଯ୍ୟ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା । ଏଥିସହ ତାଙ୍କ ନାମରେ ଥିବା ଡିଲରସିପରୁ ତାଙ୍କ ସ୍ୱାମୀ ଚାଉଳ ଓ କିରୋସିନ୍ ବଣ୍ଟନ କରୁଥିବା ଏବଂ କେତେକ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ପରିମାଣର ଚାଉଳ ମିଳୁନଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା ।



ପୂର୍ବରୁ ଏହି ଘଟଣାକୁ ନେଇ ମହିଳାମାନେ ଯୋଗାଣ ବିଭାଗ ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରି ନିରପେକ୍ଷ ତଦନ୍ତ ଦାବି କରିଥିଲେ । ମାତ୍ର ଅଭିଯୋଗର ୨୦ ଦିନ ପରେ ମଧ୍ୟ ଠୋସ୍ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଅଭିଯୋଗକାରୀ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଅଭିଯୋଗର ତଦନ୍ତରେ ବିଳମ୍ବକୁ ନେଇ ଆଜି ଆଦିବାସୀ ମହିଳା ସଂଘର ସଦସ୍ୟମାନେ ପୁଣିଥରେ ସିଡିପିଓଙ୍କୁ ଭେଟି ଲିଖିତ ଭାବେ ନିଜ ଦାବି ଜଣାଇଛନ୍ତି ।

ଅଭିଯୋଗର ନିରପେକ୍ଷ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଅନିୟମିତତା ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି । ତୁରନ୍ତ ତଦନ୍ତ ଆରମ୍ଭ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ବୋଲି ଆଦିବାସୀ ମହିଳା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ପୁନର୍ବାର ଅଭିଯୋଗ ପରେ ସିଡିପିଓ ମହିଳାମାନଙ୍କୁ ଆଶ୍ୱାସନ ଦେଇ କହିଥିବା ଜଣାପଡ଼ିଛି ଯେ, ଘଟଣାର ଖୁବ୍‌ଶୀଘ୍ର ତଦନ୍ତ କରାଯିବ । ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେଲେ, ନିୟମ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଅଭିଯୋଗର ୨୦ ଦିନ ପରେ ମଧ୍ୟ ତଦନ୍ତରେ ବିଳମ୍ବ କାହିଁକି ହେଲା ଏବଂ ଅଭିଯୋଗର ତଦନ୍ତ କେଉଁ ସ୍ତରରେ ରହିଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ପ୍ରଶାସନ ପକ୍ଷରୁ କେବେ ତଦନ୍ତ ଆରମ୍ଭ ହେଉଛି ଏବଂ ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ଅଞ୍ଚଳବାସୀଙ୍କ ନଜର ରହିଛି । ତେବେ ଅଭିଯୋଗ ସତ ନା ମିଥ୍ୟା- ନିରପେକ୍ଷ ତଦନ୍ତ ପରେ ହିଁ ଏହାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ୧୫୦୧ ତମ ଜୟନ୍ତୀ

# ସହର ପରିକ୍ରମା କଲା ୮୪ ଚିତ୍ତାକର୍ଷକ ଜୁଲୁସ ଓ କାଫେଲା



ଭଦ୍ରକ,(ସବ୍ୟୁ): )–ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ୧୫୦୧ ତମ ଜନ୍ମଜୟନ୍ତୀ (ଜଶ୍ନ–ଏ–ଈଦ ମିଲାଦୁନ ନବୀ) ଭଦ୍ରକ ସହରରେ ଆନନ୍ଦ ଉଲ୍ଲାସ ସହ ଶାନ୍ତି ଶୃଙ୍ଖଳା ମଧ୍ୟରେ ପାଳନ କରାଯାଇଛି । ଏହି ପର୍ବ ଉପଲକ୍ଷେ ସମଗ୍ର ଭଦ୍ରକ ସହର ଉତ୍ସବ ମୁଖର ହୋଇ ଉଠିଥିଲା । ପୁରୁଣା ବଜାର ସ୍ଥିତ ଚୌଖଣ୍ଡିରୁ ସନ୍ଧ୍ୟା୬ଟା ରୁ ଶୁଭାରମ୍ଭ ହୋଇଥିଲା । ଏହି ଉତ୍ସବକୁ ଭଦ୍ରକ ମୁସଲିମ ଜମାତର ଉପ–ସଭାପତି ମହମ୍ମଦ କଲାଉଲ୍ଲା ଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିଲା, ଏବଂ ମୁସଲିମ ଜମାତ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ହାଡି ଖାନ , ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅଂଶୁମାନ ଦ୍ୱିବେଦୀ , ସମାଜସେବୀ ବିଦ୍ୟାଧର ସାହୁ, ଯୁବନେତା ଅସିତ ପଟ୍ଟନାୟକ,ଜଗିନୀ ମହାନ୍ତି,ସୁଧାକର ରାଉତ, ହରି ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ଖାଁ ଏହାରେ ମୁସଲିମ ଜମାତର କାର୍ଯ୍ୟନିର୍ବାହୀ ସଦସ୍ୟ ଜମିଲ ଅଖତର ଖାନ ,ଇଂ.ରେଜାଏ ରସୁଲ,ଅଖତର ଅଲିଖାନ,କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ ଓ ଶେଖ ଗୁଲଜାମ,ଇଂ.ମୁଖତାର ଅହେମଦ ରସିଦ,ହାଜି ଅବ୍ଦୁ ହୋସେନ, ନସିରୁଦ୍ଦିନ ଖାନ, ହାଜି ଲୋକା ଖାନ ପ୍ରମୁଖ ଉପସ୍ଥିତ ରହିଥିଲେ । ୮୪ଟି ସୁସଜ୍ଜିତ ଚିତ୍ତାକର୍ଷକ ଜୁଲୁସ ଓ କାଫେଲା ଚୌଖଣ୍ଡିରୁ ବାହାରି ପୁରୁଣା ବଜାର, ଲାହାପଡ଼ି, ପାଟଣାସାହି, ନଖାମହଲ୍ଲା, ହଜାରାନଗର, କଟେରୀ ବଜାର, ନୂଆବଜାର, କଚମବେ, ଶଙ୍କରପୁର ଓ ହେଲାସାହି ଛକ ଦେଇ ସହର ପରିକ୍ରମା କରି ମଦିନା ମଇଦାନଠାରେ ପହଞ୍ଚିଥିଲା । ବିଶେଷକରି କାଫେଲାରେ ଛୋଟ ଛୋଟ ଶିଶୁମାନଙ୍କ ଗୋଟିଏ ପ୍ରକାର ପୋଷାକରେ ଓ ଜୁଲୁସ(ମୋହେ) ଅନୁରୂପ କାରିଗରମାନଙ୍କ ଔରି ଶୋଭାଯାତ୍ରା ଓ ଶେଷ ଆକର୍ଷଣୀୟ ହୋଇଥିଲା। ଭଦ୍ରକ ଏଭଳି ଭାଇଚାରା ସହରର ଏହି ସହରରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ଏକ ହୋଇ ପର୍ବପର୍ବାଣୀ ପାଳନ କରିଥାନ୍ତି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜୁଲୁସ ଓ କାଫେଲା ସହର ପରିକ୍ରମା କରିବା ସମୟରେ ପ୍ରତ୍ୟେକ ଛକ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସରବତ,ପ୍ରସାଦ,ମିଷ୍ଟାନ ଓ ବିଭିନ୍ନ ପ୍ରକାରର ଉପହାର ବଣ୍ଟନ କରାଯାଇଥିଲା। ସହର ପରିକ୍ରମା ସ୍ଥାନରେ ସାମିୟାନ କମିଟି,ଅଲ ଅଷ୍ଣା କମିଟି,ବାବା କେ ପଠାନ କମିଟି, ହେଲାସାହି ଓ ପୁରୁଣା ସାହି ଯୁବକ ସଙ୍ଘ କମିଟି ତରଫରୁ ଆକର୍ଷଣୀୟ ଗେଟ ଓ ରଙ୍ଗ ବେରଙ୍ଗର ଆଲୋକ ସଜା ଯାଇଥିଲା। ମଦିନା ମଇଦାନରେ ରାତ୍ରି ୧୦ଟାରେ ସମୟରେ କବି ମୁସ୍ତାକ ଗୌହରଙ୍କ ସଂଚାଳନରେ ଏକ ଧର୍ମସଭା ଚାଲୁ ରହିଛି। ଏହି ଧର୍ମସଭାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ମୌଲାନା (ପଣ୍ଡିତ), ସାଏର (କବି) ଯୋଗଦାନ କରି ହଜରତ ପ୍ରଫେଟଙ୍କ ତ୍ୟାଗପୂର୍ଣ୍ଣ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖି ଆଲୋକପାତ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ଉପସ୍ଥିତ ରହି ଶୋଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ ସଂଯୋଜକ କରିଥିଲେ। ଏହି ସଭାରେ ମୁସଲିମ ଜମାତର ହାଜୀ ଅବ୍ଦୁ ସୁଫିୟାନ,ଇଂ. ହବିବୁଲ୍ଲା ଖାନ,ଅଖତର ଅଲି ଖାନ,ମିର୍ଜା ଓ ସେଲ ଇମଡାଯାଜ ,ଶେଖ ହବିବୁଲ୍ଲା,ଜାୱେଦ ଅଖତର, ହଜରତ ଖାନ,ହାଜି ହଫିଜୁର ରହେମାନ,ହାଜୀ ସଇଦ ସାହା,ହାଜୀ କୟୁମ ସାହା,ଲୋକମାନ ଖାଁ ଓ ଅନୱର କୋରେଶି ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରା ସହିତ ଧର୍ମସଭାରେ ପରିଚାଳନା କରିଥିଲେ। ଏହି ଶୋଭାଯାତ୍ରାରେ ୩୧ପ୍ଲାଟୁନ ଫୋର୍ସ, ୯ଡିଏସପି, ୩୧ଏସପି ଓ ୪୦ ଜଣ ପୋଲିସ ଫୋର୍ସ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ ।

# ପାଳିତ ହେଲା ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ

ବାଲେଶ୍ୱର, (ସବ୍ୟୁ) : ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ଶୁକ୍ରବାର ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଆନନ୍ଦ ଉଲ୍ଲାସ ସହ ପାଳନ କରିଛନ୍ତି ଇସଲାମ ଧର୍ମାବଲମ୍ବୀ ମାନେ। ଏହି ପରିପ୍ରେକ୍ଷୀରେ ଜସନ୍–ଏ–ଇଦ୍ ମିଲାଦୁନ୍ ନବୀ କମିଟି ପକ୍ଷରୁ ଏକ ବିଶାଳ ବାଇକ ରାଲି ସକାଳ ୭ ଟାରେ ଦରଘା ମୈଦାନରୁ ବାହାରି ସହର ପରିକ୍ରମା କରିବା ପରେ ପୁଣି ପୂର୍ବାହ୍ନ ସାଢ଼େ୧୦ଟାରେ ଦରଘା ମୈଦାନକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଶାନ୍ତି ଶୃଙ୍ଖଳା ସହ ଏହି ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ବେଳେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ , ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, କଂଗ୍ରେସ ନେତା ସରୋଜ କୁମାର ଲେଙ୍କା,ବିଭିନ୍ନ ଛକ ମାନଙ୍କରେ ଉପସ୍ଥିତ ରହି ରାଲି ରେ ଯାଉଥିବା ଲୋକମାନଙ୍କୁ ଇଦ–ମିଲାଦୁନ–ନବୀର ଶୁଭେଚ୍ଛା ଜଣାଇବା ସହ ପୁଷ୍ପ ବୃଷ୍ଟି କରିଥିଲେ। ସେହିପରି ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ,ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଶେଖ ଆୟୁବ ଶିବୁ, ସାମ୍ବାଦିକ ହାଇଦର ଖାନ, ଅନୁପ ସ୍ୱାଇଁ, ଅର୍ଚନା ନନ୍ଦି, ସେଖ୍ କାଲାମ୍, ସେଖ୍ ଅସଗର ଅଲ୍ଲି, ସେଖ୍



ଭାନୁ,ସେଖ ରଜବ୍ ଅଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଲୋକମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। କମିଟିର ସଭାପତିଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ରକ୍ଷ୍ୟାରେ ବିଭିନ୍ନ ସାହି ବସ୍ତିରୁ ୨୨ଗୋଟି ଜୁଲୁସ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ସିନେମା ଛକ, ମୋତିଗଞ୍ଜ, ଟାଉନ ଥାନା, ଗୋଳାପୋଖରୀ ଦେଇ ଦରଘା ମୈଦାନ ରେ ଠାରେ ପହଞ୍ଚି ଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଏକାଧିକ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ

# କଦମରସୁଲରେ ତବୃକାତ ଦର୍ଶନ କଲେ ଶ୍ରଦ୍ଧାଳୁ

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ ଜଗତି କଦମରସୁଲ ଠାରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ ପାଳନ ହୋଇଯାଇଛି। ଧାମନଗର ଠାରେ ଦୁଇ ଦିନ ଧରି ପାଳନ କରାଯାଇଥିବା ଏହି ପବିତ୍ର ପର୍ବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ମଙ୍ଗଳବାର ରାତିରେ ରଙ୍ଗାରଙ୍ଗ ଜୁଲୁସ ଶୋଭାଯାତ୍ରା ହୋଇଥିବାବେଳେ ବୁଧବାର ଦିନ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଜଗତି ସ୍ଥିତ କଦମରସୁଲ କମିଟି ସଭାପତି ତଥା ଦର୍ଘା ସରିଫର ମତୱଲ୍ଲି ମୌଲାନା ମହମ୍ମଦ ହମ୍ମାଦ ହବିବ ମହାପୁରୁଷ ମହମ୍ମଦଙ୍କ ପବିତ୍ର ପାଦଚିହ୍ନ ସହ ସେଠାରେ ଥିବା ତବୃକାତ ଗୁଡ଼ିକୁ ଗୋଲାପ ଜଳ ଓ ଚନ୍ଦନରେ ଗୋସଲ ବା ସ୍ନାନ କରାଇଥିଲେ। ମୌଲବି ଓ ମୌଲାନାମାନଙ୍କ ଦ୍ୱାରା କୋରାନ ଖାନି,ଫାତେହା କରାଯାଇଥିଲା। ବିଭିନ୍ନ ଅଂଚଳ ଓ ସାହି ବସ୍ତିରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଚାଦର ଚଢ଼ାଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦର୍ଶନ କରିଥିଲେ। ପରେ ବିଭିନ୍ନ ତବୃକାତ ଗୁଡ଼ିକର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୫ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ପୁରୁଷ ଓ ଗୋଟାଏ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମହିଳା ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଲଙ୍ଗରର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସମେତ ପଡୋଶୀ ଯାଜପୁର,କେନ୍ଦ୍ରାପଡା,ବାଲେଶ୍ୱର ଆଦି ଜିଲ୍ଲାର ବିଭିନ୍ନ ଅଂଚଳରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଜଗତି କଦମରସୁଲ ଠାରେ ପହଂଚି ଚାଦର ଚଢାଇ ତବୃକାତ ଦର୍ଶନ କରିଥିଲେ। ମତୱଲି ମୌଲାନା ମହମ୍ମଦ ହମ୍ମାଦ୍ ହବିବିଙ୍କ ତତ୍ତ୍ୱାବଧାନରେ କମିଟିର ସମ୍ପାଦକ ସେକ ସୈଫୁଦ୍ଦିନ,ଉପସଭାପତି ମହମ୍ମଦ ଅରହମ୍ ହବିବି,ସଦସ୍ୟ ସେକ ଅବଦୁଲ୍ଲା,ସେକ ମୁସରଫ,ତାରିକ ଅନୱର,ସେକ କମରୁଦ୍ଦିନ ପ୍ରମୁଖଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ବିଭିନ୍ନ ଦଳର ରାଜନୈତିକ ନେତୃବୃନ୍ଦ ଜଗତି କଦମରସୁଲ ଠାରେ ପହଂଚି ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ବେଲଦାରୁ ଚଳାଚଳ କରିବ ଜଳେଶ୍ୱର–ହାଓଡ଼ା ଟ୍ରେନ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ୟାର୍ଡରେ ଚାଲିଥିବା ନନ୍–ଇଣ୍ଟରଲକିଂ କାର୍ଯ୍ୟ ଯୋଗୁଁ ପୂର୍ବରୁ କେତେକ ସ୍ଥାନୀୟ ଟ୍ରେନ୍ ବାତିଲ କରାଯାଇଥିଲା। ତେବେ ଯାତ୍ରୀଙ୍କ ଯାତାୟାତ ସୁଗମ କରିବା ପାଇଁ ରେଳବାଇ ପକ୍ଷରୁ ସେବା ବ୍ୟବସ୍ଥାରେ କିଛି ପରିବର୍ତ୍ତନ କରାଯାଇଛି। ଖଡ଼ଗପୁର ରେଳବାଇ ଡିଭିଜନ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୬୮୦୦୭ ନମ୍ବର ହାଓଡ଼ା–ଜଳେଶ୍ୱର ମେମୁ ଟ୍ରେନ୍ ୨୬ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏବଂ ୬୮୦୦୨ ନମ୍ବର ଜଳେଶ୍ୱର–ହାଓଡ଼ା ମେମୁ ୨୭ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ବେଲଦାରୁ ଚଳାଚଳ କରିବ। ଏହି ସମୟରେ ଉଭୟ ଟ୍ରେନ୍‌ର ଜଳେଶ୍ୱର ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ। ସେହିପରି ୬୮୦୪୭ ନମ୍ବର ଖଡ଼ଗପୁର–ବେଲଦା ମେମୁ ୨୬ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏବଂ ୬୮୦୪୮ ନମ୍ବର ବେଲଦା–ଖଡ଼ଗପୁର ମେମୁ ୨୭ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବାତିଲ ରହିବ। ଯାତ୍ରୀମାନେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ଯାତ୍ରା ଯୋଜନା କରିବା ସହ ଯାତ୍ରା ପୂର୍ବରୁ ଟ୍ରେନ୍ ଚଳାଚଳ ସମ୍ପର୍କିତ ସର୍ବଶେଷ ସୂଚନା ଯାଞ୍ଚ କରିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଘରେ ପହଞ୍ଚି ଭିନ୍ନକ୍ଷମ ଦମ୍ପତିଙ୍କୁ ଭତ୍ତା ଦେଲେ ପିଇଓ

ବାଲେଶ୍ୱର,(ସବ୍ୟୁ): ସରକାରୀ ସୁବିଧା ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଥିବା ବେଳେ ବାଲିଆପାଳ ବ୍ଲକ୍ କୁଣ୍ଡୁଳି ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତର ଦାଣ୍ଡିପଦା ଆଦିବାସୀ ସାହିର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିରାମ ମାଝୀ ଓ ଫୁଲ ମାଝୀଙ୍କ ଘରେ ପହଞ୍ଚି ପିଇଓ କଟିଆ ମାରାଣ୍ଡି ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଭୂମିହୀନ ଓ ଅଶିକ୍ଷିତ ଏହି ଦମ୍ପତି ଦୀର୍ଘଦିନ ଧରି ଭିନ୍ନକ୍ଷମ ଭତ୍ତା ପାଇ ନଥିଲେ। ସାମାଜିକ କର୍ମୀ ରାଜକିଶୋର ପାତ୍ର ଏନେଇ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ପାର୍ଥସାରଥୀ ସାହୁଙ୍କୁ ଜଣାଇଥିଲେ। ବିଡିଓ ରାଧାରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ୫ ମାସର ଭତ୍ତା ଦେବାକୁ ବ୍ୟବସ୍ଥା କରାଯାଇଥିଲା। ଉଭୟଙ୍କୁ ୬ ହଜାର ଲେଖାଏଁ ମୋଟ ୧୨ ହଜାର ଟଙ୍କା ମିଳିଥିଲା। ଗ୍ରାମର ରାସ୍ତା କାଦୁଅ ଓ ପାଣିରେ ଭରିଥିବା ସତ୍ତ୍ୱେ ପିଇଓ ଶ୍ରୀ ମାରାଣ୍ଡି କାଦୁଅ ବିଲ ଓ ପାଣି ଦେଇ ଚାଲି ଚାଲି ଦମ୍ପତିଙ୍କ ଘରେ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ତାଙ୍କର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ବୈତରଣୀରେ ବନ୍ୟା ଜଳସ୍ତର ହ୍ରାସ

ଭଣ୍ଡାରିପୋଖରୀ (ସବ୍ୟୁ): : ବୈତରଣୀ ନଦୀରେ ବନ୍ୟା ଜଳସ୍ତର ହ୍ରାସ ପାଇଛି। ସୋମବାର ମଧ୍ୟରାତ୍ରରେ ଜଳସ୍ତର ୧୮.୫୫ମିଟର ହୋଇ ସ୍ଥିର ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ସତର୍କସଙ୍କେତ ସ୍ତର ୧୭.୮୩ମିଟ ରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୪ ମି.ମି. ବେଗରେ ହ୍ରାସ ପାଉଛି। ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ମି.ମି. ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡରେ ବଡଧରଣର ବର୍ଷା ହୋଇନାହିଁ। ନଦୀରୁ ଜଳସ୍ତର ହ୍ରାସ ପାଇଥିଲେ ହେଁ ବହୁ ଗ୍ରାମର ଚାଷଜମି ଜଳମଗ୍ନ ହୋଇ ରହିଛି।

# କଲେଜ ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ

ସୋର,(ସବ୍ୟୁ): ସୋର ବ୍ଲକ ଅନ୍ତର୍ଗତ ସାରସ୍ୱତ ମହାବିଦ୍ୟାଳୟ ଅନନ୍ତପୁର ପରିସରରେ ଥିବା ପ୍ରାୟ ୪୦ ବର୍ଷ ପୁରୁଣା ଦୁଇଟି ବଡ ଗଛକୁ ଗତ ୧୭ ତାରିଖ ଦିନ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା କଟା ଯାଇଥିଲା। ଏହି ଦୁଇଟି ବୃକ୍ଷ ଦଶନ୍ଧି ଦଶନ୍ଧି ଧରି ମହାବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ଆସ୍ଥା ସହିତ ଜଡିତ ଏକ ପ୍ରାକୃତିକ ସମ୍ପଦ ଥିଲା। ଗଛ କାଟିବା ନେଇ ଗତ ୨୧ ଅଗଷ୍ଟ ୨୦୨୬ ରିଖ ଦିନ କଲେଜ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ପରିବେଶବିତ୍‌ମାନେ ସୋର ତହସିଲଦାରଙ୍କ ମାଧ୍ୟମରେ ଉପ ଜିଲାପାଳଙ୍କୁ ତଦନ୍ତ ପାଇଁ ଏକ ଦରଖାସ୍ତ ପ୍ରଦାନ କରିଥିଲେ। ଦରଖାସ୍ତ ପାଇବା ପରେ ନିଜେ ସୋର ତହସିଲଦାର କୃଷ୍ଣ ମୋହନ ସିଂହ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବିନା ଅନୁମତିରେ ମହାବିଦ୍ୟାଳୟ ପରିସରରେ ଥିବା ଦୁଇଟି ବହୁ ପୁରାତନ ବିରାଟକାୟ ଗଛକୁ କାଟିବା ନେଇ ଏକ କାରଣ ଦର୍ଶାଅ ନୋଟିସ୍ ଗତ ଅଗଷ୍ଟ ୨୪ ତାରିଖ ଦିନ ସୋର ତହସିଲଦାର କଲେଜ ଅଧ୍ୟକ୍ଷଙ୍କୁ ଦେଇଛନ୍ତି ଏବଂ ନୋଟିସ ପାଇବାର ୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି।

# ଦନ୍ତା ଆକ୍ରମଣରେ ଯୁବକ ମୃତ

ଢେଙ୍କିକୋଟ ,(ସବ୍ୟୁ): ଘଟଗାଁ ବ୍ଲକ ସାମପାଟଣା ରେଞ୍ଜ ତୋରାଣିପୋଖରୀ ପଞ୍ଚାୟତ ଅନ୍ତର୍ଗତ ଧୋବାପିଟଣା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା ।ବୁଦବାରଅପରାହ୍ଣ ୨ଟାରେ ମାଧବ ଗାଗରାଇ( ୩୦) ନାମକ ଜଣେ ଯୁବକ ନିକଟବର୍ତ୍ତୀ ଜଙ୍ଗଲ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତେବେ ହଠାତ ଏକ ଗୋଠଛଡା ଦନ୍ତାହାତୀ ଅତର୍କିତ ଭାବେ ଆସି ତାଙ୍କୁ ଆକ୍ରମଣ କରିଥିଲା । ଦନ୍ତାହାତୀଟି ଶୁଣ୍ଢରେ କଚାଡି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ମୃତକ ର ବଡ଼ଭାଇ ମଙ୍ଗଳ ମୁଣ୍ଡା ଲିଖିତ ଆକାରରେ ଢେଙ୍କିକୋଟ ଫାଣ୍ଡିରେ ଜଣାଇଥିଲେ । ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ସାମପାଟଣା ଠାରେ ବ୍ୟବଚ୍ଛେଦ କରାଇଛନ୍ତି । ଖବରଟି ଉକ୍ତ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିବା ସହିତ ହାତୀ ପାଇଁ କୋକୁଆଭୟ ସୃଷ୍ଟି ହୋଇଛି । ବନବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ।

# ଚୋରା କାଠ ବୋଝେଇ ପିକ୍‌ଅପ୍ ଜବତ

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରୁ ଏକ ଚଉକାଠ ବୋଝେଇ ପିକଅପ ଜଦ କରିଛି ଠାକୁରମୁଣ୍ଡା ନବିଭାଗ। କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ବିଶେଷ ସୁତ୍ରରୁ ଖବର ପାଇ ଜରକ ଗ୍ରାମ ପଞ୍ଚାୟତ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରେ ଛକି ରହିଥିଲେ। ମଙ୍ଗଳବାର ରାତି ପ୍ରାୟ ୨ଟାରେ ର ଏକ ପିକଅପ (ଓ ଆର ୦୨ଟିଝ୫୦୧୩) କୁ ଅଟକାଇ ତଲାସୀ କରିବାରୁ କାଠ ବୋଝେଇ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଗାଡ଼ି ଛାଡ଼ି ଚାଳକ ଦୌଡ଼ି ପଳାଇଥିଲା। ନବିଭାଗ କର୍ମଚାରୀ ପିକଅପ କୁ ଜବତ କରି ଠାକୁରମୁଣ୍ଡା ନବିଭାଗ କାର୍ଯ୍ୟାଳୟ କୁ ଆଣିଥିଲେ। ପିକଅପ ରେ ୭୮ ପିସ ଶାଳ ଚଉକାଠ ଲୋଡହୋଇ ଯାଉଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ନବିଭାଗ ସୁଚନା ଦେଇଛନ୍ତି। ଏହି ଚଢ଼ାଉ କାର୍ଯ୍ୟକ୍ରମ ରେ ନପାଳ ବିଦ୍ୟାଧର ମହାନ୍ତ, ବିଶଜିତ ମହାନ୍ତ,ନରକ୍ଷୀ ମନୋଜ କୁମାର ବେହେରା,ତପନେଶର ପାଲ ଏବଂ ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ।

# ମାନସିକ ବିକାର ଯୁବକ ଅଟକ

ଅସୁରାଳି,(ସବ୍ୟୁ): ଭଦ୍ରକ ଗରଦପୁର ଅଂଚଳର ଯୁବକ ମାନସ ରାଉତ(୨୪) ସୋମବାର ଦିନ ଶହୀଦ ନଗର କଟସାହି ଅଂଚଳରେ ପହଂଚି ଏକାଧିକ ଲୋକଙ୍କ ଘରକୁ ଯାଇଥିଲେ। ଲୋକଙ୍କୁ ଗୁଡ଼େଇ ଗୁଡେଇ ପ୍ରଶ୍ନ ପଚାରିଥିଲେ। ବନ୍ୟାଜନିତ ସରକାରୀ ସହାୟତା ଏବଂ ରିଲିଫ ସାମଗ୍ରୀ ନେଇ ତାଙ୍କୁ କଲେକ୍ଟର ସ୍ୱତନ୍ତ୍ର ଭାବେ ଏଠାକୁ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି କହି ଅନେକ ଲୋକଙ୍କୁ ବିରକ୍ତି କରି ଦେଇଥିଲେ। ଯୁବକଙ୍କ କଥାବାର୍ତ୍ତା ଏବଂ ହାବଭାବ ଉପରେ ସନ୍ଦେହ ହୋଇଥିଲା ଏବଂ ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଧୂଷୁରୀ ଥାନାକୁ ଖବର ଦେଇଥିଲେ। ଧୂଷୁରୀ ପୁଲିସ କଟସାହିରେ ପହଂଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ।ଭଦ୍ରକ ଗରଦପୁର ଅଂଚଳର ମାନସ ରାଉତ ନାମକ ଏହି ଯୁବକଙ୍କର କେତେକାଂଶରେ ମାନସିକ ବିକୃତି ରହିଛି। ସେ ଏଥି ଯୋଗୁଁ ଏଭଳି କରିଛନ୍ତି। ରାତିରେ ଅଟକ ଥିବା ମାନସଙ୍କ ପରିବାର ଲୋକେ ଧୂଷୁରୀ ଥାନାରେ ପହଂଚି ତାଙ୍କୁ ଘରକୁ ନେଇଥିବା ଜଣାଯାଇଛି।

# ସାହିତ୍ୟ ମହୋତ୍ସବ–୨୦୨୬

ବାସୁଦେବପୁର,(ସବ୍ୟୁ): ବସୁଦେବପୁର ସ୍ଥିତ କୌଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ପ୍ରଜ୍ଞାପଥ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାସୁଦେବପୁର ସାହିତ୍ୟ ମହୋତ୍ସବ–୨୦୨୬ ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ ସଭାର ସାମାଜିକ କର୍ମୀ ମମତା ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡଃ.ଅରୁଣ କୁମାର ସାହୁ,ମୁଖ୍ୟବକ୍ତା ଭାବେ କୃଷି ବୈଜ୍ଞାନିକ ଡଃ.ଅରୁଣ କୁମାର ପାତ୍ର,ପ୍ରଜ୍ଞାପଥର ସଂପାଦକ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ଉଦବୋଧନ ଦେଇଥିଲେ। ପ୍ରଜ୍ଞାପଥ ପକ୍ଷରୁ ଆମ ଅକ୍ଷର ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମାଜ ସାମାଜିକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଂଗାଧର ଘଡେଇ,ଭାଗିରଥି ସ୍ୱାଇଁ,କରୁଣାକର ବାରିକଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା କବି ଓ କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ କୌଳାସ ଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁଲୁସ ଶୋଭାଯାତ୍ରା

ଆଗରପଡ଼ା,(ସବ୍ୟୁ)ସ୍ଥାନୀୟ ପୁରୁଷଣ୍ଡ,ଚାରିଘରିଆ,ଘଣ୍ଟଗଡ଼ିଆ ଆଦି ସ୍ଥାନରେ ମହମ୍ମଦଙ୍କ ଜୟନ୍ତି ଉତ୍ସବ ଉତ୍ସାହ,ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜୁଲୁସ ଶୋଭାଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ପ୍ରାୟ ୫ଗୋଟି ଜୁଲୁସ ବିଭିନ୍ନ ସ୍ଥାନରୁ ବାହାରି ବଜାର,ସାହୀ ଆଦି ପରିକ୍ରମା କରିଥିଲା। ଏହାକୁ ବହୁ ଲୋକ ଉପଭୋଗ କରିଥିଲେ। ବିଧାୟକ ସଂଜୀବ ମଲ୍ଲିକ,ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡେଇ,ବିଜ୍ଞାନଭୂଷଣ ମହାନ୍ତି,ସତ୍ୟସାଧନ ବେଜ,ବସନ୍ତ ପତି,ରବିନାରାୟଣ ମହାନ୍ତି,ସତ୍ୟବାନ ଦାସ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ନେତା,ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଜଇନୁଲ ଆବେଦିନ,ଶେର ଅଲ୍ଲୀ,ଶେଖ ଇନୁସ୍,ଇସଲାମ ଖାଁ,ମହମ୍ମଦ ଇସଲାମ,ରମଜାନ ଖାଁ ପ୍ରମୁଖ ବିଭିନ୍ନ ଜୁଲୁସରେ ସାମିଲ ଥିଲେ।

# ବନ୍ଧୁକ ଦେଖାଇ ଯୁବତୀଙ୍କ ଠାରୁ ମୋବାଇଲ ଲୁଟ୍

ସୋର,(ସବ୍ୟୁ): ସୋର ଥାନା ହଦ ଗ୍ରାମ ନିକଟ ଜଙ୍ଗଲ ରାସ୍ତାରୁ ବନ୍ଧୁକ ଦେଖାଇ ଜଣେ ଯୁବତୀଙ୍କ ନିକଟରୁ ୩ ଜଣ ଦୁର୍ବୃତ୍ତ ମୋବାଇଲ ଲୁଟି ନେଇଥିବା ଜଣାପଡିଛି। ଔପଦା ଥାନା ଦୁର୍ଗାପୁର ଗ୍ରାମର ନମିତା ନାୟକ (୧୯) ବୁଧବାର ମଧ୍ୟାହ୍ନରେ ସ୍କୁଟି ଯୋଗେ ସୋର ଆସୁଥିଲେ। କିନ୍ତୁ ହଦ ଗ୍ରାମ ନିକଟ ଜଙ୍ଗଲ ରାସ୍ତାରେ ମଙ୍ଗଳପୁର ଆଡୁ ଏକ ବାଇକରେ ୩ ଜଣ ଦୁର୍ବୃର୍ତ୍ତ ଆସି ତାଙ୍କ ସ୍କୁଟିକୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କ ନିକଟରେ ଥିବା ମୋବାଇଲ ଟିକୁ ଲୁଟି ନେଇଥିଲେ। ନମିତା ଭୟରେ ଜଙ୍ଗଲ ମଧ୍ୟରେ ଛେଳି ଚରାଉଥିବା ଜଣେ ମହିଳାଙ୍କ ନିକଟକୁ ଦୌଡ଼ି ପଳାଇ ଯିବା ପରେ ସେମାନେ ତାଙ୍କ ସ୍କୁଟିର ମିରର, ଲାଇଟ କାଚ ଏବଂ ଇଣ୍ଡିକେଟର କାଚ ଭାଙ୍ଗି ଦେଇଥିଲେ। ଏହି ସମୟରେ ସେହି ରାସ୍ତାରେ ଏକ ଅଟୋ ଆସିଯିବାରୁ ଦୁର୍ବୃର୍ତ୍ତମାନେ ବାଇକରେ ସେଠାରୁ ଫେରାର ହୋଇଯାଇଥିଲେ। ଏ ବାବଦରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ବନ୍ୟାରେ ମୃତ୍ୟୁ ହୋଇଥିବା ପରିବାରକୁ ଭେଟିଲେ ପ୍ରଣବ

ଧାମନଗର,(ସବ୍ୟୁ): ଚଳିତ ବର୍ଷ ଭୟଙ୍କର ବନ୍ୟାରେ ଧାମନଗର ବ୍ଲକର ୪ଜଣ ବନ୍ୟ ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି ଏବଂ ବ୍ଲକର ୧୮ଟି ପଞ୍ଚାୟତରେ ନାହିଁ ନଥିବା କ୍ଷତି ମଧ ହୋଇଛି। ହେକ୍ଟର ହେକ୍ଟର ଜମିରେ ବନ୍ୟା ଜଳ ବୁଡ଼ି ରହିବା ଦ୍ୱାରା ଧାନ ଚାଷ ସମେତ ପନିପରିବା ଚାଷ ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ବହୁ କଚ୍ଚା ଘର ମଧ ଭାଙ୍ଗି ଯାଇଛି। ଏହି ପରିପେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ଧାମନଗର ବ୍ଲକର ଅର୍ଜୁନପୁର୍ ଓ ହସନାବାଦ ପଂଚାୟତ ଗ୍ରସ୍ତ କରି ବନ୍ୟା ବିପନ୍ନ ପରିବାରଙ୍କୁ ନିଜସ୍ୱ ସାହାଯ୍ୟ କରିବା ପରେ ଆଜି ଧୁଷୁରୀ ଅଂଚଳ ଗସ୍ତ କରି ପୂଜୟପୁଜା ସଂସଦ ଗୃହରେ ୧୦ଟି ପଞ୍ଚାୟତର କର୍ମୀମାନଙ୍କ ସହିତ ବନ୍ୟା ସମ୍ବନ୍ଧୀୟ କ୍ଷୟ କ୍ଷତି ବାବଦରେ ଆଲୋଚନା କରିଥିଲେ। ପରେ ବମୁକୁରା ପଂଚାୟତର ବିଜେଡି ପୁରୁଖା କର୍ମୀ ବ୍ରଜକିଶୋର ପଣ୍ଡା ବନ୍ୟା ସ୍ରୋତରେ ଭାସି ଯାଇ ମୃତୁ୍ୟବରଣ କରିଥିବାରୁ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ନିଜସ୍ୱ ସାହାଯ୍ୟ କରିଥିଲେ ଏବଂ ସ୍ୱର୍ଗତ ପଣ୍ଡାଙ୍କ କର୍ମ କାର୍ଯ୍ୟ ସରିବା ପରେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆନନ୍ଦପୁର ପଞ୍ଚାୟତ ପାହାଡପୁର ଗ୍ରସ୍ତ କରି ବନ୍ୟାରେ ମୃତ୍ୟୁବରଣ କରିଥିବା ଗଣେଶ ଜେନାଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ନିଜସ୍ୱ ସାହାଯ୍ୟ କରିଥିଲେ। ଶ୍ରୀଦାସଙ୍କ ଏହି ଗ୍ରସ୍ତ ସମୟରେ ନିର୍ବାଚନମଣ୍ଡଳୀ ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ,ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ମଲ୍ଲିକ,ଶାରଦା ପ୍ରସନ୍ନ ସାହୁ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ,ସରପଂଚ ନରେନ୍ଦ୍ର ନାରାୟଣ ନାୟକଙ୍କ ସମେତ ଉପସ୍ଥିତ ଥିଲେ।

# ଜେଲ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ

ସୋର,(ସବ୍ୟୁ): ସୋର ଥାନା ମାଣତ୍ରୀ ଛକ ନିକଟରେ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଜଣେ ଜେଲ କର୍ମଚାରୀ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ସୋର ଥାନା ବଳଦିଆପଡା ଗ୍ରାମର ସୁରେନ୍ଦ୍ର ସାମଲ(୪୮) ସୋର ସବ ଜେଲରେ ଚିଫ ୱାର୍ଡେନ ଭାବେ କାର୍ଯ୍ୟରତ ଅଛନ୍ତି।ସେ ଅପରାହ୍ଣରେ ଜେଲରୁ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ମାଣତ୍ରୀ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ସୁରେନ୍ଦ୍ରଙ୍କ ଡାହାଣ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ବାମ ହାତର ଏକ ଆଙ୍ଗୁଠି କଟି ଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି ଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି।ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ଥିବା ବେଳେ ଖବର ପାଇ ସୋର ଥାନା ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନା ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ବନ୍ଧୁକ ଦେଖାଇ ଫେରିବାଲାଙ୍କ ଠାରୁ ଲୁଟ୍


ବାଲେଶ୍ୱର,(ସବ୍ୟୁ): ବାଲିଆପାଳ ବ୍ଲକ୍‌ରେ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ବଢୁଥିବା ବେଳେ ଭୁଜାଲିରେ ଆକ୍ରମଣ କରି ଓ ବନ୍ଧୁକ ଦେଖାଇ ଦୁଇଜଣ ଫେରିବାଲାଙ୍କଠାରୁ ନଗଦ ଟଙ୍କା ଓ ମୋବାଇଲ୍ ଲୁଟ୍ ହୋଇଛି। ଖଗଡ଼ାପାଳ ଗ୍ରାମର ସେଖ୍ ମେରୁଦ୍ଦିନ ଓ ସେଖ୍ ଅଲ୍ଲୀ ପ୍ରତିଦିନ ଭଳି ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ସାଇକଲ୍‌ରେ ଚଉମୁଖ ଅଞ୍ଚଳକୁ ଫେରି କରିବାକୁ ଯାଉଥିଲେ। ସେହି ସମୟରେ ବାଲିଆପାଳ–କାଳୀପଦା ରାସ୍ତାର କୋଷ୍ଟ କେନାଲ୍ ନିକଟରେ ଦୁଇଟି ବାଇକରେ ଆସିଥିବା ୬ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ । ଦୁର୍ବୃତ୍ତମାନେ ସେଖ୍ ମେରୁଦ୍ଦିନଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ସେଖ୍ ଅଲ୍ଲୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧୨ ହଜାର ଟଙ୍କା ଏବଂ ଏକ ମୋବାଇଲ୍ ଫୋନ୍ ଲୁଟି ଫେରାର୍ ହୋଇଯାଇଥିଲେ। ଗୁରୁତର ଆହତ ସେଖ୍ ମେରୁଦ୍ଦିନ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସତଦନ୍ତ ଆରମ୍ଭକରିଛି।ଘଟଣା ପରେ ଖଗଡ଼ାପାଳ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ଲୋକ ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବା ସହ ବାଲିଆପାଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଦାବି କରିଛନ୍ତି ।

# ମହମ୍ମଦଙ୍କ ଜୟନ୍ତୀରେ କାଫେଲା ଶୋଭାଯାତ୍ରାର ସହର ପରିକ୍ରମା

ବାସୁଦେବପୁର,(ସବ୍ୟୁ) ମହାପୁରୁଷ ହଜରତ ପ୍ରଫେଟ ମହମ୍ମଦଙ୍କ ୧୫୦୧ତମ ଜନ୍ମ ଜୟନ୍ତୀ ବାସୁଦେବପୁର ପୌରପାଳିକାରେ ଏହା ପାଳିତ ହୋଇଯାଇଅଛି। ସାବରପୁର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାସୁଦେବପୁର ସହର ପରିକ୍ରମା କରିଥିଲେ। ସାବରପୁର ୧୨ଟି ବସ୍ତିରୁ ଶୋଭାଯାତ୍ରା ବାହାରି ଥିବାବେଳେ ଶୁକଦେବପୁର,ନାୟକସାହି ମୁସଲିମ ବସ୍ତି ଓ ହାଟସାଗର ହଜାର ହଜାର ମୁସଲିମ ଭାଇ ଭଉଣୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ,ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା,ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା,ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ,ନିର୍ବାଚନମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ,ଯୁବ ସଭାପତି ମାନସ ରଞ୍ଜନ ସାହୁ,ଛାତ୍ର ଜନତା ଦଳର ସଭାପତି କାଳୀଚରଣ ସାହୁ,ଗିରିଶ ଚନ୍ଦ୍ର ସାମଲ,ଆରୁହା ସରପଂଚ ରାଜେନ୍ଦ୍ର ପ୍ରସାଦ ସାହୁ,ଶଶିକାନ୍ତ ରାଉତ,ଶ୍ୟାମସୁନ୍ଦର ମହାନ୍ତି ଶୋଭାଯାତ୍ରାର ସାମିଲ ହୋଇଥିଲେ। ବାସୁଦେବପୁର ବିଜୁ ଜନତାଦଳ ପକ୍ଷରୁ ପାନୀୟ ପ୍ରଦାନ କରି ଆପାୟିତ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୋଭାଯାତ୍ରା ସହର ପରିକ୍ରମଣ କରି ହାଟସାଗର ଠାରେ ଜଳ ପାନରେ ସମସ୍ତଙ୍କୁ ଆପାୟିତ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

# ସ୍ୱାସ୍ଥ୍ୟସେବାରୁ ଦୂରେଇ ଯାଉଛି ଡିଏମ୍‌ଏଫ : କାମରେ ଆସୁନି ଆମ୍ବୁଲାନ୍ସ


କେନ୍ଦୁଝର,(ଜିପ୍ର):ଏମ ଏମ ଡିଆର ସଂଶୋଧନ ବିଧେୟକକୁ ନେଇ ରାଜ୍ୟ ରୁ କେନ୍ଦ୍ର ହୁଲସ୍ଥୁଲ ହେଉଥିବା ବେଳେ ଶାସକ ଓ ବିରୋଧୀ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ପରିଲକ୍ଷିତ ହୋଇଛି । ଏଭଳି ପରିସ୍ଥିତିରେ ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାରେ ଡ଼ିଏମଏଫ ଯୋଜନାର ବିକଳ ଚିତ୍ର ସାମନାକୁ ଆସିଛି । ବିଶେଷ କରି ଖଣି ପ୍ରଭାବରେ କ୍ଷତିଗ୍ରସ୍ତ ହେଉଥିବା ଜିଲ୍ଲାବାସୀଙ୍କ ବିକାଶ କ୍ଷେତ୍ରରେ ଏହାର ସୁବିନିଯୋଗ ନେଇ ପ୍ରଶ୍ନ ଉଠିଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ସେବାରୁ ଡ଼ିଏମଏଫ ଦୁରେଇ ଯାଉଥିବା ନେଇ ମଧ ଗୁରୁତର ଅଭିଯୋଗ ହୋଇଛି ।କେନ୍ଦୁଝର ଜିଲ୍ଲାରେ ବିନା ଚିଠିରେ ଗତ ଦୁଇ ବର୍ଷ ହେଲା ବନ୍ଦ ହୋଇଯାଇଛି ଡ଼ିଏମଏଫ ପୋଷକ ଯୋଜନା ଝ ଏଥିସହ ଏହି ଯୋଜନାରେ ବନ୍ଦ ହୋଇଯାଇଛି ।ଅଣ୍ଡା ଯୋଗାଣ ଆଉ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ପୁଷ୍ଟିକର ଆହାର ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସପ୍ତାହରେ ବୁଧବାର ଓ ଶନିବାର ଦିନ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ସିଝା ଅଣ୍ଡା, ଆଳୁ ତରକାରି ଦିଆଯାଉଥିଲା। କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏସଏଫ) ପାଣ୍ଠିରୁ ୨୦୧୮ ଅଗଷ୍ଟରେ ସ୍ୱତନ୍ତ୍ର ଭାବେ 'ପୋଷକ' ଯୋଜନା ଆରମ୍ଭ କରାଯାଇ ଅନ୍ୟ ଚାରିଦିନ ପିଲାମାନଙ୍କୁ ଗୋଟିଏ ଲେଖାଏଁ ସିଝାଅଣ୍ଡା ଦିଆଯାଉଥିଲା ଅର୍ଥାତ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସପ୍ତାହସାରା ଅଣ୍ଡା ଖାଇବାକୁ ଦିଆଯାଉଥିଲା। ସେତେବେଳେ ଗୋଟିଏ ଅଣ୍ଡା ପାଇଁ ୫ ଟଙ୍କା ୩୦ପଇସା ଓ ଜାଳେଣି ଖର୍ଚ୍ଚ ୧୫ ପଇସା ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜମାଖାତା ଖୋଲା ହୋଇଥିଲା ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଯୋଜନା ଚାଲିଥିଲା । ଗତ ଶିକ୍ଷାବର୍ଷର ୨୦୨୫ ଏପ୍ରିଲ ମାସଠାରୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ସପ୍ତାହକୁ ତିନିଦିନ ସୋମ, ବୁଧ ଓ ଶୁକ୍ରବାର ଦିନ ଅଣ୍ଡା ତରକାରି ଏବଂ ଅନ୍ୟ ତିନିଦିନ ମଙ୍ଗଳବାର, ଶନିବାର ସୋୟାବଡ଼ି ତରକାରି ଓ ଗୁରୁବାର ଡାଲମା ଦେବା ପାଇଁ ନିର୍ଦ୍ଦେଶନାମା ଆସିଥିଲା। ଅଣ୍ଡା ଦିଆଯାଉନଥିବା ତିନିଦିନ ମଙ୍ଗଳ, ଗୁରୁବାର ଓ ଶନିବାରଦିନ ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା ନୂତନ ଶିକ୍ଷାବର୍ଷର ପ୍ରଥମ ଦିନଠାରୁ ଏହା କାର୍ଯ୍ୟକାରୀ ହୋଇଛି। ଅନ୍ୟପଟେ ଜିଲ୍ଲାରେ ପୂର୍ବରୁ ଚାଲୁଥିବା ପୋଷକ ଯୋଜନାରେ ଅଣ୍ଡା ଯୋଗାଣକୁ କୌଣସି ଚିଠି ନକରି ଗତ ବର୍ଷରୁ ବନ୍ଦ କରିଦିଆଯାଇଛି। ଗତ ବର୍ଷ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ



ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ 'ପୋଷକ' ଯୋଜନାରେ ଥିବା ବଳକା ଅର୍ଥରାଶି ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଡିଏମଏଫ ପୋଷକ ଯୋଜନାର ଖର୍ଚ୍ଚ ହୋଇନଥିବା ବଳକା ଅର୍ଥକୁ ଡିଇଓ, କେନ୍ଦୁଝରଙ୍କ ଆକାଉଣ୍ଟରେ ପୈଠ କରି ଦେଇଛନ୍ତି। ଅନ୍ୟପଟେ ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାରେ ଅଧିକାଂଶ ଶିଶୁ ପୁଷ୍ଟିହୀନତାରେ ଆକ୍ରାନ୍ତ ଏଭଳି ସ୍ଥିତିରେ ଡିଏସଏଫ ଅର୍ଥରେ ଜିଲ୍ଲାର ପିଲାମାନେ ପୁଷ୍ଟିଯୁକ୍ତ ଖାଦ୍ୟ ପାଉଥିବାବେଳେ ଏହାକୁ ବନ୍ଦ କରାଯିବାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ସେହିପରି ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କେନ୍ଦୁଝର ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଡ଼ିଏମଏଫ ପକ୍ଷରୁ ଆଥକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା ।ଦୁଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବ ସରକାର ସମୟରେ ୨୦୨୦ରୁ କେନ୍ଦୁଝର ଜିଲ୍ଲାରେ ରେ ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଜ ଛାତ୍ରୀଙ୍କୁ ଡ଼ିଏମଏଫରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା। ୬୦ରୁ ୭୦ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କା, ୭୦ରୁ ୮୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୧୫ହଜାର, ୮୦ରୁ ୯୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୨୫ହଜାର ଏବଂ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରାଯାଉଥିଲା । ପର ପରୀକ୍ଷାଫଳ ପ୍ରକାଶ ପାଇବାର କିଛିଦିନ ମଧ୍ୟରେ ସଫଳ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯାଉଥିଲା । ଏହାଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ର ଉପକୃତ ହେଉଥିଲେଝ ୨୦୨୫ରୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ନାହିଁ ।ଏନେଇ ବିଧିବଦ୍ଧ ଭାବେ ବିଦ୍ୟାଳୟକମାନଙ୍କୁ କୌଣସି ସୂଚନା ମଧ୍ୟ ପ୍ରଦାନ କରାଯାଇ ନାହିଁ ।ସେହିପରି ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ଆଉ ସମ୍ବର୍ଦ୍ଧିତ କରାଯାଉ ନାହିଁ। ଶିକ୍ଷା କ୍ଷେତ୍ରରେ ଏଭଳି ଯୋଜନାକୁ ବନ୍ଦ କରାଯିବା ଦୁର୍ଭାଗ୍ୟଜନକ ବୋଲି ଅନେକ ଶିକ୍ଷାବିତ୍ ମତ ଦେଇଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଇଛି । ପୂର୍ବରୁ ଉପଖଣ୍ଡ ଡାକ୍ତରଖାନାରେ ଡ଼ିଏମଏଫ ପକ୍ଷରୁ ସପ୍ତାହର ନିର୍ଦ୍ଦିଷ୍ଟ ବାରରେ କଟକ ରୁ ସ୍ନାୟୁ, ହୃଦରୋଗ, ଚର୍ମ ରୋଗ ବିଶେଷଜ୍ଞ ମାନେ ଆସୁଥିଲେ । କିଛି ମାସ ହେଲା ଅନେକ ବିଶେଷଜ୍ଞ ଆସୁନାହାନ୍ତି । ରୋଗୀମାନେ ଏଥିପାଇଁ କଟକ, ଭୁବନେଶ୍ୱର ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି । ଡ଼ିଏମଏଫ ଦ୍ୱାରା ପରିଚାଳିତ ଅନେକ ଆମ୍ବୁଲାନ୍ସ ମଧ ସେବା ଯୋଗାଇ ପାରୁନାହାନ୍ତି ।ଫଳରେ ଜରୁରୀ ରୋଗୀ ମାନେ ଘରୋଇ ଆମ୍ବୁଲାନ୍ସ ରେ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଜିଲ୍ଲାରେ କାହା ନିର୍ଦ୍ଦେଶରେ ଜନ ହିତକର ଯୋଜନାକୁ ବନ୍ଦ କରାଯାଉଛି ଏହାକୁ ନେଇ ପ୍ରଶ୍ନ ଉଠିଛି ଝ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଆନନ୍ଦପୁର କଲେଜରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର କଲେଜ ର ନୂତନ ସମ୍ମିଳନୀ କକ୍ଷରେ କଲେଜ ଅଧକ୍ଷ ଡକ୍ଟର ଦେବେନ୍ଦ୍ର ନାରାୟଣ ପତ୍ରିଙ୍କ ସଭାପତିତ୍ୱରେ ଶକ୍ତି ଶ୍ରୀ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଏସ ଡି ପି ଓ କମଳ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଷୟ ଆଇନ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।ପ୍ରାରମ୍ଭରେ ପୁଷ୍ପଲତା ରାମ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶକ୍ତଶ୍ରୀ ସଂଯୋଜିକା ଡକ୍ଟର ମିତାଶ୍ରୀ ବେହେରା କାର୍ଯକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି



ଭାବେ,ପ୍ରାଧ୍ୟାପକ ଦୁର୍ଗା ଶଙ୍କର ପରିଡା,ମଧୁସ୍ମିତା ସାହୁ,ଭାରତି ସାହୁ,ଅନିତା ଦାସ,ସବିନା ଅର୍ ବେଗମ, ତନୁଶ୍ରୀ ପଣ୍ଡା ,ସୁବ୍ରତ ସାହାଣୀ, ଶଶିକାନ୍ତ ଜେନା, ସତ୍ୟ ନାୟକ ପ୍ରମୁଖ ଯୋଗଦେଇଥିଲେ । କଲେଜ ଅଧକ୍ଷ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ସମ୍ପାଦକୀୟ

# ଇପିଏଫଓ ପେନ୍‌ସନ୍ ସେଇ ହଜାରେ

ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅରଗାନାଇଜେସନ (EPFO) ବା କର୍ମଚାରୀ ବୀମା ଯୋଜନା ସଂସ୍ଥାର ସର୍ବନିମ୍ନ ପେନ୍‌ସନ ସେଇ ହଜାରେ ଟଙ୍କାରେ ସ୍ଥିର ରହିଛି । ଏହାକୁ ୯୫ର ଇପିଏଫଓ ପେନସନ ବୋଲି ମଧ୍ୟ କୁହାଯାଏ । ୧୯୯୫ ମସିହାରୁ ଏହି ସର୍ବନିମ୍ନ ପେନସନ ଭବିଷ୍ୟନିଧି ସଂସ୍ଥାର ସଦସ୍ୟମାନଙ୍କୁ ଦିଆଯାଇ ଆସୁଛି । ଦୀର୍ଘ ଏକତିରିଶ ବର୍ଷ ପରେ ମଧ୍ୟ ଏହି ପେନସନ ବୃଦ୍ଧି କରିବାକୁ ବିଗତ ବା ଏବର ସରକାର ଇଛା କରି ନାହାନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ଯେଉଁମାନେ ବର୍ଦ୍ଧିତ ହାରରେ ବେଶୀ ପେନସନ ପାଇ ଆସୁଛନ୍ତି, ସେମାନଙ୍କର ଅସୁବିଧା କିଛି ହେଉ ନାହିଁ । ସେଥିପାଇଁ ଅନ୍ୟମାନଙ୍କ ଅସୁବିଧା କଥା ସେମାନେ ବିଚାର କରି ପାରି ନାହାନ୍ତି । ସରକାର, ଅର୍ଥାତ୍ କେନ୍ଦ୍ର ସରକାର ବିକାଶଶୀଳ ଭାରତକୁ ବିକଶିତ ହେବା ପଥରେ ନେଉଛନ୍ତି ମାତ୍ର ଏହି ଦୟନୀୟ ଅବସ୍ଥାରେ ପଡ଼ିଥିବା ପେନସନଭୋଗୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ସତେ ଯେପରି ଆଖି ବୁଜି ଦେଇଛନ୍ତି ।

ପରିବର୍ତ୍ତନ ଆସିଲା । ବିଜେପି ସହିତ ଅନ୍ୟାନ୍ୟ ରାଜନୀତିକ ଦଳଗୁଡ଼ିକ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂତନ ସରକାର ଗଢିଲେ । ଚାହୁଁ ଚାହୁଁ ବାର ବର୍ଷ ହୋଇଗଲା ସରକାରଙ୍କୁ । ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ଏବେ ଉପରମୁହାଁ । ଔଷଧପତ୍ର କିଣିବାକୁ ଜଣେ ବରିଷ୍ଠ ନାଗରିକଙ୍କ ପାଖରେ ଯଥେଷ୍ଟ ଅର୍ଥ ମଧ୍ୟ ରହୁନାହିଁ । କେବଳ ନିଜର ସନ୍ତାନସନ୍ତତିଙ୍କ ଉପରେ ପିତାମାତାମାନେ ନିର୍ଭର କରି ଅବଶିଷ୍ଟ ଜୀବନ ବିତାଉଛନ୍ତି–ଦୁଃଖରେ । ଏକଦା ଯେଉଁମାନେ ଅର୍ଦ୍ଧସରକାରୀ ବା ଘରୋଇ ସଂସ୍ଥାରେ ବା ସମ୍ବାଦପତ୍ରମାନଙ୍କରେ ପୂର୍ଣ୍ଣକାଳୀନ ଚାକିରି କରି ଅବସର ନେଇଛନ୍ତି, ସେମାନେ ଏପରି ଦୁର୍ଦ୍ଦଶା ଭୋଗିବେ ବୋଲି କେବେ ଆଶା କରି ନଥିଲେ । ସେମାନଙ୍କ ମଧ୍ୟରୁ ଅନେକ ମରି ହଜି ଗଲେଣି । ଆଉ କେହି କେହି ଶଯ୍ୟାଶାୟୀ, ଦଶ ବାର ବର୍ଷ ହେଲା ରୋଗ ଶଯ୍ୟାରେ ଥିବା ହଜାରେ ଟଙ୍କାର ପେନସନଭୋଗୀମାନେ ତଥାପି ଆଶା ବାନ୍ଧିଛନ୍ତି ଯେ ସେମାନଙ୍କ ପେନସନ ଦିନେ ନା ଦିନେ ବଢ଼ିବ । ହଜାରେରୁ ସାତ ହଜାର ବା ସାତ ହଜାର ପାଞ୍ଚଶତ ଟଙ୍କାକୁ ବଢ଼ିବ ବୋଲି ସେମାନଙ୍କୁ ବର୍ଷ ବର୍ଷ ଧରି ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି ।

**ଇପିଏଫ୍‌ଓ ପେନସନ ପାଣ୍ଠିରୁ ପେନସନ ବା ଅନ୍ୟାନ୍ୟ ଅର୍ଥ ନ ନେଇ ଯେଉଁମାନେ ମୃତ୍ୟୁ ମୁଖରେ ପଡିଛନ୍ତି, ସେମାନେ ଦାବି କରି ନଥିବା କୋଟି କୋଟି ଟଙ୍କାର ଅର୍ଥ ମଧ୍ୟ ଇପିଏଫ୍‌ଓ ପାଣ୍ଠିରେ ପଡ଼ି ରହିଛି । ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ଜାରି କରାଯାଇ ନାହିଁ । ସେହି ଅର୍ଥରେ କେନ୍ଦ୍ର ସରକାର ସର୍ବନିମ୍ନ ପେନସନ ଏକ ହଜାରଟଙ୍କାରୁ ସାତହଜାର ପାଞ୍ଚଶହକୁ ବୃଦ୍ଧି କରି ପାରନ୍ତେ । କେନ୍ଦ୍ର ସରକାର ଏ ସବୁ ବିଷୟରେ ବିଚାର କରିବାକୁ ଆମର ନିବେଦନ ।**

ଦୁଃଖର କଥା, ଆଉ କେତେଜଣ ଇପିଏଫ୍‌ଓ ପେନସନଭୋଗୀ ସଂଘ କରି ଦୟନୀୟ ଅବସ୍ଥାରେ ଥିବା ଇପିଏଫ୍‌ଓ ସଦସ୍ୟମାନଙ୍କଠାରୁ ଚାନ୍ଦା ଆଦାୟ କରିବାରେ ଲାଗିଛନ୍ତି । ସରକାରଙ୍କ ନିକଟରେ ସର୍ବନିମ୍ନ ପେନସନ ବଢ଼ିଯାଇ ସାତ ହଜାର ପାଞ୍ଚଶହ ଟଙ୍କା ହେବ ବୋଲି ସେମାନଙ୍କୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମିଥ୍ୟା ପ୍ରତିଶ୍ରୁତି ମଧ୍ୟ ଦିଆଯାଉଛି । ଜଣେ ଦିନ ମଜୁରିଆ ଦୈନିକ ସାତଶହ ପଚାଶ ଟଙ୍କା ମଜୁରୀ ପାଉଥିବାବେଳେ ଜଣେ କୁଶଳୀ ଦିନ ମଜୁରିଆଙ୍କୁ ଦିନକୁ ମିଳୁଛି ଏଗାରଶହ ଟଙ୍କା । ସେ ଦୃଷ୍ଟିରୁ ଇପିଏଫ୍‌ଓ ପେନସନ ମାସିକ ହଜାରେ ଟଙ୍କାରେ ଜଣେ ବରିଷ୍ଠ ନାଗରିକ ଚଳିବେ କିପରି ?

ଇପିଏଫ୍‌ଓ ପେନସନ ପାଣ୍ଠିରୁ ପେନସନ ବା ଅନ୍ୟାନ୍ୟ ଅର୍ଥ ନ ନେଇ ଯେଉଁମାନେ ମୃତ୍ୟୁ ମୁଖରେ ପଡିଛନ୍ତି, ସେମାନେ ଦାବି କରି ନଥିବା କୋଟି କୋଟି ଟଙ୍କାର ଅର୍ଥ ମଧ୍ୟ ଇପିଏଫ୍‌ଓ ପାଣ୍ଠିରେ ପଡ଼ି ରହିଛି । ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ଜାରି କରାଯାଇ ନାହିଁ । ସେହି ଅର୍ଥରେ କେନ୍ଦ୍ର ସରକାର ସର୍ବନିମ୍ନ ପେନସନ ଏକ ହଜାରଟଙ୍କାରୁ ସାତହଜାର ପାଞ୍ଚଶହକୁ ବୃଦ୍ଧି କରି ପାରନ୍ତେ । କେନ୍ଦ୍ର ସରକାର ଏ ସବୁ ବିଷୟରେ ବିଚାର କରିବାକୁ ଆମର ନିବେଦନ ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ : ବିକାଶର ନୂତନ ଦିଗନ୍ତ



**ତେଜେଶ୍ୱର ପଟ୍ଟନାୟକ**

ଆର୍ଥିକ ଅନ୍ତର୍ଭୁକ୍ତିକରଣ କେବଳ ସମାଜର ସବୁ ବର୍ଗଙ୍କ ନିକଟରେ ବ୍ୟାଙ୍କିଂ ସେବା ପହଞ୍ଚାଇବା ନୁହେଁ ଏହା ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା ଓ ସମାବେଶୀ ଅଭିବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ । ଭାରତରେ ବ୍ୟାଙ୍କ ଜାତୀୟକରଣଠାରୁ ଆରମ୍ଭ କରି ଜନଧନ ଯୋଜନା ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା କ୍ରମେ ଅଧିକ ବ୍ୟାପକ ଓ ଲୋକାଭିମୁଖୀ ହୋଇଛି ।

ସଂଯୁକ୍ତ ରାଷ୍ଟ୍ର ୨୦୦୩ ମସିହାରେ ବିଶ୍ୱସ୍ତରରେ ସ୍ଥାୟୀ ଆର୍ଥିକ ବିକାଶ ହାସଲ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ମିଶନ ଭାବରେ ଗ୍ରହଣ କରିଥିଲା । ବିଶ୍ୱର ବିକାଶଶୀଳ ଏବଂ ଗରିବ ଦେଶଗୁଡ଼ିକ ମଧ୍ୟ ଦାରିଦ୍ର୍ୟ ଓ କ୍ଷୁଧା ବିରୋଧରେ ଲଢ଼ିବା ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ନିଜ ଜାତୀୟ ଲକ୍ଷ୍ୟର ଅଂଶ କରିଛନ୍ତି ।

୨୦୧୦ ମସିହାରେ ସିଓଲ ଶିଖର ସମ୍ମିଳନୀରେ ଜି–୨୦ ସଂଘର ନେତାମାନେ ଅନ୍ୟ ଅଣ–ସଦସ୍ୟ ଦେଶ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ସହ ମିଶି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ 'ବିଶ୍ୱସ୍ତରୀୟ ଭାଗୀଦାରୀ' (The Global Partnership for Financial Inclusion) ନାମରେ ଏକ ମଞ୍ଚ ଗଠନ କରିଥିଲେ । ଏହା ପରେ ଏହି ପ୍ରକ୍ରିୟା ବିଶ୍ୱସ୍ତରରେ ଏକ ନୂଆ ଦିଗ ପାଇଥିଲା । ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ବିଶ୍ୱର ସମସ୍ତ ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ ଓ ସୁଦୃଢ଼ କରିବା ।

ଭାରତ ମଧ୍ୟ ଜି–୨୦ ଫୋରମର ଏକ ସକ୍ରିୟ ସଦସ୍ୟ । ସ୍ମରଣଯୋଗ୍ୟ ଯେ ୭୦ ଓ ୮୦ ଦଶକରେ ଆମ ଦେଶର ତତ୍କାଳୀନ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରଚଳନ କରିଥିଲେ ।

ଭାରତ ସ୍ୱାଧୀନତା ହାସଲ କରିବାର ଦୁଇ ଦଶକ ପରେ, ୧୯ ଜୁଲାଇ ୧୯୬୯ ମସିହାରେ ଇନ୍ଦିରା ଗାନ୍ଧିଙ୍କ ସରକାର ଐତିହାସିକ ବ୍ୟାଙ୍କ ଜାତୀୟକରଣ ନିଷ୍ପତ୍ତି ନେଇଥିଲେ । ଏହା ଭାରତର ବ୍ୟାଙ୍କିଂ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଗଣବ୍ୟାଙ୍କିଂ ପଦ୍ଧତି ଆପଣାଇ ଅର୍ଦ୍ଧ–ସହରୀ ଓ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ବ୍ୟାଙ୍କିଂ ସେବା ପ୍ରଦାନ ଆରମ୍ଭ କରିଥିଲେ । ଦେଶବ୍ୟାପୀ ବ୍ୟାଙ୍କିଂ ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ଜାତୀୟକରଣ ବ୍ୟାଙ୍କ ଶାଖା ବିସ୍ତାର କରି ଆର୍ଥିକ ବିକାଶ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ପରବର୍ତ୍ତୀ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (Regional Rural Bank) ଗଠନ ପାଇଁ ନିୟାମକ ଅନୁମୋଦନ ଦେଇ ଆଉ ଏକ ପ୍ରମୁଖ ପଦକ୍ଷେପ ନେଇଥିଲା । ଗ୍ରାମୀଣ ଓ ଅର୍ଦ୍ଧ–ସହରାଞ୍ଚଳରେ ଋଣ ବଣ୍ଟନ, ଜମା ଖାତା ଖୋଲିବା ଓ ଅନ୍ୟାନ୍ୟ ବ୍ୟାଙ୍କିଂ ସେବା ପ୍ରଦାନ ପାଇଁ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ନେଇ 'ଲିଡ୍ ବ୍ୟାଙ୍କ ଯୋଜନା' (Lead Bank Scheme) ଅଧୀନରେ ଆରବିଆଇ ନିର୍ଦ୍ଦେଶାବଳି ଜାରି କରିଥିଲା । ଏହାର ପରିଣାମସ୍ୱରୂପ ଗ୍ରାମୀଣ ଅର୍ଥନୀତିରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହୋଇଛି ।

୨୦୦୫ ମସିହାରେ ଆରବିଆଇ ପ୍ରଥମ ଥର ପାଇଁ ସମସ୍ତ ବ୍ୟାଙ୍କକୁ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା (Basic Savings Bank Deposit) ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇଥିଲା । ସରଳୀକୃତ କେୱାଇସି (KYC) ମାନଦଣ୍ଡ ପାଳନ କରି ଗ୍ରାହକମାନେ ଏହି ସଞ୍ଚୟ ଜମା ଆକାଉଣ୍ଟ ଖୋଲିବାକୁ ଯୋଗ୍ୟ ଥିଲେ । ଏହି ଖାତାରେ ଏଟିଏମ୍ କାର୍ଡ (ATM Card), ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଟଙ୍କା ପଠାଇବା ଏବଂ ସର୍ବନିମ୍ନ ବାଲାନ୍ସ ରଖିବା ଭଳି ଅନ୍ୟାନ୍ୟ ସୁବିଧା ନଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିମ୍ନ ଆୟ ବର୍ଗ ଓ ଦୁର୍ବଳ ବର୍ଗଙ୍କୁ ସହଜରେ ବ୍ୟାଙ୍କିଂ ସେବା ଉପଲବ୍ଧ କରାଇବା ।

**୨୦୧୦ ମସିହାରେ ସିଓଲ ଶିଖର ସମ୍ମିଳନୀରେ ଜି–୨୦ ସଂଘର ନେତାମାନେ ଅନ୍ୟ ଅଣ–ସଦସ୍ୟ ଦେଶ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ସହ ମିଶି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ 'ବିଶ୍ୱସ୍ତରୀୟ ଭାଗୀଦାରୀ' (The Global Partnership for Financial Inclusion) ନାମରେ ଏକ ମଞ୍ଚ ଗଠନ କରିଥିଲେ । ଏହା ପରେ ଏହି ପ୍ରକ୍ରିୟା ବିଶ୍ୱସ୍ତରରେ ଏକ ନୂଆ ଦିଗ ପାଇଥିଲା । ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ବିଶ୍ୱର ସମସ୍ତ ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ ଓ ସୁଦୃଢ଼ କରିବା ।**

ଆରବିଆଇ ଆର୍ଥିକ ଅନ୍ତର୍ଭୁକ୍ତିକୁ (Financial Inclusion) ଅଧିକ ବ୍ୟାପକ ଓ ସ୍ପଷ୍ଟ ଭାବେ ପରିଭାଷିତ କରିବା ପାଇଁ ୨୦୦୮ ମସିହାରେ ଡକ୍ଟର ସି. ରଙ୍ଗରାଜନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲା । ଉକ୍ତ କମିଟି ଏହାକୁ ସୁଲଭ ମୂଲ୍ୟରେ ଦୁର୍ବଳ ଗୋଷ୍ଠୀ ଦ୍ୱାରା ଆବଶ୍ୟକ ସ୍ଥଳେ ଆର୍ଥିକ ସେବା ଏବଂ ସମୟୋପଯୋଗୀ ଓ ପର୍ଯ୍ୟାପ୍ତ ଋଣ ସୁନିଶ୍ଚିତ କରିବାର ପ୍ରକ୍ରିୟା ଭାବେ ପରିଭାଷିତ କରିଥିଲା । ଏହା ଅଧୀନରେ ଜମା ଓ କ୍ଷୁଦ୍ରଋଣ ପ୍ରଦାନ, ଅର୍ଥ ପଠାଇବା ଏବଂ ବୀମା ସେବା ଭଳି ବିଭିନ୍ନ ଆର୍ଥିକ ଉତ୍ପାଦକୁ ନିମ୍ନ ଆୟ ଗୋଷ୍ଠୀ ଓ ଦୁର୍ବଳ ବର୍ଗଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଥିଲା ।

ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାର ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (SEBI), ଭାରତୀୟ ବୀମା ବିକାଶ ଏବଂ ନିୟାମକ ପ୍ରାଧିକରଣ (IRDAI) ଓ ଭବିଷ୍ୟନିଧି ପାଣ୍ଠି ନିୟାମକ ଉନ୍ନୟନ ପ୍ରାଧିକରଣ (PFRDA) ଭଳି ଆର୍ଥିକ କ୍ଷେତ୍ରର ଅନ୍ୟାନ୍ୟ ନିୟାମକଙ୍କ ପରାମର୍ଶ ନେଇ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଜାତୀୟ ରଣନୀତି (୨୦୧୯–୨୪) ପ୍ରସ୍ତୁତ କରିଥିଲା । ଏହି ରଣନୀତିର ଲକ୍ଷ୍ୟ ଥିଲା ଆର୍ଥିକ ଅନ୍ତର୍ଭୁକ୍ତିକୁ ସୁଦୃଢ଼ କରିବା, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଓ ଆର୍ଥିକ ସମୃଦ୍ଧି ହାସଲ କରିବା ।

ଏଥିସହ ଆର୍ଥିକ ସେବାର ସାର୍ବଜନୀନ ପ୍ରବେଶ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା, ଗ୍ରାହକ ସୁରକ୍ଷା ଓ ଅଭିଯୋଗର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକ୍ରିୟାରେ ବ୍ୟାଙ୍କ, ନିୟାମକ ଓ ସରକାର ସାମିଲ ଅଛନ୍ତି ।

ଏହି ଜାତୀୟ ମିଶନରେ ନିୟୋଜିତ ବିଭିନ୍ନ ସଂଗଠନର ଅଭିଜ୍ଞତା ଅନୁଯାୟୀ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟାନ୍ୱୟନରେ ଭାରତର ପ୍ରଦର୍ଶନ ବେଶ ପ୍ରଭାବଶାଳୀ ଓ ପ୍ରଶଂସନୀୟ ।

ପ୍ରାୟ ୧୨ ବର୍ଷ ପୂର୍ବେ, ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (PMJDY) ଘୋଷଣା କରିଥିଲେ । ଏହି ଯୋଜନା ଆରମ୍ଭ ହେବା ପରଠାରୁ ଜାତୀୟକରଣ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କଗୁଡ଼ିକ ମିଳିତ ଭାବେ ଚଳିତ ୨୯ ଜୁଲାଇ ସୁଦ୍ଧା ମୋଟ ୫୮.୯୦ କୋଟି ଜନଧନ ଆକାଉଣ୍ଟ ଖୋଲିଛନ୍ତି । ଏହି ମୋଟ ଜନଧନ ଖାତା ମଧ୍ୟରୁ କେବଳ ପିଏସ୍‌ବି (PSB)ମାନେ ୪୫.୫୦ କୋଟି ହିତାଧିକାରୀଙ୍କ ଖାତା ଖୋଲିଛନ୍ତି ।

ଆଉ ଏକ ତଥ୍ୟ ଅନୁଯାୟୀ, ପ୍ରତି ହିତାଧିକାରୀଙ୍କ ସଞ୍ଚୟ ଖାତାରେ ହାରାହାରି ଜମା ପ୍ରାୟ ୫,୭୬୩ ଟଙ୍କା ।

ବିଶେଷକରି ଗରିବ ଓ ଅବହେଳିତ ବର୍ଗଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ କେନ୍ଦ୍ର ସରକାର ୯ ମେ ୨୦୧୫ ମସିହାରେ ତିନୋଟି 'ଜନସୁରକ୍ଷା ଯୋଜନା'ର ଶୁଭାରମ୍ଭ କରିଥିଲେ । ଏଥିରେ 'ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା' (PMSBY), 'ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା' (PMJJBY) ଓ 'ଅଟଳ ପେନସନ୍ ଯୋଜନା' (APY) ଅନ୍ତର୍ଭୁକ୍ତ । ସରକାର 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଓ 'ଷ୍ଟାର୍ଟ ଅପ୍ ଇଣ୍ଡିଆ ଯୋଜନା' ଯଥାକ୍ରମେ ୨୦୧୫ ଓ ୨୦୧୬ ମସିହାରେ ଘୋଷଣା କରିଥିଲେ । ଏହି ଦୁଇ ଯୋଜନା ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମର ଅବିଚ୍ଛେଦ୍ୟ ଅଂଶ । ଏହାର ମୂଳ ଲକ୍ଷ୍ୟ ହେଉଛି ଆତ୍ମନିଯୁକ୍ତି, ଉଦ୍ୟୋଗୀତା ଓ ଅନ୍ତର୍ଭୁକ୍ତିମୂଳକ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବା ।

ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବୀମା ଓ ପେନସନ୍ ଯୋଜନା ମାଧ୍ୟମରେ ଦୁର୍ବଳ ବର୍ଗ ଓ ଅସଂଗଠିତ କ୍ଷେତ୍ରର ଲୋକଙ୍କୁ ବର୍ତ୍ତମାନ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉଛି । ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ୨୯ ଅପ୍ରେଲ ୨୦୨୬ ସୁଦ୍ଧା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ଯଥାକ୍ରମେ ମୋଟ ୨୭ କୋଟି ୪୩ ଲକ୍ଷ ଓ ୫୮ କୋଟି ୦୯ ଲକ୍ଷ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୦,୭୫,୬୨୫ ବୀମାକୃତଙ୍କ ମୃତ୍ୟୁ ଓ ଦୁର୍ଘଟଣା ଦାବି ପାଇଁ ୨୧,୫୧୨ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ସେହିପରି ସୁରକ୍ଷା ବୀମା ଯୋଜନାରେ ୧,୮୪,୬୬୨ଟି ଦାବି ବାବଦରେ ବୀମାକୃତ ବ୍ୟକ୍ତିଙ୍କୁ ମୋଟ ୩,୬୬୭ କୋଟି ଟଙ୍କା ବୀମା କମ୍ପାନୀଗୁଡ଼ିକ ପକ୍ଷରୁ ପଇଠ କରାଯାଇଛି । ସେହିପରି ଅଟଳ ପେନସନ୍ ଯୋଜନା ଅଧୀନରେ ପ୍ରାୟ ୯ କୋଟିରୁ ଅଧିକ ବ୍ୟକ୍ତି ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

ବିଭିନ୍ନ ସର୍ଭେ ଓ ଗବେଷଣାତ୍ମକ ଅଧ୍ୟୟନରୁ ଜଣାଯାଏ ଯେ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଫଳରେ ସମାଜର ଗରିବ ଓ ଅବହେଳିତ ବର୍ଗ ସୁଲଭ ମୂଲ୍ୟରେ ବ୍ୟାଙ୍କର ବିଭିନ୍ନ ଆର୍ଥିକ ଉତ୍ପାଦ ହାସଲ କରିପାରିଛନ୍ତି । ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ବ୍ୟାଙ୍କ ନେତୃତ୍ୱାଧୀନ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନାର ସୁବିଧା ପାଉଛନ୍ତି ।

କିଷାନ କ୍ରେଡିଟ୍ କାର୍ଡ ପ୍ରଦାନରେ ବୃଦ୍ଧି, ବ୍ୟାଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ (SHG)ଗୁଡ଼ିକର କ୍ରେଡିଟ୍ ସଂଯୋଗୀକରଣ (Credit Linkage) ଏବଂ ବ୍ୟାଙ୍କ ଦ୍ୱାରା ନିଯୁକ୍ତ ବ୍ୟବସାୟ ପ୍ରତିନିଧି (BC) ମଡେଲ୍ ଆଦି ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଅଧିକ ବ୍ୟାପକ କରିବା ସହ ଉଲ୍ଲେଖନୀୟ ଫଳ ଦେଇଛି । ଜନଧନ ଆକାଉଣ୍ଟ ସହ ଆଧାର କାର୍ଡର ସଂଯୋଗୀକରଣ ଫଳରେ ଡି ବି ଟି (DBT) ବ୍ୟବସ୍ଥା ଅଧିକ ସଫଳ ହୋଇପାରିଛି । ଏହା ମାଧ୍ୟମରେ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଓ ରୋଜଗାର ଗ୍ୟାରେଣ୍ଟି ଯୋଜନାର ପାଣ୍ଠି, ସବସିଡି, ଅନୁଦାନ କିମ୍ବା ଅନ୍ୟାନ୍ୟ ଦେୟ ବିନା ଅସୁବିଧାରେ ପାଇପାରୁଛନ୍ତି ।

ତେବେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହାର ସଫଳ କାର୍ଯ୍ୟାନ୍ୱୟନରେ କିଛି ଆହ୍ୱାନ ଓ ପ୍ରତିବନ୍ଧକ ରହିଛି । ଗ୍ରାମୀଣ ଲୋକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ବିଭିନ୍ନ ଆର୍ଥିକ ଉତ୍ପାଦ ସମ୍ପର୍କରେ ସଚେତନତାର ଅଭାବ ଏବେ ମଧ୍ୟ ଦେଖାଯାଏ । ମୌଳିକ ଶିକ୍ଷାର ଅଭାବ ମଧ୍ୟ ସେମାନଙ୍କୁ ଏହି ଉତ୍ପାଦ ଓ ସେବା ବୁଝିବାରେ ବାଧା ସୃଷ୍ଟି କରେ । ଏହାଛଡ଼ା, ଦୂରଦୂରାନ୍ତ ଓ ଦୁର୍ଗମ ଅଞ୍ଚଳରେ ସଂଯୋଗୀକରଣର ଅଭାବ, କମ୍ ଦକ୍ଷତା ଏବଂ ଅପର୍ଯ୍ୟାପ୍ତ ପ୍ରଯୁକ୍ତିଭିତ୍ତିଭୂମି ଭଳି ସମସ୍ୟା ମଧ୍ୟ ପ୍ରମୁଖ ଆହ୍ୱାନ ସୃଷ୍ଟି କରୁଛି ।

ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆହୁରି ସମନ୍ୱିତ ପଦକ୍ଷେପ ନେବାକୁ ପଡ଼ିବ । ଆର୍ଥିକ ସାକ୍ଷରତା ବୃଦ୍ଧି, ଡିଜିଟାଲ୍ ସଂଯୋଗ ସୁଦୃଢ଼ କରିବା ଓ ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଂ ସେବାର ଉପଲବ୍ଧତା ବଢ଼ାଇବା ଏଥିରେ ଗୁରୁତ୍ୱପୂର୍ଣ୍ଣ ।

ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପରିସର ନିଶ୍ଚିତ ଭାବେ ବୃଦ୍ଧି ପାଇଛି । କିନ୍ତୁ କେବଳ ବ୍ୟାଙ୍କ ଖାତା । ଆର୍ଥିକ ସେବାକୁ ଅଧିକ ସୁଲଭ, ସର୍ବଜନୀନ ଓ ଲୋକାଭିମୁଖୀ କରାଗଲେ ହିଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରକୃତ ଅର୍ଥରେ ସମାବେଶୀ ଅଭିବୃଦ୍ଧିର ଏକ ଦୃଢ଼ ଆଧାର ହୋଇପାରିବ ।

**(ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ପୂର୍ବତନ ଉପ–ମହା ପ୍ରବନ୍ଧକ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ସ୍ତମ୍ଭକାର ଅଟନ୍ତି । )**

**କେ–୫, କଳିଙ୍ଗ ବିହାର,**
**ଏଚ୍‌ଆଇଜି (HIG) ୨୫୬**

# ସତ୍ୟର ଉପଲବ୍ଧି



**ଦିଲୀପ ରାଜ ବେହେରା**

ପରିବର୍ତ୍ତନ ଜଗତରେ ଯାହା ଶାଶ୍ୱତ, ଚିରନ୍ତନ, ସ୍ଥିର ତାହା ସତ୍ୟ । ବିଶ୍ୱ ବ୍ରହ୍ମାଣ୍ଡରେ ଯେଉଁ ସତ୍ୟ ବିରାଜିତ ତାହାର କାଣିଚାଏ, ନିଜ ମଧ୍ୟରେ ଆତ୍ମା ସ୍ୱରୂପରେ ରହିଛି । ତାହାର ଉନ୍ମୋଚନ ଦ୍ୱାରା ସେହି ବିଶ୍ୱଚେତନକୁ ଜାଣିବା ସମ୍ଭବ ହେବ । ଅନ୍ତଃ ଚେତନାର ଗଭୀରତାରେ ସେହି ସତ୍ୟର ଉପଲବ୍ଧି ହୁଏ ।

ସତ୍ୟର ମହକ ଆନନ୍ଦ, ସତ୍ୟର ପ୍ରକାଶ ପ୍ରେମ । ସତ୍ୟ ଚୈତନ୍ୟ ସ୍ୱରୂପ । ସତ୍ୟ ଜାଣିବା ପରେ ଆଉ କୌଣସି ଜ୍ଞାନର ଆବଶ୍ୟକତା ରହେ ନାହିଁ । ସତ୍ୟ ଉପଲବ୍ଧି ପରେ ସମସ୍ତ ଜ୍ଞାନର ଅଧିକାର ଆସି ଯାଏ । ସତ୍ୟ ଜାଣିବା ପରେ ମୃତ୍ୟୁ ଓ ଜୀବନ, ଆଲୋକ ଓ ଅନ୍ଧାର, ଆତ୍ମା ଏବଂ ପରମାତ୍ମାଙ୍କ ମଧ୍ୟରେ ଦୂରତ୍ୱ ରହେ ନାହିଁ । ସତ୍ୟ ପରିମାର୍ଜିତ, ପରୀକ୍ଷିତ ଜ୍ଞାନ ନୁହେଁ ।

ସତ୍ୟ ବିଚାର, ତଥ୍ୟ, ସୂତ୍ରର ସଂଗ୍ରହ ନୁହେଁ । ସତ୍ୟର ଅନୁଭବ ଶାସ୍ତ୍ର, ପୁସ୍ତକ କିମ୍ବା ଧର୍ମ ଗ୍ରନ୍ଥରେ ଉପଲବ୍ଧ ହୁଏ ନାହିଁ । ସତ୍ୟକୁ ଜାଣିବା ଲୋକେ ଏହା କିଭଳି ତାହା ପ୍ରକାଶ କରି ପାରନ୍ତି ନାହିଁ ।

ସିଦ୍ଧ ଜ୍ଞାନୀ ଏବଂ ତତ୍ତ୍ୱ ଦର୍ଶୀ ପୁରୁଷଙ୍କ ସର୍ବଶ୍ରେଷ୍ଠ ଉପଲବ୍ଧି ସତ୍ୟ ହୋଇ ଥାଏ । ଅଦମ୍ୟ ଉତ୍ସାହ, ପୁରୁଷାର୍ଥ ଏବଂ ସାଧନା ଦ୍ୱାରା ପରମ ଆନନ୍ଦର ଅନୁଭବ ହୁଏ ।

ସାଧନା ପରମ ଆନନ୍ଦର ଅନୁଭବ ଆଣିଦିଏ । ଅନନ୍ତ ଅନୁଭବ ଠାରୁ ପୁଣି ଆଗକୁ ଯାତ୍ରା ଚୈତନ୍ୟବୋଧ । ସତ୍ୟ ସବୁଠାରୁ ଅନ୍ତିମ ଲକ୍ଷ୍ୟ ସ୍ଥଳୀ । ସତ୍ୟ ଯୋଗର ସର୍ବଶେଷ ଅଭିବ୍ୟକ୍ତି । ଇଶା ଉପନିଷଦରେ ସତ୍ୟ ପ୍ରାପ୍ତି ପାଇଁ ମାର୍ଗ ଦର୍ଶାଯାଇଛି, କେବଳ ଆଙ୍ଗୁଠି ନିର୍ଦ୍ଦେଶ କରାଯାଇଛି ।

ସତ୍ୟ,ପରମ ଶାନ୍ତିର ଅନୁଭବ । ସତ୍ୟ ପରମାନନ୍ଦ ଅବସ୍ଥା । ସତ୍ୟ ଦିବ୍ୟ ପ୍ରକାଶମୟ ଜଗତ ସତ୍ୟ, ଚୈତନ୍ୟମୟ ପ୍ରଜ୍ଞା । ଏସବୁ ସତ୍ୟର ପର୍ଯ୍ୟାୟବାଚୀ ଶବ୍ଦ । ସତ୍ୟ ଉପଲବ୍ଧି ପରେ ନିଜ ଅନ୍ତଃ ଜଗତରେ ଅମୃତର ଝରଣା ସ୍ରୋତ ପ୍ଲାବିତ ହୋଇଯାଏ ।

**ଈଶ୍ୱର ଅଛନ୍ତି ନାଁ ନାହିଁ ତାହା ତର୍କ ସାପେକ୍ଷ ନୁହେଁ, ଅନୁଭବର ଅଭିବ୍ୟକ୍ତି । ଶାସ୍ତ୍ରର ସାହାଯ୍ୟ ନେଇ ଈଶ୍ୱରଙ୍କୁ ବ୍ୟାଖ୍ୟା କରିବା ଅସମ୍ଭବ । ଈଶ୍ୱର ବ୍ୟକ୍ତି ନୁହନ୍ତି, ତାଙ୍କୁ ଖୋଜିବା ପ୍ରୟାସରେ କେହି ସଫଳ ହୋଇ ନାହାନ୍ତି । ସତ୍ୟକୁ ବିଜ୍ଞାନ ଆଧାରରେ ଗବେଷଣାଗାରରେ ଜାଣିବା ସମ୍ଭବ ନୁହେଁ । ନାସ୍ତିକମାନେ ଆତ୍ମା, ପରମାତ୍ମା ବା ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ । ଏହା ଅଜ୍ଞାନତା, ଅବୋଧ ପଣିଆ ମାତ୍ର । ଆଧ୍ୟାତ୍ମିକ ଭାଷାରେ ଏହାକୁ ଅବିଦ୍ୟା କୁହନ୍ତି ।**

ସତ୍ୟକୁ କେବଳ ନିଜେ ହିଁ ଅନୁଭବ କରି ପାରିବେ । ଅନ୍ୟ ମାଧ୍ୟମରେ ନୁହେଁ । ଅନ୍ୟର ଆଖିରେ, ଅନ୍ୟର ଉଦ୍ଧାର ବିଚାରରେ, ଅନ୍ୟର ସାଧନା ଲବ୍ଧ ଅନୁଭବରେ ସତ୍ୟକୁ ଉପଲବ୍ଧି କରି ହେବ ନାହିଁ । ଈଶ୍ୱର ଅଛନ୍ତି ନାଁ ନାହିଁ ତାହା ତର୍କ ସାପେକ୍ଷ ନୁହେଁ, ଅନୁଭବର ଅଭିବ୍ୟକ୍ତି । ଶାସ୍ତ୍ରର ସାହାଯ୍ୟ ନେଇ ଈଶ୍ୱରଙ୍କୁ ବ୍ୟାଖ୍ୟା କରିବା ଅସମ୍ଭବ ।

ଈଶ୍ୱର ବ୍ୟକ୍ତି ନୁହନ୍ତି, ତାଙ୍କୁ ଖୋଜିବା ପ୍ରୟାସରେ କେହି ସଫଳ ହୋଇ ନାହାନ୍ତି । ସତ୍ୟକୁ ବିଜ୍ଞାନ ଆଧାରରେ ଗବେଷଣାଗାରରେ ଜାଣିବା ସମ୍ଭବ ନୁହେଁ । ନାସ୍ତିକମାନେ ଆତ୍ମା, ପରମାତ୍ମା ବା ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ । ଏହା ଅଜ୍ଞାନତା, ଅବୋଧ ପଣିଆ ମାତ୍ର । ଆଧ୍ୟାତ୍ମିକ ଭାଷାରେ ଏହାକୁ ଅବିଦ୍ୟା କୁହନ୍ତି ।

ସମୟ ଆସେ ଯେତେବେଳେ ସଂସାରର ଦୁଃଖ, ପୀଡା, ବିଡ଼ମ୍ବନା, ଅସହାୟ ଅବସ୍ଥା ଈଶ୍ୱରଙ୍କ ପାଖକୁ ଯିବାକୁ, ଖୋଜିବାକୁ ବାଧ୍ୟ କରେ ଏବଂ ପ୍ରେରିତ ମଧ୍ୟ କରେ । ଆଉ କିଛି ବ୍ୟକ୍ତି ଅନ୍ୟ ଠାରୁ ଆହରଣ କରିଥିବା ଉଦ୍ଧାରୀ ଜ୍ଞାନ, ଶିକ୍ଷା ଦୀକ୍ଷା ଏବଂ ପାରିବାରିକ ସଂସ୍କାରବଶତଃ ଈଶ୍ୱର ଅଛନ୍ତି ବୋଲି ମନରେ ବିନା ବିଚାରରେ ଗ୍ରହଣ କରି ନେଇଥାନ୍ତି ଏବଂ ତାହାକୁ ଦୃଢ଼ ବିଶ୍ୱାସରେ ବାନ୍ଧି ରଖିଥାଅନ୍ତି ।

ଆସ୍ତିକବାଦୀମାନେ ଅନ୍ୟ କଥାରେ ଭରସା କରି ବିଶ୍ୱାସରେ ନିଜକୁ ଅଜାଡି ଦିଅନ୍ତି । ତେଣୁ ଈଶ୍ୱରଙ୍କୁ ଜାଣିବା ପାଇଁ ପରୀକ୍ଷା ନିରୀକ୍ଷା ଏବଂ ପ୍ରୟାସ କରନ୍ତି ନାହିଁ । ସେମାନେ ଅସ୍ପଷ୍ଟ ବିଚାରରେ ଗ୍ରାସିତ ହୁଅନ୍ତି । ଉଭୟ ନାସ୍ତିକ ଏବଂ ଆସ୍ତିକ କ୍ଷେତ୍ରରେ ଈଶ୍ୱରଙ୍କୁ ଜାଣିବା ପାଇଁ ଉତ୍ସୁକତା ନ ଥାଏ । ତେଣୁ ଇଶା ଭାଷ୍ୟ ଭାଷାରେ ନାସ୍ତିକମାନଙ୍କୁ ଅଜ୍ଞାନୀ ଏବଂ ଆସ୍ତିକମାନଙ୍କୁ ଅନ୍ଧ କୁହାଯାଇଛି ।

ଆମେ ସୁଖ ଓ ଆନନ୍ଦ ପାଇଁ ସର୍ବଦା ବ୍ୟାକୁଳ, ଉତ୍ସୁକ ଏବଂ ଆତୁର ହୋଇଥାଉ । କାମନାର ପରିତୃପ୍ତିରେ ବାସନାର ଚରିତାର୍ଥରେ ସୁଖ ଖୋଜୁ । ଏହି ସୁଖ କ୍ଷଣସ୍ଥାୟୀ ହୁଏ । ଏହା ମରୀଚିକା ଭଳି, ଅସ୍ଥାୟୀ ଏବଂ କଳ୍ପନା ବିଳାସ ହୋଇ ରହେ । ଦୁଃଖ, ପୀଡା, ସଂତାପରେ ଜର୍ଜରିତ ବ୍ୟକ୍ତି, ସଂସାରରେ ବୋଝ ମୁଣ୍ଡେଇ ଅଣନିଃଶ୍ୱାସୀ ହୋଇ ଯାନ୍ତି । ଜୀବନକୁ ଏକ ଅଭିଶାପ ମନେ କରନ୍ତି ।

ସତ୍ୟ, ଶାନ୍ତି ଓ ପ୍ରକାଶ ଖୋଜିବାରେ ଉତ୍ସୁକତା ଥିବା ବ୍ୟକ୍ତି ସଦା ପ୍ରାଣଶକ୍ତିରେ ପରିପୂର୍ଣ୍ଣ ରହିଥାନ୍ତି । ସତ୍ୟର ସନ୍ଧାନୀ, ଅନିସନ୍ଧିତ୍ସୁ ବ୍ୟକ୍ତି ମନରେ ମୁମୁର୍ଷୁ ଭାବ ନେଇ, ଈଶ୍ୱରଙ୍କୁ ଜାଣିବା ପାଇଁ ଉତ୍କଣ୍ଠା ଏବଂ ଆଗ୍ରହ ପ୍ରକାଶ କରନ୍ତି । ଯେଉଁ ଦିନ ଆମେ ଚିରନ୍ତନ ସତ୍ୟ ଖୋଜିବା ପାଇଁ ଅନ୍ତର ସହ ଚାହିଁବା, ସେହି ଦିନ କେହି ଅଶରୀର ଦିବ୍ୟ ଆତ୍ମା ଆମ ପାଖକୁ ନିଶ୍ଚୟ ଦଉଡି ଆସିବେ ।

ଈଶ୍ୱର ଦିନେ ନାଁ ଦିନେ ନିଜେ ଆମ ପଥ ପ୍ରଦର୍ଶକ ହେବେ ବନ୍ଧୁ ରୂପରେ, ଗୁରୁ ସ୍ୱରୂପରେ କିମ୍ବା ଜ୍ଞାନର ପ୍ରକାଶ ରୂପରେ । ଆମକୁ ପ୍ରକାଶ ଦେଖାଇବା ପାଇଁ, ଉପର ଚେତନକୁ ଟାଣି ନେବା ପାଇଁ । ସୁଖ ବାଣ୍ଟିବା ପାଇଁ ରାସ୍ତା ଦେଖାଇବା ପାଇଁ ସର୍ବଦା ଆତୁର ସେହି ଦିବ୍ୟ ଆତ୍ମାମାନେ । ଆମେ କେବଳ ନିଜ ମଧ୍ୟରେ ଉତ୍ସୁକତା ଜଗାଇବା ।

ନିଜ ହୃଦୟକୁ ଶୁଦ୍ଧ, ନିର୍ମଳ ଓ ପବିତ୍ର କରି ରଖିବା । ସଙ୍କଳ୍ପ, ଆସ୍ଥା ଏବଂ ଅଦମ୍ୟ ଉତ୍ସାହରେ ସେହି ବିଶ୍ୱ ଚୈତନ୍ୟକୁ ପାଇବା ପାଇଁ ଆତୁର ହେବା, ଈଶ୍ୱରଙ୍କୁ ସମର୍ପଣ କରି ପ୍ରାର୍ଥନା କରିବା, ଦିନେ ସେ ହାତ ଠାରି ଆମକୁ ଉଠାଇ ନେବେ ତାଙ୍କ ନିକଟକୁ । ସତ୍ୟର ଉପଲବ୍ଧି ହେବ । ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ହେବ । ଈଶ୍ୱର ସତ୍ୟ, ଚେତନମୟ ଏବଂ ଆନନ୍ଦ ସ୍ୱରୂପ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ–୭୭୩୫୩୪୮୬୬୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳ ପ୍ରଳୟ...

ଶ୍ରଦ୍ଧାଳୁ ରସୁଆଘଡ଼ି ଅଞ୍ଚଳରେ ଫସି ରହିଛନ୍ତି । ତେବେ ୯୩ ଜଣ ନେପାଳୀ ନାଗରିକଙ୍କ ସହ ମୋଟ ୩୯୦ ଜଣ ଶ୍ରଦ୍ଧାଳୁ ଚୀନ୍ ସୀମା ପାର କରିବାର ଥିଲା । ମାତ୍ର ସେମାନଙ୍କ ସମ୍ପର୍କରେ ଏବେ ସଠିକ ସୂଚନା ମିଳିପାରୁ ନାହିଁ । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ କରାଯାଇ ପାରୁନାହିଁ । ତିବ୍ବତ ସୀମାରେ ଥିବା ଟ୍ୟୁମୁର୍ ବଜାରରେ ବ୍ୟାପକ କ୍ଷତି ହୋଇଛି । ଏଠାରେ ଥିବା ସାମଗ୍ରୀ ଓ ଗାଡ଼ିଗୁଡ଼ିକ ଭାସିଯାଇଛି । ସେଠାରେ ମଧ୍ୟ ତିନି ପୋଲିସ ବ୍ୟବସ୍ଥା ଧ୍ୱଂସ ପାଇଛି । ବନ୍ୟା ଯୋଗୁଁ ହାଇଡ୍ରୋ ପାୱାରର ଭିତ୍ତିଭୂମି ଧ୍ୱଂସ ପାଇଛି । ନେପାଳ ଶକ୍ତିମନ୍ତ୍ରୀ କହିଛନ୍ତି ଯେ ୪୩୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଉଦ୍ଧାର କାର୍ଯ୍ୟ ଜୋରସୋର୍‌ରେ ଚାଲିଛି । ନେପାଳ ସେନା ଓ ସଶସ୍ତ୍ର ପୋଲିସକୁ ମଧ୍ୟ ମୁତୟନ କରାଯାଇଛି । କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଦୁଇଟି ହେଲିକପ୍ଟର ପଠାଯାଇଛି । ମାତ୍ର ସେଠାରେ ଜଳପତନ ଅଧିକ ଥିବାରୁ ହେଲିକପ୍ଟର ଅବତରଣ କରିପାରୁ ନାହିଁ । ନେପାଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଭୀଷଣ ବନ୍ୟାକୁ ଦୃଷ୍ଟିରେ ରଖି ଉଦ୍ଧାର ଓ ରିଲିଫ୍ ଅଭିଯାନକୁ ଜୋରଦାର କରିବା ପାଇଁ ରସ୍‌ୱା ଏବଂ ଏହାର ଆଖପାଖ ଅଞ୍ଚଳରେ ନେପାଳ ସେନା ସଶସ୍ତ୍ର ପୋଲିସ ବଳ ଏବଂ ନେପାଳ ପୋଲିସର ଯବାନମାନଙ୍କୁ ମୁତୟନ କରାଯାଇଛି । ବନ୍ୟା ପରବର୍ତ୍ତୀ ସ୍ଥିତି ଉପରେ ଆଲୋଚନା କରିବା ଏବଂ ପରବର୍ତ୍ତୀ ସ୍ଥିତି ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି । ନେପାଳ ଗୃହ ମନ୍ତ୍ରୀ ସୁଦାନ ଗୁରୁଙ୍ଗ ବାସିନ୍ଦାମାନଙ୍କୁ ଅନୁରୋଧ କରିଛନ୍ତି ଯେ ନିରାପଦ ସ୍ଥାନକୁ ଚାଲିଯାଆନ୍ତୁ । ବିଶେଷକର ଯେଉଁମାନେ ଭୋଟେକୋଷି ଓ ତ୍ରିଶୁଳୀ ନଦୀ କୂଳରେ ରହୁଥିବା ଲୋକମାନେ ନିରାପଦ ସ୍ଥାନକୁ ଚାଲିଯାଆନ୍ତୁ ।

## ଭାଇରାଲ...

ସୂଚନାଯୋଗ୍ୟ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଛାତ୍ରମାନେ ଘେରାଉ କରିବା ସମୟରେ ସୁରକ୍ଷା କର୍ମୀ ଓ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ପୋଲିସ ପାଣିମାଡ଼ କରିବା ସହ ଲାଠିଚାର୍ଜ ମଧ୍ୟ କରିଥିଲା ।

## ପଞ୍ଜିକରଣ...

ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ୱଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ; ଯାହାଦ୍ୱାରା ଏଭଳି ଅନିୟମିତତାକୁ ସମୟୋପଯୋଗୀ ଭାବେ ଚିହ୍ନଟ କରି ରୋକାଯାଇପାରିବ ।

ପ୍ରଯୁକ୍ତି ବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା । ଏପରି ଅନିୟମିତତାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ନିୟମର ସମୁଚିତ ଅନୁପାଳନ ସୁନିଶ୍ଚିତ କରିବା ସହ ଦୋଷୀଙ୍କ ବିରୋଧରେ ଯଥାବିଧି ପଦକ୍ଷେପ ନିଆଯିବ ।

## ରାଜ୍ୟରେ...

ପରିମାଣ ୩୪୭.୭ ମିଲିମିଟର ରହିଛି । ଯାହାକି ସ୍ୱାଭାବିକ ହାରାହାରି ୨୯୮.୬ ମିଲିମିଟର ତୁଳନାରେ ୧୬.୪% ଅଧିକ । ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ଜୁନ ୧ରୁ ୨୬ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୧୦୩.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଯାହା ସ୍ୱାଭାବିକ ହାରାହାରି ୮୪୩.୦ ମିଲିମିଟର ତୁଳନାରେ ୩୦.୯% ଅଧିକ ।

ରାଜ୍ୟର ୨୧ଟି ଜିଲ୍ଲା ଯେପରି: ବରଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ସମ୍ବଲପୁର, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ଜଗତସିଂହପୁର, ଯାଜପୁର, ଏବଂ ପୁରୀରେ ସ୍ୱାଭାବିକଠାରୁ ଅଧିକ ବର୍ଷା (୧୯% ରୁ ଅଧିକ) ହୋଇଛି । ଅବଶିଷ୍ଟ ୯ ଟି ଜିଲ୍ଲା ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ଏବଂ ଗଜପତିରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛିଛ ବର୍ତ୍ତମାନ ସୁଦ୍ଧା ରାଜ୍ୟର କୌଣସି ବି ଜିଲ୍ଲାରେ ନିଅଣ୍ଟିଆ କିମ୍ବା ସ୍ୱଳ୍ପ ବର୍ଷା ସ୍ଥିତି ଉପୁଜିନାହିଁ ।

ବର୍ତ୍ତମାନର ରିପୋର୍ଟ୍ ଅନୁଯାୟୀ ୩ଟି ଜିଲ୍ଲା ଯଥା କେନ୍ଦ୍ରାପଡ଼ାର ୫ଟି ବ୍ଲକ୍ , ଭଦ୍ରକର ୨ଟି ବ୍ଲକ୍ ଏବଂ ଯାଜପୁରର ୨ଟି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ଥିବା ବେଳେ ୬୮ଟି ଗ୍ରାମପଞ୍ଚାୟତର ୧୮୯ଟି ଗ୍ରାମର ୮୦୨୮୪ ଲୋକ ପ୍ରଭାବିତ ଅଛନ୍ତି ୫ ବର୍ତ୍ତମାନ ୮୭ଟି ଫ୍ରି କିଚେନ୍ ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ୫ ୧,୦୨,୪୮୧.୫ ହେକଟର ଚାଷଜମି ପ୍ରଭାବିତ ହୋଇଛି ।

କେନ୍ଦୁଝରର ଆନନ୍ଦପୁରଠାରେ ବୈତରଣୀ ବାମପାଶ୍ୱର୍ରେ ଏବଂ ଯାଜପୁର ତାରାପଡ଼ା ଗ୍ରାମପଞ୍ଚାୟତ ଠାରେ ବୈତରଣୀ-କାଣୀର ଡାହାଣପାଶ୍ୱର୍ରେ ସୃଷ୍ଟ ଘାଇ ଉପରେ କଡ଼ା ନଜର ରଖାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ୍, ୩୦ଟି ଗ୍ରାମ ପଞ୍ଚାୟତର ୫୫ଟି ଗ୍ରାମ ଏବଂ ୪,୭୧୦ ଜଣ ଲୋକ ପ୍ରଭାବିତ ଥିବା ବେଳେ ଭଦ୍ରକ ଜିଲ୍ଲାର ୨ଟି ବ୍ଲକ୍, ୧୮ଟି ଗ୍ରାମ ପଞ୍ଚାୟତ, ୭୦ଟି ଗ୍ରାମ ଏବଂ ୨୫,୪୩୨ ଜଣ ଲୋକ ପ୍ରଭାବିତ ଅଛନ୍ତି । ଯାଜପୁର ଜିଲ୍ଲାର ୨ଟି ବ୍ଲକ୍, ୨୦ଟି ଗ୍ରାମ ପଞ୍ଚାୟତ, ୬୪ଟି ଗ୍ରାମ ଏବଂ ୫୦,୧୪୨ ଜଣ ଲୋକ ପ୍ରଭାବିତ ଅଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୪୧,୭୬୧ ଜଣ ଉଦ୍ଧାର ହୋଇଥିବା ବେଳେ ୭୬,୦୫୧ ଜଣଙ୍କୁ ଡଙ୍ଗା ଦ୍ୱାରା ସ୍ଥାନାନ୍ତରଣ କରାଯାଇଛି । ୭୭୫ଟି ବିଚ୍ଛିନ୍ନ ଗ୍ରାମକୁ ଯୋଗାଯୋଗ ସଂଯୋଗ କରାଯାଇଥିବା ବେଳେ ୨୧୫ ଜଣଙ୍କ ଜରୁରିକାଳୀନ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରଣ କରାଯାଇଛି । ଉଦ୍ଧାର କାର୍ଯ୍ୟରେ ସମୁଦାୟ ୨୧୦ଟି ଡଙ୍ଗା ମୁତୟନ କରାଯାଇଛି । ଆଶ୍ରୟସ୍ଥଳୀ ଗୁଡ଼ିକରେ ପିଇବା ପାଣି, ପରିମଳ, ଆଲୋକ, ଚିକିତ୍ସା ସୁବିଧା ଏବଂ ଶିଶୁ, ଗର୍ଭବତୀ, ବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।

ପ୍ରାୟ ୧,୦୨,୪୮୧.୫ ହେକଟର ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା ବେଳେ ୫,୬୦,୩୫୬ ପଶୁ ସମ୍ପଦ ଓ ୫୬,୯୮୩ କୁକୁଡ଼ା ପ୍ରଭାବିତ ହୋଇଛନ୍ତି । ୯୮ଟି ପ୍ରାଣୀଚିକିତ୍ସା ଟିମ୍, ୨୪୨ଟି କ୍ୟାମ୍ପ ମାଧ୍ୟମରେ ୨୫,୨୩୦ ପଶୁଙ୍କୁ ଚିକିତ୍ସା ଏବଂ ଟୀକାକରଣ କରାଯାଇଛି ଏବଂ ୧୫୮୭.୫୬ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛିଛ ମୋଟ ୪୧ଟି ପଶୁ ମୃତ୍ୟୁ ରିପୋର୍ଟ ହୋଇଛି ।

ସ୍ୱେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି ଯେ, ରାଜ୍ୟରେ ଉଦ୍ଧାର ବାହିନୀ, ଖାଦ୍ୟ, ବିଶୁଦ୍ଧ ପିଇବା ପାଣି, ଔଷଧ କିମ୍ବା ରିଲିଫ୍ ସାମଗ୍ରୀର କୌଣସି ଅଭାବ ନାହିଁ ଏବଂ ଆବଶ୍ୟକତା ଅନୁଯାୟୀ ଅଧିକ ସମ୍ବଳ ଯୋଗାଇ ଦେବାକୁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଲୋକମାନେ ବିଭିନ୍ନ ସୁରକ୍ଷା ନିର୍ଦ୍ଦେଶାବଳୀର ଅନୁପାଳନ କରି ନିଜର ଧନଜୀବନ ସହ ସୁରକ୍ଷିତ ରହିବାକୁ ଅନୁରୋଧ କରାଯାଇଛି ।

## ଦୁଷ୍କର୍ମ...

ସୁଜିତଙ୍କ ସମ୍ପର୍କୀୟଙ୍କ ଘରେ ଚଢାଉ କରାଯିବା ସହ ଉତ୍ତରା ନିକଟରେ ଥିବା ତାଙ୍କ ନିଜ ଘରେ ପୋଲିସ ଚଢାଉ କରାଯାଇଥିଲା । ଗିରଫଦାରୀ ପାଇଁ କ୍ରାଇମ୍‌ବ୍ରାଞ୍ଚର ଦୁଇଟି ଟିମ୍ ଚଢାଉ କରୁଥିବାରୁ ସେ ପୌଣସି ପ୍ରକାରେ ସୂଚନା ପାଇ ଫେରାର ହୋଇଯାଇଥିଲେ ।

ସୁଜିତଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତକାରୀ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବାରୁ ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଛି । ଶରଣକୁଳ ଥାନା ଅଞ୍ଚଳ ମହିଳାଙ୍କୁ ଦୁଷ୍କର୍ମ କରିବା ଘଟଣା ଗଣମାଧ୍ୟମ ଓ ରାଜ୍ୟବ୍ୟାପୀ ଚର୍ଚ୍ଚା ହେବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ହୋଇଥିଲା ।

## ନାବାଳକକୁ...

ଆଦିଲଙ୍କ ପରିବାରକୁ ମିଳିଲା ଦୁଃଖର ଖବର । ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି । ମୃତ ଆଦିଲଙ୍କ ବାପା ରମେଶ ପଟେଲ ନିଜ ପୁଅକୁ ହରାଇ ଗଭୀର ଦୁଃଖରେ ଅଛନ୍ତି । ଘଟଣାରେ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି ।ରେ ବଢୁଥିବା ହିଂସା ଏବଂ ଅପରାଧ ପ୍ରବଣତାକୁ ନେଇ ଅନେକ ପ୍ରଶ୍ନ ଠିଆ କରିଛି । ଗାଁଲୋକଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ନାବାଳକ ନିଶା ସେବନ କରୁଥିଲା । ନିଶାସକ୍ତ ଅବସ୍ଥାରେ ପୂର୍ବରୁ ମଧ୍ୟ ସାଙ୍ଗମାନଙ୍କ ସହ ମାରପିଟ କରିଥିବା ଅଭିଯୋଗ ରହିଛି । ତେବେ ଏହି ଅଭିଯୋଗର ସତ୍ୟତା ଏବଂ ନାବାଳକ ନିଶା ସେବନ କରୁଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ୱଷ୍ଟ ହେବ । ଘଟଣା ପରେ ଆଗଲପୁର ପୋଲିସ ଅଭିଯୁକ୍ତ ନାବାଳକକୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି । ଘଟଣାର ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି । ମୃତଦେହର ଆଇନଗତ ପ୍ରକ୍ରିୟା ଏବଂ ତଦନ୍ତ ଆଧାରରେ ଆଗାମୀ ପଦକ୍ଷେପ ନିଆଯିବ । ତଦନ୍ତ ଚାଲିଥିବାରୁ ଏନେଇ ବିସ୍ତୃତ ପ୍ରତିକ୍ରିୟା ଦେବାକୁ ବଲାଙ୍ଗୀର ଏସଡିପିଓ ମନା କରିଥିବା ଜଣାପଡ଼ିଛି । ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ରୋତ ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡ ଏବେ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି ।

# ସାଗରରେ ହାରିଗଲା ସାଗର ବିଜେତା, ୧୩୦ ଘଣ୍ଟା ପରେ ମିଳୁନି ପତ୍ତା



ପାରାଦୀପ,(ଜିପ୍ର) :ଓସେନ ଓ୍ୱିନର ଅର୍ଥାତ ସାଗର ବିଜେତା ୧୯୯୮ ମସିହାରେ ନିର୍ମିତ ଏହି ପଣ୍ୟବାହୀ ଜାହାଜ ଦୀର୍ଘ ୨୮ ବର୍ଷ ଧରି ସମୁଦ୍ର ଗର୍ଭରେ ଜିତି ଜିତି ଆସୁଥିବା ବେଳେ ଶେଷରେ ହାରି ଯାଇଛି ।୧୩୦ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ଜଳପଥ , ଆକାଶପଥ ସବୁଠାରେ ଘଣ୍ଟା ଘଣ୍ଟା ପଇଁତରା ଦୂର ସମୁଦ୍ରର ଲହଡ଼ିକୁ ଭେଦକରି ଘୁରି ବୁଲୁଚି ଡୋନିୟର , ସ୍ୱତନ୍ତ୍ର ବୋଇଙ୍ଗ ବିମାନ ପି-୮୧ ଓ ଅତ୍ୟାଧୁନିକ ଯୁଦ୍ଧ ଜାହାଜ , ଭରଦ , ଅନମୋଲ , ଭିଜିତ୍ତ ଆଉ ଚାଇନାର ଦୁଇ ଭେସେଲ ପ୍ରାୟ ୨୦୦ ଯବାନ ଏହି ସର୍ଚ୍ଚ ଅପରେସନରେ ସାମିଲ ଥିବା ବେଳେ ଏହାକୁ ପ୍ରତେକ୍ଷ ଭାବେ ତତ୍ୱାବଧାନ କରୁଛି ଏମଆରସିସି ଅର୍ଥାତ ମେରିଟାଇମ ରେସ୍କିୟୁ କୋଡିନେସନ ସେଣ୍ଟର । ଗତ ୨୦ ତାରିଖ ରାତି ପ୍ରାୟ ୧୦ଟା ୪୩ ମିନିଟ ସମୟରେ ପାରାଦୀପ ପୋତାଶ୍ରୟ ମଧ୍ୟରେ ଥିବା ସି କ୍ୱିୟୁ-୨ ବର୍ଥରୁ ଆଇରନଓର ନେଇ ଚାଇନା ଅଭିମୁଖେ ଯାତ୍ରା କରିଥିବା ଜାହାଜ ଓସେନ ଓ୍ୱିନର ଶେଷରେ ହାରିଯାଇଛି ବୋଲି ଅନୁମାନ କରାଯାଉଛି ।ଘଣ୍ଟା ଘଣ୍ଟାର ପରିଶ୍ରମ ପରେ ଆଶା କ୍ଷୀଣ ପ୍ରଥମ ଦିନ ଜାହାଜରେ ଥିବା ଲାଇଫ ରାପଫରେ ଭାସମାନ ଅବସ୍ଥାରେ ଥିବା ଦୁଇ ଚାଇନିଜ ନାବିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଶା ଥିଲା ଜାହାଜର ଅନ୍ୟ ୨୨ଜଣ ନାବିକ ଉଦ୍ଧାର ହେବେ । ୨୨ ଜୀବନ ମୂଲ୍ୟକୁ ଦୃଷ୍ଟିରେ ରଖି ସବୁ ବଳ କୌଶଳ ଖଟାଇ ଦେଇଥିଲେ ସମସ୍ତେ ପ୍ରତିକୂଳ ପାଗକୁ ଖାତିର ନକରି ସମୁଦ୍ରର ଚପାଚପା ତଲାସୀ କରିଥିଲେ ଆମ ବହାଦୁର ଯବାନ ।

ଗତକାଲି (ମଙ୍ଗଳବାର ) ଜାହାଜରେ ଥିବା ଲାଇଫ ବୋଟPୁ ସମୁଦ୍ର ଗର୍ଭରୁ ଉଦ୍ଧାର କରାଯାଇଥିବା ବେଳେ ସେଥିରେ କୌଣସି ନାବିକ ମିଳିନଥିବା ସମସ୍ତଙ୍କୁ ବେଶ ନିରାଶ କରିଛି । ଜାହାଜରେ ଥିବା ଲାଇଫ ରାପଫ ଓ ଲାଇଫ ବୋଟ ସମୁଦ୍ରରେ ଭାସୁଥବା ଅର୍ଥ ଜାହାଜ ବୁଡି ସାରିଛି । ହେଲେ

### ଆଜି ଫେରିପାରେ ଭରଦ , ଅପରେସନ ଟର୍ମିନେଟ ହେବା ସମ୍ଭାବନା

ଦୁଇ ନାବିକ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨୨ ନାବିକ ଗଲେ କୁଆଡେ । ନିୟମ ମୁତାବକ ସମୁଦ୍ର ମଝିରେ କୌଣସି ସର୍ଚ୍ଚ ଅପରେସନ ୯୬ଘଣ୍ଟା ଅର୍ଥାତ ୪ଦିନ ଚାଲିବାକୁ ଥିବା ବେଳେ ଅପରେସନ ୧୩୦ ଘଣ୍ଟା ହୋଇ ସାରିଲାଣି । ଗତକାଲି ଭିଜିତ୍ତ ଆଉ ଅନମୋଲ ଚାଲି ଆସିଥିବା ବେଳେ ନୂଆକରି ଏହି ଅପରେସନରେ ସାମିଲ ହେଲା ବିଶସ୍ଥ ଆଉ ଭରଦ ପୂର୍ବପରି ଖୋଜିବାରେ ନିଜକୁ ବଳବତ୍ତର ରଖିଥିଲା । କିନ୍ତୁ ଏକ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାଇ ଭରଦ ଆଜି ଫେରି ଆସିବାର ସମ୍ଭାବନା ଅଛି । ସେହିପରି ୯୬ ଘଣ୍ଟା ବିତି ସାରିଥିବାରୁ ସର୍ଚ୍ଚ ଅପରେସନ ଟର୍ମିନେଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।ସେପଟେ ଦୁଇ ଚାଇନା ଭେସେଲ ଏବେବି ସର୍ଚ୍ଚ ଅପରେସନରେ ସାମିଲ ଅଛନ୍ତି ଏକ ପ୍ରକାର ଅନିଶ୍ଚିତତା ମଧ୍ୟ ଦେଇ ସମସ୍ତେ ଗତି କରୁଥିବା ବେଳେ ଏବେ ଜାହାଜ କିଭଳି ବୁଡିଗଲା ତାହାର କାରଣ ଖୋଜିବାରେ ଲାଗିଛନ୍ତି ସମସ୍ତେ । ୧୯୯୮ ମସିହାରେ ନିର୍ମିତ ଏହି ଜାହାଜଟି ୨୮ ବର୍ଷରେ ପହଂଚି ଥିବା ବେଳେ ଓଭର ଲୋଡିଂ ଏବଂ ଅତ୍ୟଧିକ ପୁରୁଣା ହେତୁ ସହନଶୀଳ କ୍ଷମତା ହରାଇଥିବା କାରଣରୁ ହଠାତ ଭାଙ୍ଗି ଦୁଇ ଖଣ୍ଡ ହୋଇ ଯାଇଥିବା ମଧ୍ୟ ଅନୁମାନ କରାଯାଇ ପାରେ ।ଜାହାଜରେ ଲୋଡିଂ ହୋଇଥିବା ଆଇରନଓରରେ ଅଧିକ ପରିମାଣର ଆଦ୍ରତା ଜାହାଜକୁ ସମୁଦ୍ର ମଧ୍ୟରେ ଗୋଟିଏ ପଟକୁ ଢଳାଇ ବୁଡାଇ ଦେଲା ବୋଲି ମଧ୍ୟ ବିଶେଷଜ୍ଞ ମାନେ ଅନୁମାନ କଲେଣି । ଘଟଣା ଘଟିବା ପରଠାରୁ ଦାୟିତ୍ୱରେ ଥିବା ଏଜେନ୍ସି କିମ୍ବା କମ୍ପାନୀ କେହି ମୁହଁ ଖୋଲୁନଥିବା ବେଳେ ଗତକାଲି (ମଙ୍ଗଳବାର) ପାରାଦୀପରେ ଆସି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି ଡାଇରେକଫ ଜେନେରାଲ ସିପିଙ୍ଗ ଓ ଏମଏମଡି ସର୍ଭେୟର ସଂସ୍ଥା । ଭୁଲ ରହିଲା କେଉଁଠି , କାହା ପାଇଁ ଜାହାଜ ବୁଡି ଆଜି ୨୨ ଜୀବନ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା କିଏ ନେବ ତାର ଉତର ଦାଇତ୍ୱ ଜାହାଜ ସେଲିଂ ପୂର୍ବରୁ ଓ ଲୋଡିଂ ସମୟରେ ସବୁ ସଠିକ ଭାବେ ତନଖି କରାଯାଇଥିଲା ତ ଯଦି ଜାଜରେ କାଦୁଆ ପଣ୍ୟ ଲୋଡିଂ କରାଯାଇଥିଲା ତେବେ ତାକୁ ସର୍ଭେ କମ୍ପାନୀ କିଭଳି ସାର୍ଟିଫାଇ କଲେ ଜାହାଜ ସେଲିଂ ସମୟରେ ଡ୍ରାପଫ ମେସେଜ ଦେଇଛି ନା ନାହିଁ ପାରାଦୀପକୁ ଜାହାଜଟି ପ୍ରଥମ ଥର ଆସିଥିବା ବେଳେ ଭାରତର ଅନ୍ୟ ବନ୍ଦର ମଧ୍ୟକୁ ପ୍ରାୟ ଦୁଇ ବର୍ଷ ମଧ୍ୟରେ ୧୪ ଥର ଆସଛି ବୋଲି କୁହାଯାଉଛି ତେବେ ପ୍ରତିଥର ଜାହାଜରେ କେତେ ପରିମାଣରେ ପଣ୍ୟ ଲୋଡିଂ କରାଯାଇଥାଏ ଓ ପାରାଦୀପରୁ କେତେ ପରିମାଣର ପଣ୍ୟ ଲୋଡିଂ କରାଯାଇଥିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ ଏତେ ସବୁ ଅସମାହିତ ପ୍ରଶ୍ନର କାରଣ ଖୋଜାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି ।

# ନିବେଶକଙ୍କ ଭରଷା ଏସ୍‌ବିଆଇକ୍ୟାପ୍ ସିକ୍ୟୁରିଟିଜ

ଭୁବନେଶ୍ୱର (ସବ୍ୟୁ) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ କମ୍ପାନୀ ଏସବିଆଇକ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍, ବ୍ୟବସାୟୀ ଏବଂ ନିବେଶକମାନଙ୍କୁ ବିକଶିତ ବଜାର ଗତିଶୀଳତାକୁ ଭଲ ଭାବରେ ବୁଝିବା ଏବଂ ସୂଚିତ ନିବେଶ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି ଅଧିବେଶନରେ ଏସବିଆଇ ସିକ୍ୟୁରିଟିଜର ଟେକ୍ନିକାଲ ଆଣ୍ଡ ଡେରିଭେଟିଭ୍ସ ରିସର୍ଚ୍ଚ ବିଭାଗର ଉପାଧ୍ୟକ୍ଷ ସୁଦୀପ ଶାହ ଏବଂ ଏସବିଆଇ ସିକ୍ୟୁରିଟିଜର ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ବିଭାଗ ମୁଖ୍ୟ ସନି ଅଗ୍ରୱାଲ ଯୋଗ ଦେଇଥିଲେ ।ଏହି ପଦକ୍ଷେପ ଆର୍ଥିକ ସାକ୍ଷରତାକୁ ଆଗକୁ ବଢାଇବା ଏବଂ ପୁଞ୍ଜି ବଜାରରେ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହି ଅଧିବେଶନ ଆନ୍ତର୍ଜାତୀୟ ସାମଗ୍ରିକ ଅର୍ଥନୈତିକ ପରିଦୃଶ୍ୟ ଉପରେ ଏକ ସମୀକ୍ଷା ସହ ଆରମ୍ଭ ହୋଇଥିଲା ଏବଂ ପରେ ସୁଦୀପ ଶାହ ଓ ସନି ଅଗ୍ରୱାଲ ଅଂଶଗ୍ରହଣକାରୀଙ୍କୁ ବଜାର କାର୍ଯ୍ୟଦକ୍ଷତାକୁ ଆକାର ଦେଉଥିବା ବୈଷୟିକ ଏବଂ ମୌଳିକ କାରକଗୁଡ଼ିକର ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏସବିଆଇକ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ବଳଦେବ ପ୍ରକାଶ କହିଛନ୍ତି, ଆଜିର ନିବେଶ ଦୃଶ୍ୟପଟ୍ଟ ବଜାର ପହଂଚ ଅପେକ୍ଷା ଅଧିକ କିଛି ଆବଶ୍ୟକ କରୁଛି ।

# ପୁତ୍ର ସନ୍ତାନ ଜନ୍ମର ଅତ୍ୟଧିକ ଖୁସିରେ ବାପାର ମୃତ୍ୟୁ

ଗୋପ,(ସବ୍ୟୁ): ପୁତ୍ର ସନ୍ତାନ ଜନ୍ମର ଅତ୍ୟଧିକ ଖୁସିରେ ବାପାର ମୃତ୍ୟୁ ।ଏହାକୁ ନେଇ ଗୋପ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଗୋପ ଥାନା ଅନ୍ତର୍ଗତ ରାହଁଗୋରଡ଼ା ପଞ୍ଚାୟତ ଆଳୋଇ ଗ୍ରାମର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସ୍ତ୍ରୀ ଗତ ୨୨ ତାରିଖ ଦିନ ଗର୍ଭ ଯନ୍ତ୍ରଣା ହେବାରୁ ଗାଁରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ତେବେ ଡାକ୍ତର ପୁରୀ ବଡ଼ ଡ଼ାକ୍ତରଖାନା ସ୍ଥାନତାରିତ କରିଥିଲେ ।ସେହି ୨୨ ତାରିଖରେ ପୁରୀ ବଡ ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା ।ବାପା ଚନ୍ଦ୍ରକାନ୍ତ ପୁତ୍ର ସନ୍ତାନ ଜନ୍ମରେ ଅତ୍ୟଧିକ ଖୁସିରେ ବିଭୋର ହୋଇ ୨୫ ତାରିଖ ଦିନ ୩ ଟାରେ ମୃତ୍ୟୁ ବରଣ କରିବା ଘଟଣା ପୁରୀ ଡାକ୍ତର ଖାନା ପରିସର ମଧ୍ୟରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ ।ଗୋଟିଏ ପଟେ ମାଆ ଓ ଶିଶୁ ପୁତ୍ର ମେଡ଼ିକାଲ ଖଟିଆରେ ପଡିଥିବା ବେଳେ ବାପାର ସ୍ୱର୍ଗଦ୍ୱାରରେ କ୍ରିୟା କର୍ମ ହେବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ତେବେ ଏନେଇ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ବନ୍ୟା ବିପନ୍ନଙ୍କୁ ଆନନ୍ଦ ମାର୍ଗୀଙ୍କ ରିଲିଫ ବଣ୍ଟନ



କେନ୍ଦ୍ରାପଡା (ସବ୍ୟୁ) : ବ୍ରାହ୍ମଣୀ, ଖରସ୍ରୋତା, କାଣୀ ନଦୀଦ୍ୱାରା ଲଗାତର ଦୁଇଦଫା ବନ୍ୟା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡେଇ ବ୍ଲକର ଅନେକ ପଞ୍ଚାୟତକୁ ଜଳାର୍ଣ୍ଣବ କରିରଖିଛି । ସେଥିମଧ୍ୟରୁ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମର ଜେନାସାହି,ତରଡିପାଳ ପଞ୍ଚାୟତର ଦାସ ସାହି,ମଳିକ ସାହି, ନାଥ ସାହି ର ଲୋକମାନେ ସମ୍ପୂର୍ଣ୍ଣ ଜଳବନ୍ଦୀ ମଧ୍ୟରେ ଅଛନ୍ତି । ଗତ ସପ୍ତାହ ଧରି ରିଲିଫ୍ ସାମଗ୍ରୀ ଯଥା ଅଟା, ଚୁଡା, ଆଳୁ, ବିସ୍କୁଟ, ମହମବତୀ , ଦିଆସିଲି ଇତ୍ୟାଦି ସହିତ ଆନନ୍ଦ ମାର୍ଗର ସଦସ୍ୟ ମାନେ ବିଭିନ୍ନ ପର୍ଯ୍ୟାୟରେ ଜଳବନ୍ଦୀକୁ ଡଙ୍ଗା ସାହାଯ୍ୟରେ ପାରି ହୋଇ ପ୍ରାୟ ୩୦୦ ପରିବାରର ଲୋକଙ୍କୁ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅବଧୂତିକା ଆନନ୍ଦ ସୁଧୀରା ଆଚାର୍ଯ୍ୟ,ଆଚାର୍ଯ୍ୟ କାଶାନନ୍ଦ ଅବଧୂତ,ଆଚାର୍ଯ୍ୟ ନଟବର ବେହେରା, ବରିଷ୍ଠ ଆନନ୍ଦ ମାର୍ଗୀ ହର୍ଷବର୍ଦ୍ଧନ ଲେଙ୍କା, ଅନ୍ୟାନ୍ୟ ସଦସ୍ୟ ମାନେ ଯଥା ଗଣେଶ ପରିଡ଼ା, ପରାସର, ସୁନୀତା, ରାଜକିଶୋର, ସତ୍ୟଜିତ ସୁଚାରୁପେ ପରିଚାଳନା କରୁଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 24.08.2026 I,Kaincha Dei W/o -Late Raj Kishore Pradhan Resident of At-Bijipur(Talasahi) P.O- Baunsiapada P.S- Itamati Dist-Nayagarh,PIN-752068 declare that I have changed my name from Daincha Dei to Kaincha Dei Henceforth, I shall be known as Kaincha Dei for all purposes.

Sd/- Kaincha Dei

# ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ ଖୁବଶୀଘ୍ର



ଅସ୍ତରଙ୍ଗ,(ସବ୍ୟୁ): ରାଜ୍ୟ ସରକାର ରାଜ୍ୟରେ ଥିବା ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ସମସ୍ୟା ଓ ତାର ସମାଧାନ ଦିଗରେ ସମ୍ପୂର୍ଣ୍ଣ ଅବଗତ । ହେଲେ ସାମାନ୍ୟ କେତେକ କାରଣ ନେଇ ଏହି ସମସ୍ୟା ସମାଧାନ ହୋଇ ପାରୁ ନ ଥିବାରୁ ଏହାର ବିଳମ୍ବ ହେଉ ଥିଲେବି, ମୁଁ ଏହାର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସାମ୍ବାଦିକମାନଙ୍କର ଥିବା ସମସ୍ୟା ସମାଧାନ କରିବି ବୋଲି, ବୁଧବାର ଦିନ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ପୁରୀ ଜିଲ୍ଲା ତରଫରୁ ଦୀପ୍ତି କଲ୍ୟାଣ ମଣ୍ଡପ କାକଟପୁର ଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି ।

ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ,ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ, କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ଏହି କିଛି ବର୍ଷ ହେଲା ଗଠନ ହୋଇଛି । ଏହି ସ୍ୱଳ୍ପ ଦିନ ହେଲା ସରକାରୀ ସ୍ୱୀକୃତି ମିଳି ଥିଲେ ବି ଆଦ୍ୟବଧି ସଂଘ ସରକାରଙ୍କ ତରଫରୁ କର୍ଯ୍ୟାଳୟ ପାଇଁ ଘର ଖଣ୍ଡେ ପାଇ ପାରି ନ ଥିଲେ ବି, ସରକାରଙ୍କ ନିକଟରେ ଆବେଦନ ପତ୍ର ବିଚାର ଧୀନ ଅଛି । ମୁଁ ଏହା ଉପରେ ମୁଖମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବି ବୋଲି ପ୍ରତିଶୃତି ଦେଇଥିଲ । ସଂଘର ରାଜ୍ୟ ଉପ ସଭାପତି ଦୁଃଶାସନ ନୟକ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଦାବି ଉପ ସ୍ଥାପନ କରିବା ସହ ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟର ସାଧାରଣ ସମ୍ପାଦକ ରାଜ କିଶୋର ସ୍ୱାଇଁ ସ୍ୱାସ୍ଥ୍ୟ ବୀମା, ପେନସନ,ସତ ଖର ପ୍ରକାଶ ଆଦି ଉପରେ ଗୁରୁତ୍ୱ ଦେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲ । ଏଥିରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନୟକ, ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ବିପିନ ମହାନ୍ତି, ପ୍ରଶାସକ ପ୍ରଭାତ ତରାଇ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଦେଇ ସାମ୍ବାଦିକମାନଙ୍କ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ବିଧାୟକଙ୍କୁ ନିବେଦନ କରିଥିଲ ।

ସମାଜସେବୀ ଶୋଭାକାର ବେହେରାଙ୍କ ଦ୍ୱାରା ମଞ୍ଚ ପରିଚାଳନାରେ ଶରତ ସାହୁ , ସୁବାସ ସ୍ୱାଇଁ, ଜୟସେନ ପରିଡା, ବିଭୁତି ମିଶ୍ର, ସତ୍ୟଜିତ ଦାସ,ବୁଢା ବାରିକି,ଅନିଲ ପଟ୍ଟନାୟକ,ନୀରାକାର ଦଳାଇ, ସୌରଭ ପଟ୍ଟନାୟକଙ୍କ ସମେତ ପ୍ରାୟ ଶହେ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସିଲ ଉତରିୟ ଫୁଲ ତୋଡ଼ା ଦିଆଯାଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମାନସ ସାମଲ, ଅଶୋକ ପରିଡା, ଆରତ ମହାନ୍ତି, ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗର ହାତ ବଢ଼ାଇ ଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରି ଥିଲେ ଅନୁଷ୍ଠାର ସମ୍ପାଦକ ସମ୍ପାଦକ ରାଜ କିଶୋର ସ୍ୱାଇଁ ।

**ଡକ୍ୟୁମେଣ୍ଟ ହଜିଯାଇଛି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖାତା ନଂ.: ୧୦୩/୩୩, ପ୍ଲଟ୍ ନଂ.: ୩୮୫/୪୦୫, କ୍ଷେତ୍ର: ଏକର୦.୨୯ ଡିସିମିଲି, ଜମିର ପ୍ରକାର: ଘରବାରି, ମୌଜା: ବଡ଼ବାସୁଳୀ, ଥାନା: ଭୋଗରାଇ, ତହସିଲ: ଭୋଗରାଇ, ଜିଲ୍ଲା: ବାଲେଶ୍ୱର ସମ୍ପର୍କିତ ମୂଳ ମାଲିକାନା ଦଲିଲ, ଯାହା ଶ୍ରୀମତୀ ସସ୍ମିତା ପାତ୍ରଙ୍କ ଦ୍ୱାରା ନିଆଯାଇଥିବା ଋଣ ବାବଦରେ ୟୁକୋ ବ୍ୟାଙ୍କ, ଭୋଗରାଇ ଶାଖାରେ ଜମା କରାଯାଇଥିଲା, ତାହା ବ୍ୟାଙ୍କର ହେପାଜତରୁ ହଜିଯାଇଛି ଏବଂ ବହୁ ଉଦ୍ୟମ ସତ୍ତ୍ୱେ ତାହା ମିଳିପାରିଲା ନାହିଁ । ଯଦି କୌଣସି ବ୍ୟକ୍ତିଙ୍କୁ ଉକ୍ତ ମୂଳ ଦଲିଲ ମିଳେ କିମ୍ବା ତାହା ତାଙ୍କ ପାଖରେ ଥାଏ, ତେବେ ତାଙ୍କୁ ଅନୁରୋଧ ଯେ, ତାହାକୁ ତୁରନ୍ତ ନିମ୍ନଲିଖିତ ଠିକଣାରେ ଫେରସ୍ତ କରନ୍ତୁ ।

ୟୁକୋ ବ୍ୟାଙ୍କ, ଭୋଗରାଇ ଶାଖା
ସା/ପୋ: ଭୋଗରାଇ, ଜିଲ୍ଲା: ବାଲେଶ୍ୱର
ଓଡ଼ିଶା-୭୫୬୦୩୬

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.: RGDA_SnT_26-27_WORKS_01

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳରେ ପାର୍ଶ୍ୱିକ କାର୍ଯ୍ୟାଳୟଗୁଡ଼ିକ ଠାରେ CCTV କ୍ୟାମେରା ପାର୍ଶ୍ୱିକ ସ୍ଥାନର ଏବଂ ବ୍ୟାଟେରୀ ଚାଳିତ ଟ୍ରୋଲିଗୁଡ଼ିକର ବ୍ୟବସ୍ଥା ସଂକେତ କାର୍ଯ୍ୟର ସଙ୍କେତ ଏବଂ ଦୂରସଂଚାର ଅଂଶ । ସ୍ଥାନ :(1)ରାୟଗଡ଼ା(RGDA), (2)କୋରାପୁଟ(KRPU), (3)ଜଗଦଲପୁର(JDB), (4)କିରନ୍ଦୁଲ (KRDL), (5)ଅରାକୁ(ARK),(6)ଜୟପୁର(JYP), (7)ପାଲକୋଣ୍ଡା (PLH) ଏବଂ (8)ଗୁଣୁପୁର (GNPR) ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 43,52,630.25, EMD (ଟଙ୍କାରେ) : 87,100.00, ସମାପ୍ତି ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2026ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ରାୟଗଡ଼ା

PR-389/R/26-27

**ପୂର୍ବ ତଟ ରେଳପଥ**

**ପାର୍କିଂ ସ୍ଥାନର ଇ-ନିଲାମ**

ନିଲାମ କାଟାଲଗ୍ ନଂ.: SDCM-KUR-PKNG-9

ଷ୍ଟେସନ ଏବଂ ସ୍ଥାନ : (1)ଭଦ୍ରକ- 4 ଚକିଆ ଯାନ (ପ୍ଲାଟଫର୍ମ-1 ପାର୍ଶ୍ୱରେ) । (2) ନିର୍ଗୁଣ୍ଡି- 2 ଚକିଆ ଯାନ (ପ୍ଲାଟଫର୍ମ-4 ପାର୍ଶ୍ୱରେ) । (3) ବହୁଦା- 2 ଚକିଆ ଯାନ (ପ୍ଲାଟଫର୍ମ-1 ନିକଟରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.04.09.2026ରିଖ 1500 ଘଟିକା (କ୍ରମ ନଂ. 1 ରୁ 3 ପର୍ଯ୍ୟନ୍ତ) ।

ନିଲାମ ବନ୍ଦ ହେବା ତାରିଖ : ତା.04.09.2026 ରିଖ(କ୍ରମ ନଂ. 1 ରୁ 3 ପର୍ଯ୍ୟନ୍ତ) ।

ବନ୍ଦ ହେବା ସମୟ : 1530 ଘଟିକା (କ୍ରମ ନଂ. 1 ପାଇଁ), 1540 ଘଟିକା (କ୍ରମ ନଂ. 2 ପାଇଁ) ଏବଂ 1550 ଘଟିକା (କ୍ରମ ନଂ. 3 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଅବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଦେଖି ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-392/R/26-27

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 25.08.2026 Gurei Rout W/o-Jayadeb Rout Resident of a Rout to for At-Damasahi P.O-Damasahi P.S - Ranpur Dist-Nayagarh, PIN-752092 declare that I have changed my minor Son's name from Kanda Rout to Kamal Rout Henceforth, he shall be known as Kamal Rout for all purposes.

Sd/- Gurei Rout

Ms. Aseema Das
W/o. Smruti Kanta Das
MIG-1,12/5, Housing Board Colony
P.S./P.O: Chandrasekharpur
Bhubaneswar-751016
Dist: Khurda, Odisha.

Dear Ms. Das,

We serve you this final notice to deposit the balance amount of your Flat No.703, Block-A, Phase-II, Tulasi Vihar, Puri within 15 days of publication of this news failing which your amount will be refunded and cancelled your Flat ex-party.

Your flat was completed as per your recommendation on Dt.30.02.2019 but damaged severely in 2019 super cyclone Fani. Gradually it is affecting the concrete structure by shipping saline water. For the interest of other flat owners, we will be compelled to take appropriate action as deem fit. We received from Bank notice in the year 2022 regarding your outstanding and wrote to you three registered letters to your known address which are gone unheeded.

Please treat this notice most URGENT.

Sd/-
Managing Director Mahodadhi Developers Pvt. Ltd.
Bhubaneswar.

# ଭୁବନେଶ୍ୱରରେ ଖୋଲିଲା ଓ୍ୱେଲଥ କମ୍ପାନୀ ଶାଖା

ଭୁବନେଶ୍ୱର (ସବ୍ୟୁ) : ପାଣ୍ଟୋମାଥ୍ ଗ୍ରୁପର ଅଂଶବିଶେଷ ଦ ଓ୍ୱେଲଥ କମ୍ପାନୀ ଖାରବେଳ ନଗରସ୍ଥିତ ହାଉସିଂ ବୋର୍ଡ ଛକରେ ନିଜର ଭୁବନେଶ୍ୱର ଶାଖା ଖୋଲିବା ସହ ଓଡ଼ିଶାରେ ଉପସ୍ଥିତି ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି ।ଏହା ନିବେଶକ ସଚେତନତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥାନୀୟ ସ୍ତରରେ ଏକ ମଜଭୁତ ଆର୍ଥିକ ବଣ୍ଟନ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଉଛି । ଶିଳ୍ପ ବିଶେଷଜ୍ଞ ଲିଙ୍ଗରାଜ ମହାନ୍ତି ଓଡ଼ିଶାର ବ୍ୟବସାୟକୁ ଆଗକୁ ବଢାଇବା ଦାୟିତ୍ୱ ନେବେ ।ଏହି ବିସ୍ତାର ଏପରି ଏକ ସମୟରେ ହେଉଛି, ଯେତେବେଳେ କି ଓଡ଼ିଶା ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଅର୍ଥବ୍ୟବସ୍ଥା ଭାବେ ଉଭା ହେଉଛି । ଓଡ଼ିଶା ଅର୍ଥନୈତିକ ସର୍ବେକ୍ଷଣ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ଅର୍ଥବ୍ୟବସ୍ଥା ପ୍ରାୟ ୯.୮୮ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି । ଦ ଓ୍ୱେଲଥ କମ୍ପାନୀର ପ୍ରତିଷ୍ଠାତା ମଧୁ ଲୁନାଓ୍ୱତ କହିଛନ୍ତି, ବର୍ଦ୍ଧିତ ଆୟ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ବଢୁଥିବା ଆର୍ଥିକ ସଚେତନତା ଏକ ନୂତନ ପିଢିର ନିବେଶକ ସୃଷ୍ଟି କରୁଥିବାରୁ ଓଡ଼ିଶା ବର୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ରହିଛି। ଏହି ଅଭିବୃଦ୍ଧି ଏବେ ବଜାର-ଆଧାରିତ ନିବେଶରେ ଲୋକଙ୍କ ଅଧିକ ଭାଗିଦାରୀରେ ପରିଣତ ହେଉଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଏନିଗ୍ମା , ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ପକ୍ଷରୁ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ପାଇଁ ଘୋଷଣା

ଭୁବନେଶ୍ୱର: ଏନିଗ୍ମା , ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ସହିତ ମିଳିତ ଭାବରେ, ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ପାଇଁ ଘୋଷଣା କରିଛି । ଏହା ଏନିଗ୍ମା ଏବଂ ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ମଧ୍ୟରେ କ୍ରମାଗତ ଦ୍ୱିତୀୟ ବର୍ଷ, ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିଭା, ଆତ୍ମବିଶ୍ୱାସ ଏବଂ ପ୍ରତିନିଧିତ୍ୱ ପାଇଁ ଏକ ମର୍ଯ୍ୟାଦାଜନକ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି। ଏହି କାର୍ଯ୍ୟକ୍ରମ ଆଡିକ୍ସନ୍ ଫ୍ୟାଶନ୍ ମ୍ୟାନେଜମେଣ୍ଟ ଏବଂ କନସଲଟାନ୍ସି ଦ୍ୱାରା ଆୟୋଜିତ ଏବଂ ପରିଚାଳିତ। ସମଗ୍ର ଓଡ଼ିଶାରୁ ୧୫୦ ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ମନୋନୀତ, ୧୨ ଜଣ ପ୍ରତିଯୋଗୀ ପ୍ରତିଷ୍ଠିତ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜେତା ଫେମିନା ମିସ୍ ଇଣ୍ଡିଆ ୨୦୨୭ ପାଇଁ ସିଧାସଳଖ ପ୍ରବେଶ ପାଇବେ ଏବଂ ଜାତୀୟ ପ୍ଲାଟଫର୍ମରେ



ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଅତିଥି ଭାବରେ ପ୍ରମୁଖ ପ୍ରତିନିଧି ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ସୁଶ୍ରୀ ଦୀପ୍ତି ମହାନ୍ତି ନିର୍ଦ୍ଦେଶକ, ଏସ୍ଏନ୍ଏମ୍ ଗ୍ରୁପ୍, ବେନେଟ୍ ନାଥନ୍ ମିଡିଆ ଏବଂ ମାର୍କେଟିଂ ଲିଡ୍, ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍, ଦି ଟାଇମ୍ସ ଗ୍ରୁପ୍ ସୁଶ୍ରୀ ନିରଜପ୍ରିୟା ଦାଶ ନିର୍ଦ୍ଦେଶକ, ଏନିଗ୍ମା, ଜନ୍ ଅଜୟ ନିର୍ଦ୍ଦେଶକ, ଆଡିକ୍ସନ୍ ଫ୍ୟାଶନ୍ ମ୍ୟାନେଜମେଣ୍ଟ ଏବଂ କନସଲଟାନ୍ସି, ଆୟୁଷୀ ପଣ୍ଡା ମିସ୍ ଓଡ଼ିଶା ୨୦୨୫ ଏବଂ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ୨୦୨୬, ସନ୍ତୋଷ ତିୱାରୀ ଜେନେରାଲ ମ୍ୟାନେଜର, ପ୍ରାଚୀସରୋବର ପ୍ରିମିୟର, ଭୁବନେଶ୍ୱର ପ୍ରେସ୍ ମିଟ୍‌ରେ ଉପସ୍ଥିତ ଥିଲେ । ଗ୍ରାଣ୍ଡ ଫିନାଲେର ବିଚାରକ ଫେମିନା ମିସ୍ ଇଣ୍ଡିଆ ସାଧବୀ ସୈଲ୍, ମିସ୍ ଇଣ୍ଡିଆ ସଂଗଠନର ପ୍ରମୁଖ ବ୍ୟକ୍ତିବିଶେଷ ଏବଂ ଅନ୍ୟାନ୍ୟ ସମ୍ମାନିତ ପ୍ୟାନେଲିଷ୍ଟଙ୍କ ସହିତ କରିବେ। ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ଇଭେଣ୍ଟ ପାଇଁ ୨୦ ସେପ୍ଟେମ୍ବର ୨୦୨୬ ହେଉଛି ଯେଉଁଥିରେ ସାରା ଓଡ଼ିଶାରୁ ଆକାଂକ୍ଷୀ ପ୍ରତିଯୋଗୀଙ୍କ ପାଇଁ ଅଡିସନ୍ ର ପ୍ରାରମ୍ଭିକ ପର୍ଯ୍ୟାୟ, ୨୫ ଅକ୍ଟୋବର ୨୦୨୬ ମେଗା ଅଡିସନ୍ସ ପ୍ରତିଯୋଗିତା ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସଂକ୍ଷିପ୍ତ ତାଲିକା ଡିସେମ୍ବର ୨୦୨୬ ରେ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୬ ର ପ୍ରତିଷ୍ଠିତ ଗ୍ରାଣ୍ଡ ଫିନାଲେରେ ଶେଷ ହେବ, ଯେଉଁଠାରେ ଫାଇନାଲିଷ୍ଟମାନେ ବିଜୟୀ ମୁକୁଟ ଏବଂ ଜାତୀୟ ମଞ୍ଚରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ନଭେମ୍ବର ୨୪ ରୁ କଟକ ବାଲିଯାତ୍ରା, ପ୍ରଶାସନର ପ୍ରସ୍ତୁତି

## ପ୍ଲାଷ୍ଟିକ ଓ ଫୋମ ନିର୍ମିତ ଖାଦ୍ୟ ପାତ୍ର ପରିବର୍ତ୍ତେ ହେବ ଶାଳପତ୍ରର ବ୍ୟବହାର

କଟକ,(ସବ୍ୟୁ): କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୬ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ ବୋଲି ବିଭାଗୀୟ ସମନ୍ୱୟ ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସହିତ ଆଲୋଚନା ମାଧ୍ୟମରେ କହିଛନ୍ତି । ତେବେ ଚଳିତ ବର୍ଷ ବାଲିଯାତ୍ରା ଉପର ପଡିଆ ଓ ତଳ ପଡିଆରେ କରାଯିବାକୁ ସ୍ଥିର କରାଯାଇଛି । ବୈଦ୍ୟୁତିକ ସୁରକ୍ଷା, ମଞ୍ଚ ଓ ଭିତ୍ତିଭୂମି ସୁରକ୍ଷା, ଅଗ୍ନିଶମ ସୁରକ୍ଷାକୁ ସୁନିଶ୍ଚିତ କରାଇବା, ଦୋଳି ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ ସରଞ୍ଜାମର ସୁରକ୍ଷା ପ୍ରମାଣପତ୍ର ସହ ମାନକ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଛନ୍ତି । ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟତ,



ଗାଡି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଶେଷକରି ଅଧିକ ସଂଖ୍ୟକ ସିସିଟିଭି ସ୍ଥାପନ ଉପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହିପରିପ୍ରେକ୍ଷୀରେ ଯାନବାହନ ଓ ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯାତାୟାତ ମାର୍ଗ ସୂଚୀ ପ୍ରସ୍ତୁତ କରାଯିବ । ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବାଲିଯାତ୍ରା ପରିସରରେ ପ୍ଲାଷ୍ଟିକ ଓ ଫୋମ ନିର୍ମିତ ଖାଦ୍ୟ ପାତ୍ର ଓ ବ୍ୟାଗ ବ୍ୟବହାର ନିଷିଦ୍ଧ କରାଯିବ, ଏହା ପରିବର୍ତ୍ତେ ଖାଦ୍ୟ ପରଶିବା ପାଇଁ ବ୍ୟବସାୟୀମାନେ ଶାଳପତ୍ରର ବ୍ୟବହାର ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ କପଡା ବ୍ୟାଗ ବ୍ୟବହାର କରାଯିବା ପାଇଁ ଜିଲ୍ଲାପାଳ କହିଛନ୍ତି। ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ , ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ଉପଲବଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି । କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ବାଲିଯାତ୍ରା ଆହୁରି ରଙ୍ଗୀନ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯିବ। ଅନୈତିକ ପାର୍କିଂକୁ ଏଡାଇବା ପାଇଁ ବ୍ୟବସ୍ଥା କରାଯିବା ସହ, ପୂର୍ବରୁ ବ୍ୟବହୃତ ହେଉଥିବା ପାର୍କିଂ ସହିତ ପାର୍କିଂ ସ୍ଥାନରୁ ଯାତ୍ରୀମାନଙ୍କୁ ଯାତ୍ରା ପଡିଆ ପର୍ଯ୍ୟନ୍ତ ଯାତାୟତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହ ପାର୍କିଂ ସ୍ଥାନ ବୃଦ୍ଧି, ପଡିଆ ଓ ଏହାର ଆଖପାଖ ଅଂଚଳର ଉପଯୁକ୍ତ ଆଲୋକିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ପ୍ରଶାନ୍ତ କୁମାର ନାୟକ, , ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଖୋଲିଲା ଶ୍ୟାମ ସୁନ୍ଦର ଚାନ୍ଦିୱାଲାଙ୍କ ନୂତନ ଶୋ ରୁମ୍

## "ଦି ସାଇନ୍ ଅଫ୍ ପ୍ୟୁରିଟି" ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ

ଭୁବନେଶ୍ୱର, (ସବ୍ୟୁ) : ଉତ୍କୃଷ୍ଟ ରୂପା କାରିଗରୀର ଦୀର୍ଘ ପରମ୍ପରା ପାଇଁ ପରିଚିତ ଶ୍ୟାମ ସୁନ୍ଦର ଚାନ୍ଦିୱାଲା ଚଳିତ ମାସ ୨୬ ତାରିଖ ଦିନ ଭୁବନେଶ୍ୱରରେ ଏହାର ଏକ ନୂତନ ଶୋ ରୁମ୍‌ର ଶୁଭାରମ୍ଭ କରିଅଛି। "ଦି ସାଇନ୍ ଅଫ୍ ପ୍ୟୁରିଟି" ଅର୍ଥାତ୍ ପବିତ୍ରତାର ଚମକ ପ୍ରତି ନିଜର ପ୍ରତିବଦ୍ଧତା ପାଇଁ ପରିଚିତ ଏହି ବ୍ରାଣ୍ଡରେ ବିଭିନ୍ନ ପ୍ରକାରର ହଲ୍‌ମାର୍କ ଯୁକ୍ତ ରୂପା ସାମଗ୍ରୀ ଉପଲବ୍ଧ ରହିଛି। ଏଥିରେ ରୂପା ଅଳଙ୍କାର, ରୂପା ବାସନ କୁସନ, ରୂପା ମୂର୍ତ୍ତି ଏବଂ ରୂପା ଉପହାର ସାମଗ୍ରୀ ଆଦି ସାମିଲ ରହିଛି ଯାହା ପାରମ୍ପରିକ ଓ ଆଧୁନିକ ଉଭୟ ରୁଚିକୁ ପୂରଣ କରିଥାଏ। ଭୁବନେଶ୍ୱର କାନନ ବିହାର ସ୍ଥିତ କିଟ୍ ସ୍କୋୟାର ନିକଟ



ପଟିଆଠାରେ ଅବସ୍ଥିତ ଏହି ନୂତନ ଶୋ ରୁମ୍ ବ୍ରାଣ୍ଡ ଶୁଦ୍ଧତା, ସ୍ୱଚ୍ଛତା ଓ ବିଶ୍ୱାସର ମୂଲ୍ୟବୋଧର ପ୍ରତୀକ। ଶ୍ୟାମ ସୁନ୍ଦର ଚାନ୍ଦିୱାଲାର ପ୍ରତିଷ୍ଠାତା ସୁନ୍ଦର ଭାଲୋଟିଆ କହିଛନ୍ତି "ଭୁବନେଶ୍ୱରରେ ଏହି ନୂତନ ଶୋ ରୁମ୍ କଠିନ ପରିଶ୍ରମ, ନିଷ୍ଠା ଏବଂ ଗ୍ରାହକମାନଙ୍କର ଆମ ପ୍ରତି ରହିଥିବା ବିଶ୍ୱାସର ପ୍ରତିଫଳନ। ଓଡିଶାରେ ଖୋଲାଯାଇଥିବା ଏହି ନୂତନ ଶୋ ରୁମ୍ ତଥା ଭାରତର ୧୮ ତମ ଶୋ ରୁମ୍ ଖୋଲିବା ଆମ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ଶ୍ରୀ ଭାଲୋଟିଆ କହିଛନ୍ତି। ଭୁବନେଶ୍ୱର ଓ ଓଡିଶାବାସୀଙ୍କ ନିକଟରେ ସ୍ୱତନ୍ତ୍ର ହଲମାର୍କଯୁକ୍ତ ରୂପା ସାମଗ୍ରୀ ପହଞ୍ଚାଇବା ସହିତ ଶୁଦ୍ଧତା, କାରିଗରୀ ଓ ବିଶ୍ୱାସର ପ୍ରତୀକ ଭାବେ ପରିଚିତ ଏହି ବ୍ରାଣ୍ଡକୁ ପରିଚିତ କରାଇବା ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏହି ନୂତନ ଶୋ ରୁମ୍‌ର ଶୁଭାରମ୍ଭ ସହିତ ଶ୍ୟାମ ସୁନ୍ଦର ଚାନ୍ଦିୱାଲା ସାରା ଭାରତରେ ନିଜର ବିସ୍ତାର ଯାତ୍ରା ଜାରି ରଖିଛି।

# ଶ୍ରୀଗୋପୀନାଥ ମନ୍ଦିରରେ ତ୍ରିସନ୍ଧ୍ୟା କର୍ମଶାଳା ଓ ରୁଦ୍ରାଭିଷେକ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଶ୍ରାବଣ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଅବସରରେ ଦାଣ୍ଡମୁକୁନ୍ଦପୁର ବଜାରସ୍ଥିତ ଶ୍ରୀଗୋପୀନାଥ ମନ୍ଦିର ସମ୍ମୁଖ ବାବା ପଶ୍ଚିମଶମ୍ଭୁ ମହାଦେବ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱରଙ୍କ ପରିସରରେ ଏକ ଭକ୍ତିମୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତନ୍ମୟ କୁମାର ସାହୁଙ୍କ ସଂକଳ୍ପରେ ଆୟୋଜିତ ଏହି ଧାର୍ମିକ ଉତ୍ସବରେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ଭବ୍ୟ ରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ 'ତ୍ରିସନ୍ଧ୍ୟା କର୍ମଶାଳା', ଶ୍ରୀଜଗନ୍ନାଥ ସହସ୍ରନାମ ପ୍ରାର୍ଥନା



ଏବଂ ଭକ୍ତିରସାପ୍ଲୁତ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରବକ୍ତା ସୁଦର୍ଶନ ସାହୁ ଉପସ୍ଥିତ ଭକ୍ତମାନଙ୍କୁ ଶ୍ରୀଗୋପୀନାଥ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ତତ୍ତ୍ୱଭରା ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଆଧ୍ୟାତ୍ମିକ ସଭାରେ ବିଶିଷ୍ଟ ବ୍ୟକ୍ତିବିଶେଷ ଭାବେ ଡା. ନାରାୟଣ ମହାପାତ୍ର, ସୁରେଶ କୁମାର ମିଶ୍ର, ଅକ୍ଷୟ ସାହୁ, ତ୍ରିଲୋଚନ ନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ସର୍ବେଶ୍ୱର ବୈଠାରୁ, ମୃତ୍ୟୁଞ୍ଜୟ ମହାନ୍ତି, ଶୁଭାଙ୍ଗିନୀ ପଟ୍ଟନାୟକ, ଶ୍ରୀନିବାସ ରାଓ, ଚକ୍ରଧର ମାଝୀ, ନିରଞ୍ଜନ ମିଶ୍ର, ବିଜୟ ମୋହନ ପଣ୍ଡା, ଅନାମିକା ସ୍ୱାଇଁ ପଟ୍ଟନାୟକ ଏବଂ ତେଜସ୍ୱିନୀ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଭକ୍ତଙ୍କ ଉପସ୍ଥିତିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା।

# କୃତ୍ରିମ ବୁଦ୍ଧିମତ୍ତା ଓ ମାନବିକୀ ବିଜ୍ଞାନ ମଧ୍ୟରେ ସେତୁ ସ୍ଥାପନ ପାଇଁ ସୋଆରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତଃବିଷୟକ କର୍ମଶାଳାରେ କୃତ୍ରିମ ବୁଦ୍ଧିମତା (ଏଆଇ), ମାନବିକୀ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନର ଉଦୀୟମାନ ସମନ୍ୱୟ ଓ ପାରସ୍ପରିକ ସଂପର୍କକୁ ନେଇ ବିଷଦ ଆଲୋଚନା ମାଧ୍ୟମରେ ନୂତନ ଦିଗ ଉନ୍ମୋଚିତ ହୋଇଛି । ଆଇଟିଇଆରର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗ ପକ୍ଷରୁ ଅଗଷ୍ଟ ୨୧ ଓ ୨୨ ଦୁଇ ଦିନ ଧରି ଆୟୋଜିତ 'ଏଆଇ ଆଣ୍ଡ ହ୍ୟୁମାନିଟିଜ୍: ବ୍ରିଜିଂ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଇନ୍ ହ୍ୟୁମାନିଟିଜ୍' ଶୀର୍ଷକ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ଭାରତୀୟ ବିଦ୍ୟା ଭବନର ଏମେରିଟସ୍ ପ୍ରଫେସର ପ୍ରଫେସର କେ. ସି. ମିଶ୍ର ଏବଂ ଦି ପାୟୋନିୟରର ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଜ୍ଞାନ ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଡକ୍ଟର ପ୍ରାଚୀଶ୍ରୀ ମିଶ୍ର ପରିଚାଳନା କରିଥିବା ବେଳେ ମୁଖ୍ୟ



ସଂଯୋଜିକା ଓ କନ୍‌ଭେନର ଡକ୍ଟର ସ୍ୱର୍ଣ୍ଣପ୍ରଭା ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡକ୍ଟର ସ୍ଥିତପ୍ରଜ୍ଞା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାଭିତିକ ଅଧିବେଶନରେ ଆଇଆଇଟି ଖଡ଼ଗପୁରର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍ ବିଭାଗର ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ ମାନବ ଆଚରଣକୁ ବୁଝିବା କ୍ଷେତ୍ରରେ ବ୍ୟବହାରଗତ ବିଜ୍ଞାନ ସହ ଏଆଇର ପ୍ରାସଙ୍ଗିକତା ଏବଂ ଏହାର ବିଭିନ୍ନ ପ୍ରୟୋଗ ସଂପର୍କରେ ଆଲୋଚନା କରିଥିଲେ। ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଶିଖା ଭରଦ୍ୱାଜ ଅନ୍ୟତମ ଅଧିବେଶନରେ ମାନବିକୀ ଗବେଷଣାରେ କମ୍ପ୍ୟୁଟେସନାଲ ପଦ୍ଧତି ଓ ଏଆଇର ଭୂମିକା ଉପରେ ଆଲୋକପାତ କରିଥିଲେ। 'ଏଥିକ୍ସ ଆଣ୍ଡ ରେସ୍‌ପନ୍ସିବଲ ଏଆଇ' ଶୀର୍ଷକ ଅଧିବେଶନରେ ଆଇଆଇଆଇଟି ଭୁବନେଶ୍ୱରର କଂପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ରାକେଶ ଚନ୍ଦ୍ର ବଳବନ୍ତରାୟ ଏଆଇ କ୍ଷେତ୍ରରେ ପକ୍ଷପାତ, ନ୍ୟାୟସଙ୍ଗତତା, ଗୋପନୀୟତା, ଶିକ୍ଷାଗତ ସତ୍ୟନିଷ୍ଠା, ହାଲୁସିନେସନ୍, ଦାୟିତ୍ୱବୋଧପୂର୍ଣ୍ଣ ବ୍ୟବହାର ଏବଂ ମାନବୀୟ ତତ୍ତ୍ୱାବଧାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଶେଷ ଶିକ୍ଷାଭିତିକ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ମାନସ ରଞ୍ଜନ ପାତ୍ର 'କମ୍ପ୍ୟୁଟେସ୍‌ନାଲ୍ ଏଆଇ ଆଣ୍ଡ ଡିଜିଟାଲ୍ ଏଥନୋଗ୍ରାଫି: ଫ୍ରମ୍ ଡିଜିଟାଲ୍ ଫୁଟପ୍ରିଂଟ ଟୁ ହ୍ୟୁମାନିଟିଜ୍' ବିଷୟ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ସୋଆ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଫେସର ପାତ୍ର ସମ୍ମାନିତ ଅତିଥି ଥିଲେ। ଡକ୍ଟର ମୌସୁମୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର ସ୍ୱର୍ଣ୍ଣ ପ୍ରଭା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀବିହାରରେ ଖୋଲିଲା ଅତ୍ୟାଧୁନିକ ୱାସଲେ ଲଣ୍ଡ୍ରି

କଟକ, (ସ୍ୱପ୍ର): ଭାରତର ଏକ ବିଶ୍ୱସନୀୟ ଡ୍ରାଏକ୍ଲିନ୍ ଓ ଲଣ୍ଡ୍ରି ବ୍ରାଣ୍ଡ ୱାସଲେ ଲଣ୍ଡ୍ରିର ନୂତନ ଶାଖା ବୁଧବାର ସ୍ଥାନୀୟ ମହାନଦୀବିହାର



ଅଞ୍ଚଳରେ ଉଦଘାଟିତ ହୋଇଛି । କଟକ ସହରରେ ଏହା ୱାସଲେ ଲଣ୍ଡ୍ରିର ପ୍ରଥମ ଶାଖା ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଥିଲା । ଉତ୍ସବରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ମୁରବୀ ଇଂ. ଗୋପାଳ କୃଷ୍ଣ ବେହେରା, ରବୀନ୍ଦ୍ର ନାଥ ମହାନ୍ତି, ରବି ନାରାୟଣ ଶତପଥୀ, ଇଂ. ସୁବୋଧ ରାଉତ ରାୟ, ହିମାଂଶୁ ଷଡ଼ଙ୍ଗୀ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରଭାକର ରଣା, ଗୋଲେଖ ଚନ୍ଦ୍ର କାନୁନଗୋ, ଡଃ ଅବନ୍ତୀ ଦାସ ମହାପାତ୍ର, ପ୍ରଦୀପ ପରିଡା, ଶରତ ଚନ୍ଦ୍ର ଦାସ, ଇଂ. ଶରତ ଚନ୍ଦ୍ର ପାଣି, ଭାଗୀରଥୀ ସାମଲ, ଦୀପକ ମହାନ୍ତି, ସାଇ ସୌରଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଗୋଟିଏ ଛାତ ତଳେ ବିଭିନ୍ନ ପ୍ରକାରର ଗୁଣାତ୍ମକ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଏଠାରେ ପ୍ରିମିୟମ ଲଣ୍ଡ୍ରି ଓ ଡ୍ରାଇ କ୍ଲିନ୍ ସହ ସୋଫା, ଜୋତା ଓ ବ୍ୟାଗ୍ କ୍ଲିନିଂ ସୁବିଧା ଉପଲବ୍ଧ କରାଯାଇଛି । ଗ୍ରାହକଙ୍କ ବସ୍ତ୍ରର ଉତ୍କୃଷ୍ଟ ଯତ୍ନ ଓ ଉଚ୍ଚମାନର ସେବା ପ୍ରଦାନ କରିବା ଆମର ପ୍ରଥମ ପ୍ରାଥମିକତା ବୋଲି ପ୍ରୋପ୍ରାଇଟର ଦୀପ୍ତି ରେଖା ସାହୁ କହିଛନ୍ତି । ଏହି ନୂତନ ସେବା କେବଳ ମହାନଦୀବିହାରରେ ସୀମିତ ନରହି ସମଗ୍ର କଟକ ସହରବାସୀଙ୍କୁ ଯୋଗାଇବ ବୋଲି ଏମଡିଏ ସଭାପତି ସଞ୍ଜୟ କୁମାର ଜେନା କହିଛନ୍ତି ।

## ବେଦାନ୍ତ ଆଲୁମିନିୟମ କୋଇଲା ଖଣି ପ୍ରକଳ୍ପ ଜ୍ୟୋତି ଅଧୀନରେ

# ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲ୍ଲାର ୨୨ ହଜାର ପରିବାରକୁ ସୌର ଶକ୍ତି ଚାଳିତ ଆଲୋକ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଏହାର ଗୋଷ୍ଠି ପ୍ରୋତ୍ସାହନ ଯୋଜନାରେ ପ୍ରକଳ୍ପ ଜ୍ୟୋତି ମାଧ୍ୟମରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ କରି ଓଡ଼ିଶାର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ସୁରକ୍ଷା ଏବଂ ଗ୍ରହଣୀୟତାକୁ ଉନ୍ନତ କରୁଛି। ଆଜି ପର୍ଯ୍ୟନ୍ତ, ୨୧ଟି ଗ୍ରାମରେ ୪୦୬ଟି ସୌର-ଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଯାହା ଦ୍ୱାରା ପ୍ରାୟ ୨୨,୦୦୦ ବାସିନ୍ଦା ଉପକୃତ ହେଉଛନ୍ତି ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ସର୍ବସାଧାରଣ ସ୍ଥାନରେ ଉତ୍ତମ ଆଲୋକ ବ୍ୟବସ୍ଥା ହୋଇପାରିଛି। ପ୍ରକଳ୍ପ ଜ୍ୟୋତି ଅଧୀନରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଜାମଖାନି, ଗିରିସିମା, ଝାରପାଲମ, ହେମଗିର, ଆର ଆଣ୍ଡ ଆର କଲୋନୀ, ବିଲେଇମୁଣ୍ଡା, ମୁଣ୍ଡେରଖେତ, ଘୋଘରପଲ୍ଲୀ, ପୋଡାଜାଲଙ୍ଗା, ରେଙ୍ଗାଲପାଣି, କୁରାଲୋଇ, ବଞ୍ଜାରୀ, ବାରତାପ, ଗ୍ରିଣ୍ଡୋଲା, ପିପିଲିମାଳ, ଲିୟାଖାଇ, ଲଖନପୁର ଏବଂ ବେଲପାହାଡ଼ ପୌରପାଳିକା ମଧ୍ୟରେ ଷ୍ଟ୍ରିଟ ଲାଇଟ ଲଗାଇଛି। ନିରନ୍ତର ଆଲୋକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ, କମ୍ପାନୀ ଏକ ନିୟମିତ ରକ୍ଷଣାବେକ୍ଷଣ ଏବଂ ମନିଟରିଂ ପ୍ରଣାଳୀ ପ୍ରତିଷ୍ଠା କରିଛି ଯେଉଁଥିରେ ତ୍ରୈମାସିକ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ମଧ୍ୟରେ ଲାଗିଥିବା ଧୂଳିକୁ ସଫା କରିବା, ବ୍ୟାଟେରୀ ଏବଂ ତାର ସ୍ଥିତି ଯାଞ୍ଚ, ଏବଂ ସଂରଚନାତ୍ମକ ସ୍ଥିରତା, ସମସ୍ତ



ସମସ୍ତଙ୍କ ପାଇଁ ସୁରକ୍ଷା, ଗତିଶୀଳତା ଏବଂ ଯୋଗାଯୋଗରେ ଉନ୍ନତି ଆଣିବା ଲାଗି ଏକ ସ୍ୱଚ୍ଛ-ଶକ୍ତି ପଦକ୍ଷେପ

ଋତୁରେ ଷ୍ଟ୍ରିଟ୍ ଲାଇଟର ଦୀର୍ଘକାଳୀନ ବିଶ୍ୱସନୀୟତା ନିଶ୍ଚିତ କରିଥାଏ । ବିଶେଷ କରି ମହିଳା, ବରିଷ୍ଠ ନାଗରିକ ଏବଂ ଦୈନିକ ଯାତ୍ରୀମାନଙ୍କ ପାଇଁ ଏହି ପଦକ୍ଷେପ ଦ୍ୱାରା ସୁରକ୍ଷା ଏବଂ ସୁଗମ୍ୟତାରେ ଉନ୍ନତି ଆସିଛି। ଉନ୍ନତ-ଆଲୋକିତ ରାସ୍ତାଗୁଡ଼ିକ ଯାତାୟାତକୁ ଅଧିକ ସୁବିଧାଜନକ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉନ୍ନତ ପ୍ରବେଶକୁ ପରିଣତ କରିଛି, ଯାହା ସମ୍ପ୍ରଦାୟଗୁଡ଼ିକରେ ଏକ ଉନ୍ନତ ମାନର ଜୀବନଶୈଳୀରେ ଯୋଗଦାନ ଦେଇଛି । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ନିରାପଦ, ଅଧିକ ସଂଯୁକ୍ତ ଏବଂ ସଶକ୍ତ ସମ୍ପ୍ରଦାୟ ଗଠନ ପାଇଁ ବିଶ୍ୱସନୀୟ ଆଲୋକ ବ୍ୟବସ୍ଥା ମୌଳିକ ଅଟେ। ପ୍ରକଳ୍ପ ଜ୍ୟୋତି ଜରିଆରେ ଆମେ ସ୍ୱଚ୍ଛ ସୌର ଶକ୍ତିର ଉପଯୋଗ କରି ଗତିଶୀଳତାରେ ଉନ୍ନତି ଆଣିଛୁ, ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତା ବୃଦ୍ଧି କରିଛୁ ଏବଂ ଆମ ପଡ଼ୋଶୀ ସମ୍ପ୍ରଦାୟର ଦୈନନ୍ଦିନ ଜୀବନକୁ ଉନ୍ନତ କରିଛୁ। ଆମର ପ୍ରୟାସ ହେଉଛି ଏକ ସ୍ୱଚ୍ଛ ଏବଂ ଅଧିକ ନମନୀୟ ଭବିଷ୍ୟତ ପାଇଁ ଅବଦାନ ଦେଉଥିବା ସ୍ଥାୟୀ ସମାଧାନକୁ ଆଗକୁ ବଢ଼ାଇବା ସହିତ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା । ସୁନ୍ଦରଗଡ ଜିଲ୍ଲାର ବିଲେଇମୁଣ୍ଡା ଗାଁର ବାସିନ୍ଦା ଉତ୍ତରା ନାୟକ କହିଛନ୍ତି, "ସୌର ଷ୍ଟ୍ରିଟ୍ ଲାଇଟ୍ ଆମ ଗ୍ରାମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି। ଲୋକମାନେ ବର୍ତ୍ତମାନ ସନ୍ଧ୍ୟାରେ ଅଧିକ ଆରାମରେ ବୁଲିପାରିବେ, ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକ ସୁରକ୍ଷିତ ଏବଂ ଅଧିକ ସୁଗମ୍ୟ ଅନୁଭବ କରୁଛନ୍ତି । ସମଗ୍ର ସମ୍ପ୍ରଦାୟକୁ ଉପକୃତ କରୁଥିବା ଏକ ପଦକ୍ଷେପ ଆରମ୍ଭ କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିକୁ ପ୍ରଶଂସା କରୁଛୁ । ପ୍ରକଳ୍ପ ଜ୍ୟୋତି ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି), ବିଶେଷ କରି ଏସଡିଜି ୩ (ଉତ୍ତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ), ଏସଡିଜି ୭ (ସୁଲଭ ଏବଂ ସ୍ୱଚ୍ଛ ଶକ୍ତି), ଏସଡିଜି ୧୧ (ସ୍ଥାୟୀ ସହର ଏବଂ ସମ୍ପ୍ରଦାୟ) ଏବଂ ଏସଡିଜି ୧୩ (ଜଳବାୟୁ କାର୍ଯ୍ୟାନୁଷ୍ଠାନ) ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସାମୂହିକ ଭିତ୍ତିଭୂମିରେ ଅକ୍ଷୟ ଶକ୍ତିକୁ ଏକୀକୃତ କରି, ଏହି ପ୍ରକଳ୍ପ ଦର୍ଶାଏ ଯେ ଜୀବନର ଗୁଣବତ୍ତା ବୃଦ୍ଧି କରିବା ସହିତ ସ୍ଥାୟୀ ସମାଧାନ କିପରି ଦୈନନ୍ଦିନ ଆବଶ୍ୟକତାକୁ ସମାଧାନ କରିପାରିବ।

## ୨୭ରେ କିଟ୍‌ରେ 'ଖେଲୋ ଇଣ୍ଡିଆ ସମ୍ବାଦ

# ଜାତୀୟ କ୍ରୀଡ଼ା ଦିବସ ପୂର୍ବରୁ ଦେଶବ୍ୟାପୀ ଯୁବ ସଂଯୋଗ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ କ୍ରୀଡ଼ା ଦିବସ ପୂର୍ବରୁ ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ଓ ରାଷ୍ଟ୍ର ନିର୍ମାଣ ଯାତ୍ରା ସହ ଯୋଡ଼ିବା ଉଦ୍ଦେଶ୍ୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅଗଷ୍ଟ ୨୭, ୨୦୨୬ରେ ଦେଶବ୍ୟାପୀ 'ଖେଲୋ ଇଣ୍ଡିଆ ସମ୍ବାଦ ଖେଲ୍ କି ବାତ୍ ପିଏମ୍ କେ ସାଥ୍' କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆୟୋଜକ ପ୍ରତିଷ୍ଠାନ ଭାବେ କିଟ୍ ରହିବ ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ ଖୁଣ୍ଟିଆ, କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାତ କୁମାର ରାଉତ ଏବଂ କିଟ୍ ଏନ୍‌ଏସ୍‌ଏସ୍ ଲିଆଜନ୍ ଅଫିସର ତଥା କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ସ୍ମୃତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଯୁବ ବ୍ୟାପାର ବିଭାଗ ଅଧୀନରେ ମେରା ଯୁବା ଭାରତ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି, କ୍ରୀଡ଼ାବିତ୍, ଜନପ୍ରତିନିଧି ଏବଂ କ୍ରୀଡ଼ା କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷ ଏକ ମଞ୍ଚରେ ଏକାଠି ହେବେ। ଯୁବ ସହଭାଗିତା, କ୍ରୀଡ଼ାର ବିକାଶ, ଶାରୀରିକ ସୁସ୍ଥତା ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ। ଏଥିସହ 'ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣରେ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ।





ଦେଶର ବିଭିନ୍ନ ଜିଲ୍ଲାର ଚୟନିତ ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଏକକାଳୀନ ଭାବେ ଆୟୋଜିତ ହେବ। ଦେଶବ୍ୟାପୀ ପ୍ରାୟ ୧,୭୦୦ଟି ସ୍ଥାନରେ ୮ ଲକ୍ଷରୁ ଅଧିକ ଯୁବକଯୁବତୀ ଏଥିରେ ଯୋଗଦେବାର ଆଶା ରହିଛି। କଲେଜ ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ମାଇଁ ଭାରତ ସ୍ୱେଚ୍ଛାସେବୀ, ଯୁବ କ୍ଲବ ସଦସ୍ୟ ଏବଂ କ୍ରୀଡ଼ାପ୍ରେମୀମାନେ ଏଥିରେ ସକ୍ରିୟ ଭାବେ ସାମିଲ ହେବେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚ୍ଚୁଆଲ୍ ସମ୍ବୋଧନ। ଦେଶର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଲାଇଭ୍ ଫିଡ୍ ମାଧ୍ୟମରେ ଯୁବପିଢ଼ି ପ୍ରଧାନମନ୍ତ୍ରୀଙ୍କ କ୍ରୀଡ଼ା, ଫିଟ୍‌ନେସ୍ ଏବଂ ଯୁବ ନେତୃତ୍ୱାଧୀନ ରାଷ୍ଟ୍ର ନିର୍ମାଣ ସମ୍ପର୍କିତ ଦୃଷ୍ଟିକୋଣ ଶୁଣିବେ। ଏହା ପରେ ସ୍ଥାନୀୟସ୍ତରରେ 'ଯୁବ ସମ୍ବାଦ ଆୟୋଜିତ ହେବ। ଏଥିରେ ଯୁବପିଢ଼ି କ୍ରୀଡ଼ାବିତ୍, ଜନପ୍ରତିନିଧି ଓ କ୍ରୀଡ଼ା କ୍ଷେତ୍ରର ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରିବେ। ଭାରତର କ୍ରୀଡ଼ା ପରିବେଶକୁ ସୁଦୃଢ଼ କରିବା, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ, ଯୁବ ସହଭାଗିତା ବୃଦ୍ଧି ଏବଂ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଭଳି ବିଷୟ ଉପରେ ଆଲୋଚନା ହେବ। ଏହି ଅବସରରେ ଯୁବପିଢ଼ି ଭାରତୀୟ କ୍ରୀଡ଼ାର ଭବିଷ୍ୟତ ସମ୍ପର୍କରେ ନିଜର ମତାମତ, ଅନୁଭୂତି, ପରାମର୍ଶ ଓ ଆଶା ମଧ୍ୟ ରଖିପାରିବେ। ଅଗଷ୍ଟ ୨୯ରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମହାନ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ନେତୃତ୍ୱ, ଦୃଢ଼ତା, ଦଳଗତ ଭାବନା ଓ ଶାରୀରିକ ସୁସ୍ଥତା ବିକଶିତ ହୁଏ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯିବ। 'ଖେଲୋ ଇଣ୍ଡିଆ ସମ୍ବାଦ ମାଧ୍ୟମରେ ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ପରିବେଶରେ ଅଧିକ ସକ୍ରିୟ ଭାବେ ସାମିଲ କରିବା ସହ ସେମାନଙ୍କୁ କେବଳ ଦର୍ଶକ ନୁହେଁ, ବରଂ ଭାରତର କ୍ରୀଡ଼ା ଓ ବିକାଶ ଯାତ୍ରାର ସକ୍ରିୟ ଅଂଶୀଦାର ଭାବେ ଗଢ଼ି ତୋଳିବା ଲକ୍ଷ୍ୟ ରହିଛି।







ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାରେ ନେପାଳର ଅନେକ ଗ୍ରାମ ପାଲଟିଲା ଧ୍ୱଂସସ୍ତୂପ ।

## ନେପାଳ-ଚୀନ୍ ସୀମାରେ ଧ୍ୱଂସଲୀଳା

# ଭାସିଗଲା ରାସ୍ତା, ୧୯ ସେତୁ

**କାଠମାଣ୍ଡୁ:** ନେପାଳ ଏବଂ ଚୀନ୍ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଯୋଗୁଁ ବ୍ୟାପକ ପ୍ରାଣହାନି ଏବଂ ଭୟାବହ କ୍ଷୟକ୍ଷତି ଘଟିଛି । ଚୀନ୍‌ର ତିବ୍ଦତ ଏବଂ ନେପାଳକୁ ଯୋଡୁଥିବା ପ୍ରମୁଖ ଗିରୋଙ୍ଗ୍ ଲ୍ୟାଣ୍ଡ ପୋର୍ଟରେ ଥିବା ଚୀନ୍ କଷ୍ଟମ୍ସ କାର୍ଯ୍ୟାଳୟର ବହୁମହଲା ଭବନଟି ବନ୍ୟାର ପ୍ରଚଣ୍ଡ ଜଳସ୍ରୋତ ଧକ୍କାରେ କିଛି ମୁହୂର୍ତ୍ତ ମଧ୍ୟରେ ଧ୍ୱସ୍ତ ହୋଇଯାଇଛି । ଚୀନ୍ ଗଣମାଧ୍ୟମ ପକ୍ଷରୁ ଏହି ଦୃଶ୍ୟର ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେଠାରେ ଥିବା ଲୋକମାନେ ଆତ୍ମରକ୍ଷା ପାଇଁ ଦୌଡୁଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ଭାରତରୁ ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଚୀନ୍‌ରେ ପ୍ରବେଶ କରିବା ପାଇଁ ଏହି ପ୍ରମୁଖ ମାର୍ଗର ହିଁ ବ୍ୟବହାର କରିଥାନ୍ତି ।ରିପୋର୍ଟ ଅନୁଯାୟୀ, ଭୋଟେ କୋଶୀ ନଦୀର ଜଳସ୍ତର ହଠାତ୍ ଅହେତୁକ ଭାବେ ବୃଦ୍ଧି ପାଇବା ପରେ ଏହି ପ୍ରଳୟ ସୃଷ୍ଟି ହୋଇଛି । ପ୍ରଚଣ୍ଡ ଜଳପ୍ଲାବନ ଯୋଗୁଁ ସୀମାନ୍ତ ଅଞ୍ଚଳର ପ୍ରାୟ ୪୦ କିଲୋମିଟର ଦୀର୍ଘ ସଡ଼କ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯାଇଛି ଏବଂ ମାର୍ଗରେ ଥିବା ୧୯ଟି ବଡ଼ ସେତୁ ବନ୍ୟା ଜଳରେ ଭାସିଯାଇଛି । ଚୀନ୍ ସୀମାନ୍ତରେ ଏହି ପ୍ରଳୟ ରଚିବା ପରେ ବନ୍ୟା ଜଳ ନେପାଳ ସୀମାର ରସୁୱା, ତିମୁରେ ସମେତ ୫ଟି ଜିଲ୍ଲାକୁ ମାଡ଼ିଚାଲିଛି । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ବିପର୍ଯ୍ୟୟକୁ ଅତ୍ୟନ୍ତ ସମ୍ବେଦନଶୀଳ ଦର୍ଶାଇ ପ୍ରଭାବିତ ଅଞ୍ଚଳରେ ସେନା ମାଧ୍ୟମରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜରୁରୀ ଆଦେଶ ଦେଇଛନ୍ତି । ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, ଉଚ୍ଚ ହିମାଳୟ ପାର୍ଶ୍ୱରେ ଥିବା ଏକ ବିଶାଳ ଗ୍ଲେସିୟର ଓ ମାଟିର ଅଂଶ ନଦୀରେ ଖସିପଡ଼ିବା ଯୋଗୁଁ ଏହି ଆକସ୍ମିକ ବନ୍ୟା ଆସିଛି ।ରିଲିଫ୍ ଅପରେସନ୍‌ରେ ସାମିଲ ହେବ ବାୟୁସେନାର ସି-୧୩୦ ଜେଟ୍ ଭୟଙ୍କର ଆକସ୍ମିକ ବନ୍ୟାରେ ନେପାଳରେ ଅତିକମରେ ୯୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଶତାଧିକ ଲୋକ ନିଖୋଜ ଅଛନ୍ତି । ଏଭଳି ଏକ ଜଟିଳ ସ୍ଥିତିରେ



ଭାରତ ନେପାଳକୁ ରିଲିଫ୍ ସାମଗ୍ରୀ ପଠାଇବା ପାଇଁ ପ୍ରସ୍ତୁତ ହେଉଛି । ଭାରତୀୟ ବାୟୁସେନା ନେପାଳରେ ଯେକୌଣସି ଉଦ୍ଧାର ଓ ରିଲିଫ୍ ଅଭିଯାନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି । ବାୟୁସେନାର ସି-୧୭ ଓ ସି-୧୩୦ ବିମାନ ରିଲିଫ୍ ସାମଗ୍ରୀ, ଔଷଧ ଓ ମାଟି ଖୋଳିବା ଯନ୍ତ୍ରପାତି ସହ ନେପାଳ ଯିବା ପାଇଁ ପ୍ରସ୍ତୁତ ରଖାଯାଇଛି । ମିଳିଥିବା ସୂଚନାନୁଯାୟୀ, ସି-୧୩୦ ବିମାନ ଆଜି ନେପାଳ ଯିବ ଏବଂ ସି-୧୭ ବିମାନ ଗୁରୁବାର ଅପରାହ୍ଣରେ ରିଲିଫ୍ ଅଭିଯାନର ଅଂଶ ହେବ । ଏନଡିଆରଏଫ ମଧ୍ୟ ନେପାଳରେ ଆବଶ୍ୟକ ହେଲେ ରିଲିଫ୍ ଓ ଉଦ୍ଧାର ଅଭିଯାନ ପାଇଁ ପ୍ରସ୍ତୁତ ରଖାଯାଇଛି । ନିଖୋଜ ଭାରତୀୟମାନଙ୍କ ସହାୟତା ଓ ସୂଚନା ପାଇଁ ନେପାଳସ୍ଥିତ ଭାରତୀୟ ଦୂତାବାସ ଜରୁରିକାଳୀନ ଫୋନ୍ ନମ୍ବର ଜାରି କରିଛି ।ନେପାଳ ବନ୍ୟାରେ ଇଶା ଫାଉଣ୍ଡେସନ୍‌ର ୭୭ ନିଖୋଜ ସଦ୍ଗୁରୁଙ୍କ ଇଶା ଫାଉଣ୍ଡେସନ୍‌ର ପ୍ରାୟ ୭୭ ଜଣ ଶ୍ରଦ୍ଧାଳୁ ଆଜି ନେପାଳରେ ପ୍ରଳୟଙ୍କରୀ ବନ୍ୟାରେ ଭାସି ଯାଇଛନ୍ତି । ଆଧ୍ୟାତ୍ମିକ ନେତା ସଦ୍ଗୁରୁ ଏକ ଅନଲାଇନ୍ ପୋଷ୍ଟ କରି ଏନେଇ ସୂଚନା ପ୍ରଦାନ କରିଛନ୍ତି । ସଦ୍ଗୁରୁ କହିଛନ୍ତି, ଇଶା ଫାଉଣ୍ଡେସନ୍‌ର ଏକ କୈଳାସ ତୀର୍ଥଯାତ୍ରା ଗ୍ରୁପ୍‌ର ୭୭ ଜଣ ଶ୍ରଦ୍ଧାଳୁ କୈଳାସ ତୀର୍ଥଯାତ୍ରାରୁ ଫେରୁଥିଲେ ଏବଂ ସେମାନେ ତିବ୍ଦତର ଗିରୋଙ୍ଗସ୍ଥିତ ଇମିଗ୍ରେସନ୍ ସେଣ୍ଟର୍‌ରେ ଅଟକିଥିବାବେଳେ ହଠାତ୍ ପ୍ରଳୟଙ୍କରୀ ବନ୍ୟା ସହରରେ ଆତଙ୍କ ରଚି ଏକ ବିଶାଳ ଅଂଶକୁ ଭସାଇ ନେଇଥିଲା । ସେମାନଙ୍କ ସଂକ୍ରାନ୍ତରେ କୌଣସି ସୂଚନା ଏପର୍ଯ୍ୟନ୍ତ ମିଳିନଥିବା ସଦ୍ଗୁରୁ କହିଛନ୍ତି । ତେବେ ଉଦ୍ଧାରକାରୀ ଦଳ ଉଦ୍ଧାର ଅପରେସନ୍ ଚଳାଇଥିବା ସେ କହିଛନ୍ତି । ତାଙ୍କ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଯୋଡ଼ି ହୋଇଥିବା ସଦ୍ଗୁରୁ କହିଛନ୍ତି । ପଡୋଶୀ ରାଷ୍ଟ୍ର ନେପାଳର ଉତ୍ତର ଭାଗରେ ଅବସ୍ଥିତ ରସୁୱା ଜିଲ୍ଲାରେ ଆଜି ଅଚାନକ ଆସିଥିବା ବନ୍ୟା ପ୍ରଳୟଙ୍କରୀ କ୍ଷତି ଘଟାଇଛି । ତିବ୍ଦତ ପାର୍ଶ୍ୱରୁ ଭୋଟେକୋଶୀ ନଦୀରେ ଆସିଥିବା ଏହି ଭୟାବହ ବନ୍ୟାରେ ଅତିକମ୍‌ରେ ୫୫ ଜଣ ପ୍ରାଣ ହରାଇଥିବା ସ୍ପଷ୍ଟ ହୋଇଛି । ଏହାସହ ୧୩୩ ଜଣ ଭାରତୀୟଙ୍କ ସମେତ ୪୦୦ରୁ ଅଧିକ ବିଦେଶୀ ପର୍ଯ୍ୟଟକ ନିଖୋଜ ଅଛନ୍ତି । ବନ୍ୟା ଯୋଗୁଁ ନେପାଳର ଅନେକ ସୀମାନ୍ତ ଗ୍ରାମ ସମ୍ପୂର୍ଣ୍ଣ ଭାସି ଯାଇଛି । ବର୍ତ୍ତମାନ ସୁଦ୍ଧା କେବଳ ନୁଆକୋଟ ଓ ଧାଦିଙ୍ଗ ଜିଲ୍ଲାରୁ ୩୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି । ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ବନ୍ୟା ପ୍ରଭାବିତ ଅଞ୍ଚଳରୁ ୪୦୦ରୁ ଅଧିକ ପର୍ଯ୍ୟଟକ ନିଖୋଜ ଅଛନ୍ତି । ଏହି ନିଖୋଜ



ଲୋକଙ୍କ ମଧ୍ୟରେ ୩୦୫ ଜଣ ବିଦେଶୀ ନାଗରିକ ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ଭାରତରୁ ସର୍ବାଧିକ୧୩୩ ଜଣ ଥିବାରୁ ଉଦ୍ଧାର କାର୍ଯ୍ୟ ଉପରେ ଭାରତର ଅହରହ ନଜର ରହିଛି । ବନ୍ୟା ପରିସ୍ଥିତିକୁ ନେଇ ଭାରତ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି । ବନ୍ୟା ମାଡ଼ିଆସିବା ଯୋଗୁଁ ନେପାଳର କେତେକ ପ୍ରମୁଖ ଜାତୀୟ ରାଜପଥକୁ ମଧ୍ୟ ସାଧାରଣ ଯାତାୟାତ ପାଇଁ ବନ୍ଦ କରିଦିଆଯାଇଛି । ଜାତୀୟ ରାଜପଥ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ପରିବହନ ଠପ୍ ହୋଇଯାଇଛି ।ତିବ୍ବତ ସୀମାନ୍ତରେ ଥିବା ପାର୍ବତ୍ୟ ଉପତ୍ୟକାରେ କାଦୁଅ ମିଶ୍ରିତ ବନ୍ୟା ଜଳ ଅତି ତୀବ୍ର ଗତିରେ ପ୍ରବାହିତ ହେଉଛି । ବନ୍ୟାର ବ୍ୟାପକତା ଏତେ ଅଧିକ ଯେ ବହୁ ସଂଖ୍ୟକ ନଦୀତଟ ବସତି ଏଥିରେ ଲୀନ ହୋଇଯାଇଥିବା ଆଶଙ୍କା କରାଯାଉଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଶାହ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରାଧିକରଣର ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଡକାଇଛନ୍ତି । ମେଡିକାଲ ଟିମ୍, ସ୍କାଉଟ୍ସ ଏବଂ ରେଡକ୍ରସ ସହ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମସ୍କୋରେ ପହଞ୍ଚିଲେ ସିଆଇଏ ମୁଖ୍ୟ

**ୱାଶିଂଟନ:** ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ ମସ୍କୋ ଗସ୍ତ କରିଥିଲେ । ରାଟକ୍ଲିଫ ହଠାତ୍ ମସ୍କୋ ଗସ୍ତ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଏହି ଗସ୍ତ ଏପରି ଏକ ସମୟରେ ହୋଇଛି ଯେତେବେଳେ ରୁଷ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି । ରାଟକ୍ଲିଫ୍‌ଙ୍କ ଗସ୍ତକୁ ନେଇ ନାନା କଳ୍ପନାଜଳ୍ପନା କରାଯାଉଛି । ରାଟକ୍ଲିଫ୍‌ଙ୍କ ଗୁପ୍ତ ଗସ୍ତ ଆମେରିକା ଏବଂ ରୁଷ ମଧ୍ୟରେ ପରଦା ପଛରେ ଆଲୋଚନା ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ,ସିଆଇଏ ମୁଖ୍ୟ ହେବା ପରେ ଏହା ଜନ୍ ରାଟକ୍ଲିଫ୍‌ଙ୍କ ପ୍ରଥମ ରୁଷ ଗସ୍ତ । ସେ ମସ୍କୋରେ ଅନେକ ବୈଠକରେ ଅଂଶଗ୍ରହଣ କରିଛନ୍ତି । କିନ୍ତୁ ଏହି ବୈଠକର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ପ୍ରକାଶ କରାଯାଇ ନାହିଁ । ରାଟକ୍ଲିଫ୍‌ଙ୍କ ମସ୍କୋ ଗସ୍ତର ଖବର ପ୍ରକାଶ ପାଇବା ପୂର୍ବରୁ, ରିପୋର୍ଟ ପ୍ରକାଶ ପାଇଥିଲା ଯେ ଏକ ଆମେରିକୀୟ ବାୟୁସେନା ସି-୧୭ଏ



ଗ୍ଲୋବମାଷ୍ଟର-୩ ସାମରିକ ପରିବହନ ବିମାନ ରୁଷ ରାଜଧାନୀରେ ପହଞ୍ଚିଛି । ରାଟକ୍ଲିଫ ଏହି ବିମାନରେ ଥିଲେ । ଅନଲାଇନ୍ ଫ୍ଲାଇଟ୍ ଟ୍ରାକିଂ ପ୍ଲାଟଫର୍ମ ଫ୍ଲାଇଟ୍ ରାଡାର-୨୪ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆମେରିକୀୟ ସାମରିକ ବିମାନଟି ଆମେରିକାରୁ ଯାତ୍ରା କରିଥିଲା, ପ୍ରଥମେ ଲାଟଭିଆ ଯାତ୍ରା କରିଥିଲା ଏବଂ ତା'ପରେ ମସ୍କୋର ଭନୁକୋଭୋ ବିମାନବନ୍ଦରରେ ପହଞ୍ଚିଥିଲା ।

## ବିହାରରେ ବନ୍ୟା ସଙ୍କଟ: ଗଣ୍ଡକ ବ୍ୟାରେଜରେ ସମସ୍ତ ଗେଟ୍ ଖୋଲା

**ପାଟନା:** ନେପାଳରେ ବିଧ୍ୱଂସକାରୀ ବନ୍ୟା ଯୋଗୁ ବିହାରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ସଙ୍କଟକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି । ବିହାରରେ ବନ୍ୟା ଜଳ ପହଞ୍ଚିଯାଇଥିବାରୁ ଗଣ୍ଡକ ବ୍ୟାରେଜ୍‌ର ସମସ୍ତ ଗେଟ୍ ଖୋଲାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ଟେଲିଫୋନ ଯୋଗେ ଜରୁରୀ ଆଲୋଚନା କରିଛନ୍ତି । ଏହି ସଙ୍କଟର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ଯୁଦ୍ଧକାଳୀନ ସହାୟତା ଯୋଗାଇ ଦିଆଯିବ ବୋଲି ଗୃହମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ନେପାଳ ବନ୍ୟା ଯୋଗୁଁ ବିହାରର ଗଣ୍ଡକ ନଦୀରେ ପ୍ରାୟ ୩ ମିଟର (୩ ମିଟର) ଉଚ୍ଚର ବନ୍ୟାଜଳ ମାଡ଼ିଆସିବା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୀମାନ୍ତବର୍ତ୍ତୀ ସମସ୍ତ ଜିଲ୍ଲା ଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି । ବିଶେଷ କରି ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ଗୋପାଳଗଞ୍ଜ, ସାରଣ, ମୁଜାଫରପୁର, ବୈଶାଳୀ, ସୀତାମଢ଼ୀ ଏବଂ ଶିବହର ଜିଲ୍ଲା ପ୍ରଶାସନକୁ ସର୍ବାଧିକ ସତର୍କ ରହିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ଏହି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ)ର ବିଭିନ୍ନ ଟିମ୍‌କୁ ମୁତୟନ କରାଯାଉଛି । ଗୋପାଳଗଞ୍ଜ ଏବଂ ବେତିଆ ଅଞ୍ଚଳକୁ ଏନ୍ଡିଆରଏଫ ଟିମ୍ ପଠାଯାଇଥିବା ବେଳେ ମୁଜାଫରପୁରରେ ଆଉ ଏକ ଟିମକୁ ସତର୍କ ରଖାଯାଇଛି । ସେହିପରି ସଶସ୍ତ୍ର ସୀମା ବଳ (ଏସଏସବି) ପକ୍ଷରୁ ମଧ୍ୟ ଅତିରିକ୍ତ ଟିମ୍ ପ୍ରସ୍ତୁତ ରଖାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ, ଡଙ୍ଗା ଏବଂ ମାଗଣା ରୋଷେଇ ଶାଳର ବ୍ୟବସ୍ଥା କରାଯାଇଛି । ଜଳସମ୍ପଦ ବିଭାଗକୁ ଗଣ୍ଡକ ବ୍ୟାରେଜ୍, କେନାଲ୍ ଏବଂ ନଦୀ ବନ୍ଧ ଗୁଡ଼ିକର ୨୪ ଘଣ୍ଟିଆ ମନିଟରିଂ କରିବାକୁ କୁହାଯାଇଛି ।

## ଠକ ସୁକେଶ ଚନ୍ଦ୍ରଶେଖର ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ:** ଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ଦିଲ୍ଲୀର ତିସ୍ ହଜାରୀ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ନିଜକୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ପରିଚୟ ଦେଇ ଏକ ସ୍ୱତନ୍ତ୍ର ଏସିବି ବିଚାରପତିଙ୍କୁ ପ୍ରଭାବିତ କରିବାର ପ୍ରୟାସ କରିଥିବା ଅଭିଯୋଗ ହୋଇଥିଲା । କୋର୍ଟ ସୁକେଶଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୦, ୧୮୯ ଏବଂ ୫୦୭ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୋଜକଙ୍କ ଅନୁଯାୟୀ, ନ୍ୟାୟିକ ହାଜତରେ ଥିବା ସମୟରେ ସୁକେଶ କନଷ୍ଟେବଲ ମନଜିତଙ୍କ ମୋବାଇଲ୍ ଫୋନ୍ ପାଇଥିଲେ ।ଏହି ଫୋନ୍ ବ୍ୟବହାର କରି ସେ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଏସିବି ସ୍ୱତନ୍ତ୍ର ବିଚାରପତିଙ୍କ ସରକାରୀ ଲ୍ୟାଣ୍ଡଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ । ସୁକେଶ ପ୍ରଥମେ ନିଜକୁ ସୁପ୍ରିମକୋର୍ଟ ବିଚାରପତିଙ୍କ ସଚିବ ଏବଂ ପରେ ନିଜକୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ପରିଚୟ ଦେଇଥିଲେ ।

## ଏଚ୧ଏନ୍୧ ପ୍ରତି ସତର୍କ ରହିବାକୁ ପରାମର୍ଶ

**ନୂଆଦିଲ୍ଲୀ:** ଏଚ୍୧ଏନ୍୧ ବା ସ୍ୱାଇନ ଫ୍ଲୁ ବୃଦ୍ଧି ଉପରେ ସତର୍କ ରହିବାକୁ ଭାରତୀୟ ମେଡିକାଲ ଆସୋସିଏସନ୍ ସାର୍ବଜନୀନ ସ୍ୱାସ୍ଥ୍ୟ ପରାମର୍ଶ ଜାରି କରିଛି । ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଆଇଏମ୍ଏ କହିଛି । ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ନିଜେ ଔଷଧ ସେବନ ନ କରିବା ଓ ଆଣ୍ଟିବାୟୋଟିକ୍ ବ୍ୟବହାର କରିବା ଉପରେ ସର୍ତକ ରହିବାକୁ ପରାମର୍ଶ ଜାରି କରିଛି ।ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣରୁ ଭାଇରସ ଋତୁକାଳୀନ ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) , ଏଥିରେ କୌଣସି ନୂତନ ଜେନେଟିକ୍ ପରିବର୍ତ୍ତନ ଚିହ୍ନଟ କରାଯାଇ ନାହିଁ । ଆଇଏମ୍ଏ କହିଛି ଯେ, ଇନଫ୍ଲୁଏଞ୍ଜା ୧ (ଏଚ୍୧ଏନ୍୧) ଏକ ଭାଇରାଲ୍ ରୋଗ ଓ ଆଣ୍ଟିବାୟୋଟିକ୍ ଭାଇରସକୁ ମାରିପାରେ ନାହିଁ । ଫ୍ଲୁ ଲକ୍ଷଣ ପାଇଁ ଆଜିଥ୍ରୋମାଇସିନ୍, ଆମୋକ୍ସିସିଲିନ୍-କ୍ଲାଭୁଲାନେଟ୍, ସେଫିକ୍ସାଇମ୍ କିମ୍ବା ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସେବନ ନ କରିବାକୁ ଏହା ଚେତାବନୀ ଦେଇଛି । ଭାଇରାଲ୍ ଜ୍ୱର ବୃଦ୍ଧି ସମୟରେ ଅନିୟମିତ ଆଣ୍ଟିବାୟୋଟିକ୍ ବ୍ୟବହାର ସୁରକ୍ଷାତ୍ମକ ମାଇକ୍ରୋବାଇଓମ୍ ଫ୍ଲୋରାକୁ ନଷ୍ଟ କରିପାରେ ଓ ଆଣ୍ଟିମାଇକ୍ରୋବାୟଲ୍ ରେଜିଷ୍ଟାନ୍ସକୁ ଇନ୍ଧନ ଦେଇପାରେ । ଆଇଏମ୍ଏ ସ୍ପଷ୍ଟ କରିଛି ଯେ, କେବଳ ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ୍ସ ବ୍ୟବହାର କରାଯିବା ଉଚିତ ।




## ଗ୍ୟାସ୍ କମ୍ପ୍ଲେକ୍ସରେ ବିସ୍ଫୋରଣ, ୭ ମୃତ

**ମସ୍କୋ:** ରୁଷ୍ର ପୂର୍ବରେ ଥିବା ଆମୁର ଅଞ୍ଚଳରେ ଆମୁର ଗ୍ୟାସ୍ କେମିକାଲ କମ୍ପ୍ଲେକ୍ସ (ଏଜିସିସି)ରେ ମଙ୍ଗଳବାର ବଡ଼ ଧରଣର ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଘଟି ୭ ଜଣଙ୍କର ମୃତ୍ୟୁ ହୋଇଯାଇଛି । ଏହି କାରଖାନା ଖୁବ୍ ଶୀଘ୍ର ଉଦ୍ଘାଟନ ହେବାର ଥିଲା ଏବଂ ବର୍ତ୍ତମାନ ପ୍ରି-କମିସନିଂ କାର୍ଯ୍ୟ ଚାଲିଥିଲା । ମୃତକଙ୍କ ମଧ୍ୟରେ ୬ ଜଣ ଚୀନ୍ ନାଗରିକ ଅଛନ୍ତି । ଆଉ ୯ ଜଣ ନିଖୋଜ ଅଛନ୍ତି । ରଏଟର୍ସ ଅନୁଯାୟୀ, ଅନ୍ୟ ୧୫୨ ଜଣ ଆହତ ଏବେ ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଛି ।

## ୨୦ ବିଦ୍ରୋହୀ ଟିଏମସି ସାଂସଦଙ୍କୁ ଲୋକସଭା ବାଚସ୍ପତିଙ୍କ ନୋଟିସ

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ (ଟିଏମସି)ରେ ଚାଲିଥିବା ବିବାଦ ମଧ୍ୟରେ୨୦ ବିଦ୍ରୋହୀ ସାଂସଦଙ୍କୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ନୋଟିସ ଜାରି କରିଛନ୍ତି । ସୂଚନାଯୋଗ୍ୟ, ବିଦ୍ରୋହୀ ସାଂସଦଙ୍କ ଅଯୋଗ୍ୟତା ଆବେଦନ ଉପରେ ଶୀଘ୍ର ନିଷ୍ପତ୍ତି ନେବା ପାଇଁ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି ହେବା ପରେ, ଲୋକସଭା ସଚିବାଳୟ ତୃଣମୂଳ କଂଗ୍ରେସରୁ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରି ସାତ ଦିନ ମଧ୍ୟରେ ସେମାନଙ୍କ ଉତ୍ତର ମାଗିଛି ବୋଲି ସୂତ୍ରରୁ ଜଣାପଡିଛି । ମାମଲାର ଶୁଣାଣି ଚାଲିଛି । ସୂଚନା ଅନୁଯାୟୀ, ଅଗଷ୍ଟ ୨୫ ତାରିଖରେ ଦିଆଯାଇଥିବା ନୋଟିସଗୁଡ଼ିକ ଲୋକସଭା ସଦସ୍ୟ (ଦଳବଦଳ ପରିବର୍ତ୍ତନ ଆଧାରରେ ଅଯୋଗ୍ୟତା) ନିୟମ, ୧୯୮୫ର ନିୟମ ୬ ଅନୁଯାୟୀ ଜାରି କରାଯାଇଥିଲା ଓ ଏଥିରେ ସାଂସଦମାନଙ୍କ ବିରୋଧରେ ଜୁନ୍ ୧୮



ତାରିଖରେ ଦାୟର ବାନାର୍ଜୀଙ୍କ ଆବେଦନର କପି ଅନ୍ତର୍ଭୁକ୍ତ ଥିଲା ।ସୂଚନାଯୋଗ୍ୟ, ଅଭିଷେକ ବାନାର୍ଜୀଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟରେ ମଧ୍ୟ ଏହି ମାମଲାର ଶୁଣାଣି ଚାଲିଛି । ଅଭିଷେକ ସୁପ୍ରିମକୋର୍ଟରେ ଅଭିଯୋଗ କରିଥିଲେ ଯେ, ଲୋକସଭା ବାଚସ୍ପତିଙ୍କ ସମ୍ମୁଖରେ ଦାୟର୍ ହୋଇଥିବା ସାଂସଦଙ୍କ ଅଯୋଗ୍ୟ ଆବେଦନ ଉପରେ ସମୟବଦ୍ଧ ଭାବରେ ନିଷ୍ପତ୍ତି ନିଆଯାଉ ନାହିଁ । ମଙ୍ଗଳବାର ସୁପ୍ରିମକୋର୍ଟ ଟିଏମ୍ସି ଆବେଦନ ଉପରେ ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ । ଏହାପରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବି ସାଂସଦଙ୍କୁ ନୋଟିସ ଜାରି କରି ଜବାବ ମଗାଯାଇଛି ବୋଲି ଜଣାପଡ଼ିଛି ।ଟିଏମ୍ସି ବିଦ୍ରୋହୀ ବିଧାୟକଙ୍କ ମଧ୍ୟରେ କାକଳୀ ଘୋଷ ଦସ୍ତିଦାର୍, ସୁଦୀପ ବନ୍ଦୋପାଧ୍ୟାୟ, ଶତାବ୍ଦୀ ରାୟ, ପ୍ରସୁନ୍ ବାନାର୍ଜୀ, ରଚନା ବାନାର୍ଜୀ, ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ, ପାର୍ଥ ଭୌମିକ, ଅରୁପ ଚକ୍ରବର୍ତ୍ତୀ, ଦୀପକ ଅଧିକାରୀ, ସୟାନୀ ଘୋଷ, ବାପି ହାଲଦାର୍, ମହମ୍ମଦ ଅବୁ ତାହେର୍ ଖାନ୍, କାଳୀପଦ ସରେନ୍ ଖେର୍ୱାଲ, ଅସିତ୍ କୁମାର ମଲ୍, ଜୁନ୍ ମଲିହା, ମିତାଲି ବାଗ୍, ଖଲିଲୁର୍ ରହମାନ, ମାଲା ରାୟ, ଶର୍ମିଳା ସରକାର ଓ ୟୁସୁଫ ପଠାନ ଅଛନ୍ତି ।

# ଫଲୋଅନ ପରେ ଲଢ଼ିଲା ଶ୍ରୀଲଙ୍କା



କଲମ୍ବୋ,୨୬।୮ (ଏଜେନ୍ସି): କଲମ୍ବୋ ଟେଷ୍ଟର ଚତୁର୍ଥ ଦିନ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ତଥାପି ଭାରତର ବିଜୟ ସମ୍ଭାବନା ବଢ଼ିଛି। ଫଲୋଆନ ଖାଇବା ସତ୍ତ୍ୱେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ୍ କରିଛି। ଦଳ ୧୬ ରନର ଅଗ୍ରଣୀ ହାସଲ କରିଛି। ଆଉ ୪ ୱିକେଟ ଶ୍ରୀଲଙ୍କା ପାଖରେ ବାକିଥିବା ବେଳେ ଭାରତ ବିଜୟର ନିକଟତର ହୋଇଛି। ମ୍ୟାଚ ପଞ୍ଚମ ଦିନକୁ ଯାଇଥିବା ବେଳେ ଶ୍ରୀଲଙ୍କାର ସୋନାଲ ଦିନୁଶା ପୁଣିଥରେ ଭାରତ ଆଗରେ ପାଚୀର ଭଳି ଛିଡା ହୋଇଛନ୍ତି। ଦିନୁଶା ୩୭ ବଲରୁ ୭ ଓ କେଶରା ନୁୱାନ୍ଥା ୨୯ ବଲରେ ୩ ରନ କରି ଅପରାଜିତ ଅଛନ୍ତି। ଶେଷ ଦିନ ଉଭୟ ଖେଳାଳି ବଡ଼ ଇନିଂସ ଖେଳି ପରାଜୟ ଟାଳିବା ଲକ୍ଷ୍ୟରେ ରହିବେ। କିନ୍ତୁ ଭାରତ ୨-୦ରେ ଶୃଙ୍ଖଳା ପୋଛି ନେବା ଲକ୍ଷ୍ୟରେ ରହିଛି।

ତୃତୀୟ ଦିନ ଫଲୋଅନ ଏଡାଇବାକୁ ଶ୍ରୀଲଙ୍କା ଚତୁର୍ଥ ଦିନର ଖେଳ ୨୬୭/୮ରୁ ଆରମ୍ଭ କରିଥିଲା। ସୋନାଲ ଦିନୁଶା ଶତକ ଆଡକୁ ଯିବା ସହ ଶ୍ରୀଲଙ୍କାକୁ ବିପର୍ଯ୍ୟୟରୁ ରକ୍ଷା କରିବା ସ୍ଥିତିରେ ପହଞ୍ଚି ଯାଇଥିଲେ। କିନ୍ତୁ ଅନ୍ୟପଟେ ଲାହିରୁ କୁମାରା ୧୨ ରନ କରି ଡେବ୍ୟୁଟାଣ୍ଟ ସାରାଂଶ ଜୈନଙ୍କ ବଲରେ ଆଉଟ୍ ହୋଇଥିଲେ। ତଥାପି ଦିନୁଶା ଶତକ ହାସଲ କରିଥିଲେ। ସେ ଦଳୀୟ ସ୍କୋରକୁ ୨୯୦ରେ ପହଞ୍ଚାଇଥିଲେ। ଫଲୋଆନ ଏଡାଇବାକୁ ୧୩ ରନ୍ ବାକିଥିବା ବେଳେ ସାରାଂଶ ୧୦୩ ରନ କରିଥିବା ଦିନୁଶାଙ୍କୁ ଆଉଟ୍ କରି ଶ୍ରୀଲଙ୍କାକୁ ଅଲଆଉଟ୍ କରିଥିଲେ। ଭାରତ ୨୧୩ ରନର ଅଗ୍ରଣୀ ହାସଲ କରିଥିଲା। ଫଲୋଅନ ମଧ୍ୟ ଦେଇଥିଲା। ତେଣୁ ଶ୍ରୀଲଙ୍କା ୨୧୩ ରନ ପଛରେ ଥାଇ ନିଜର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ମାତ୍ର ୫ ରନରେ ମହମ୍ମଦ ସିରାଜ ଶ୍ରୀଲଙ୍କାକୁ ପ୍ରଥମ ଝଟକା ଦେଇଥିଲେ। ଏହାପରେ ଶ୍ରୀଲଙ୍କା ଭଲ ଖେଳିଥିଲା। କାମିନ ମିଶାରା ଓ ପାସିନ୍ଦୁ ସୂର୍ଯ୍ୟ ବନ୍ଦରା ଦ୍ୱିତୀୟ ୱିକେଟ୍ ପାଇଁ ୫୮ ରନ ଯୋଡି ଥିଲେ। ୩୨ ରନ କରିଥିବା ମିଶାରାଙ୍କୁ ରବିନ୍ଦ୍ର ଜାଡେଜା ଆଉଟ କରି ଏହି ପାଟନରସିପ ଭାଙ୍ଗି ଥିଲେ। ପରେ ପାସିନ୍ଦୁ ଓ କାମିନ୍ଦୁ ମେଣ୍ଡିସ ନିଜ ନିଜର ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ୧୭୮ ରନରେ ପହଞ୍ଚାଇଥିଲେ। ୫୫ ରନ କରିଥିବା ମେଣ୍ଡିସଙ୍କୁ ଆଉଟ୍ କରିଥିଲେ ପ୍ରସିଦ୍ଧ କ୍ରିଷ୍ଣା। ଶୁଭମନ ଗିଲ ବେଶ ଚମତ୍କାର ଢ଼ଙ୍ଗରେ ସ୍କୋୟାର ଲେଗ ଅଞ୍ଚଳରେ କ୍ୟାଚ ଧରି ମେଣ୍ଡିସଙ୍କ ଲଢୁଆ ଇନିଂସକୁ ଶେଷ କରିଥିଲେ। ଭାରତର ମାନବ ସୁତାର ୨୩ ରନ୍ କରିଥିବା ଶ୍ରୀଲଙ୍କାର ଅଧିନାୟକ ଧନଞ୍ଜୟ ଡି ସିଲଭାଙ୍କୁ ଆଉଟ୍ କରିଥିଲେ। ୯୨ ରନ କରିଥିବା ପାସିନ୍ଦୁ ବଡ଼ ସଟ ଖେଳିବାକୁ ଯାଇ ସୁତାରଙ୍କ ଦ୍ୱିତୀୟ ଶିକାର ବନି ଥିଲେ। ସେ ନାଟକୀୟ ଢ଼ଙ୍ଗରେ ଷ୍ଟମ୍ପିଂ ହୋଇଥିଲେ। ଡିକୱେଲା ୬ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦିନୁଶା ଓ ନୁୱାନ୍ଥା ସ୍ଥିତି ସମ୍ଭାଳିଥିଲେ। ଦୁହେଁ ରନ ଅପେକ୍ଷା ପଡ଼ିଆରେ ଅଧିକ ବଲ ଖେଳିବାକୁ ଚେଷ୍ଟା କରିଥିଲେ। ବର୍ଷା ଆରମ୍ଭ ହେବାରୁ ଅମ୍ପାୟାର ଚତୁର୍ଥ ଦିନ ଖେଳକୁ ବନ୍ଦ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଶ୍ରୀଲଙ୍କା ୧୬ ରନର ଲିଡ ହାସଲ କରିନେଇଥିଲା। ସମସ୍ତଙ୍କ ନଜର ଏବେ ପଞ୍ଚମ ଦିନର ଫଳାଫଳ ଉପରେ ରହିଛି। ତେବେ ପଞ୍ଚମ ଦିନ ବର୍ଷା ଆଶଙ୍କା ଥିବାରୁ ଘରୋଇ ଦଳ ପାଇଁ ମ୍ୟାଚ ବଞ୍ଚାଇବାର ସୁଯୋଗ ରହିଛି।

# ଜାଡେଜାଙ୍କ ଡିଆରଏସ ଦୁଃଖ



କଲମ୍ବୋ,୨୬।୮ (ଏଜେନ୍ସି): ଡିଆରଏସ ରବିନ୍ଦ୍ର ଜାଡେଜାଙ୍କ ପାଇଁ ଦୁଃସ୍ୱପ୍ନ ହୋଇରହିଛି। ଟେଷ୍ଟ କ୍ରିକେଟରେ ଜଣେ ବୋଲର ଭାବେ ଜାଡେଜା ବାରମ୍ବାର ଡିଆରଏସରେ ଫେଲ ମାରିବାରେ ଲାଗିଛନ୍ତି। ଶ୍ରୀଲଙ୍କା ବିପକ୍ଷ କଲମ୍ବୋ ଟେଷ୍ଟରେ ପୁଣି ଡିଆରଏସ ବିଫଳତା ଦେଖିବାକୁ ମିଳିଛି। ଏହାକୁ ମିଶାଇ ଟେଷ୍ଟ କ୍ରିକେଟରେ ଜାଡେଜା ବୋଲିଂ ସମୟରେ ନେଇଥିବା ଡିଆରଏସରେ କ୍ରମାଗତ ୨୨ ଥର ଫେଲ ମାରିଛନ୍ତି। ଥରେ ମଧ୍ୟ ଅମ୍ପାୟାର ତାଙ୍କ ସପକ୍ଷରେ ନିଷ୍ପତ୍ତି ନେଇନାହାନ୍ତି। ଜାଡେଜା ବୋଲିଂ କରିବା ସମୟରେ କେଶରା ନୁୱାନ୍ଥାଙ୍କ ପ୍ୟାଡରେ ବଲ ବାଜିଥିଲା। ସେ ଅପିଲ କରିଥିଲେ ହେଁ, ଅମ୍ପାୟାର ଆଉଟ୍ ଦେଇନଥିଲେ। ଅଧିନାୟକ ଶୁଭମନ ଗିଲ ମଧ୍ୟ ଡିଆରଏସ ନେବାକୁ ରାଜି ନଥିଲେ। କିନ୍ତୁ ଜାଡେଜା ଡିଆରଏସ ନେବାକୁ ବାଧ୍ୟ କରିଥିଲେ। ରିପ୍ଲେରୁ ଜଣାପଡିଲା ଯେ ବଲଟି ବ୍ୟାଟରେ ବାଜି ପ୍ୟାଡରେ ମାଡ ହୋଇଥିଲା। ଫଳରେ ଭାରତ ରିଭ୍ୟୁ ହରାଇଥିଲା। ଗତ ୩ ବର୍ଷ ତଳେ ଜାଡେଜା ରିଭ୍ୟୁରେ ସଫଳ ହୋଇନଥିଲେ। ୨୦୨୩ ଜୁଲାଇରେ ସେ ୱେଷ୍ଟଇଣ୍ଡିଜର କେମାର ରୋଚଙ୍କୁ ଡିଆରଏସ ଦ୍ୱାରା ପାଭିଲିୟନ୍ ପଠାଇବାକୁ ସକ୍ଷମ ହୋଇଥିଲେ। ୩୭ ବର୍ଷୀୟ ଜାଡେଜା ପଞ୍ଚମ ଭାରତୀୟ ଭାବେ ୩୫୦ରୁ ଅଧିକ ୱିକେଟ୍ ନେବାର ଅଧିକାରୀ ହୋଇଛନ୍ତି। ଏହି ତାଲିକାର ପ୍ରଥମ ସ୍ଥାନରେ ଅନୀଲ କୁମ୍ବଲେ ୬୧୯ ୱିକେଟ୍, ଦ୍ୱିତୀୟ ସ୍ଥାନରେ ରବି ଚନ୍ଦ୍ରନ ଅଶ୍ୱିନ ୫୩୭ ୱିକେଟ୍, ତୃତୀୟ ସ୍ଥାନରେ କପିଲ ଦେବ ୪୩୪ ୱିକେଟ୍ ଏବଂ ହରଭଜନ ସିଂ ୪୧୭ ୱିକେଟ୍ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି।

## ଟେଷ୍ଟ ର୍ୟାଙ୍କିଙ୍ଗ: ବୁମରାଙ୍କୁ ପଛରେ ପକାଇଲେ ମିଚେଲ

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଅଷ୍ଟ୍ରେଲିଆର ତାରକା ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ନିଜର ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ପ୍ରଥମଥର ଟେଷ୍ଟ ବୋଲିଂ ର୍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ବାଂଲାଦେଶ ବିପକ୍ଷ ଟେଷ୍ଟରେ ୧୦ଟି ୱିକେଟ୍ ନେବା ପରେ ୩୬ ଇୟର ଷ୍ଟାର ଭାରତର ଜଶପ୍ରୀତ ବୁମରାଙ୍କୁ ପଛରେ ପକାଇ ୮୭୨ ରେଟିଂ ପଏଣ୍ଟ ସହ ୧ ନମ୍ବର ବୋଲର ହୋଇଛନ୍ତି। ବୁମରା ୮୬୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ୨୦୨୫ରେ ଭାରତୀୟ ବୋଲର ଭାବେ ସର୍ବାଧିକ ୯୦୭ ରେଟିଂ ପଏଣ୍ଟ ଛୁଇଁଥିଲେ। ସ୍ପିନର ମାନବ ସୁତାର ୧୮ଟି ତମ ସ୍ଥାନକୁ ଖସି ୪୮ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ଶ୍ରୀଲଙ୍କା ବିପକ୍ଷ ଗାଲେ ଟେଷ୍ଟରେ ୧୦ ୱିକେଟ୍ ନେଇଥିଲେ। ବ୍ୟାଟିଂ ର୍ୟାଙ୍କିଙ୍ଗରେ ୬ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନକୁ ଉଠିଥିବା ବେଳେ ଶୁଭମନ ଗିଲ ଅଷ୍ଟମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡ ରବିନ୍ଦ୍ର ଜାଡେଜା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

### ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

## ସେମିରେ କିସ, ଓଡ଼ିଏମ ଗ୍ଲୋବାଲ, ପଳାଶୁଣୀ ସ୍କୁଲ




ଭୁବନେଶ୍ୱର,୨୬।୮ (ସବ୍ୟୁ): ୩୫ତମ ଜୟନ୍ତ ମହାପାତ୍ର ମେମୋରିଆଲ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ କିସ, ଓଡିଏମ ଗ୍ଲୋବାଲ ଓ ପଳାଶୁଣୀ ସ୍କୁଲ ପ୍ରବେଶ କରିଛନ୍ତି। ୟୁନିଟ-୧ ସ୍ଥିତ ଫୁଟବଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ କିସ ଏବଂ ଓଡ଼ିଏମ ଗ୍ଲୋବାଲ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚଟି ଓଡିଏମ ଗ୍ଲୋବାଲ ଏବଂ ଲୋୟଲା ସ୍କୁଲ ମଧ୍ୟରେ ୩-୩ ଗୋଲରେ ଡ୍ର' ରହିଥିଲା। ପେନାଲ୍ଟି ସୁଟ ଆଉଟରେ ଓଡ଼ିଏମ ୪-୨ ଗୋଲରେ ଲୋୟଲା ସ୍କୁଲକୁ ପରାଜିତ କରିଥିଲା। ୪୬ ନମ୍ବର ୱାର୍ଡ କର୍ପୋରେଟର ପୁଷ୍ପା ରାଉତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳର ଦଶରଥ ହାଂସଦାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ କିସ ୬-୦ ଗୋଲରେ ବିକାଶ ଆବାଶିକ ବିଦ୍ୟାଳୟକୁ ହରାଇଥିଲା। କିସର ରୋହିତ ମୁଣ୍ଡା ଦୁଇଟି, ରାଜା ସୋରେନ, ସୁବ୍ରାର୍ଥ ଭୋଇ, ରାଜକିଶୋର ଏବଂ ଗୋପାଳ ହାଂସଦା ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲା। ସିଟି କ୍ଲବ ସମ୍ପାଦକ ପ୍ରଦୀପ ମହାନ୍ତି ଅତିଥି ଭାବେ ଯୋଗଦେଇ ଚିନ୍ମୟ ଥାଟୋଇଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ସୁଜିତ ପାତ୍ରୋ, ସୁଶାନ୍ତ ମିଶ୍ର, ସାଇଗ୍ରାମ କିସକୋ, ସୁଜିତ ପାଇକାଇରାୟ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଆଗାମୀ ୨୮ ତାରିଖରେ କିସ-ୟୁନିଟ୍-୧ ଏବଂ ଓଡିଏମ-ପଳାଶୁଣୀ ହାଇସ୍କୁଲ ମଧ୍ୟରେ ସେମିଫାଇନାଲ ମ୍ୟାଚ ଖେଳାଯିବ।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା: ସୁପ୍ରିମ୍ସ କ୍ଲବ ଚାମ୍ପିଅନ

ନିମାପଡ଼ା,୨୬।୮ (ସବ୍ୟୁ): ସ୍ଥାନିୟ ବାରବାଟି ପଡ଼ିଆରେ ନିମାପଡା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ଏକ ଦିବାସୀୟ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତା ରେ ବିଭିନ୍ନ ଅଞ୍ଚଳ ର ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ର ଫାଇନାଲ ମ୍ୟାଚ ରେ ସୁପ୍ରିମ୍ସ କ୍ଲବ ବରାହୀପୁର କଟକ ଏବଂ ସାରସୋ ଫୁଟବଲ କ୍ଲବ ଫୁଲ ନଖରା ପରସ୍ପରକୁ ଭେଟିଥିଲେ । ପେନାଲଟିକ ସୁଟଆଉଟ ମଧ୍ୟମରେ ବାରାହୀପୁର ଫୁଟବଲ କ୍ଲବ ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲା । ସାରସୋ ଫୁଟବଲ କ୍ଲବ ରନର୍ସ ଅଫ ହୋଇଥିଲା । ଫାଇନାଲ ମ୍ୟାଚ ରେ ସାରସୋ ଫୁଟବଲ କ୍ଲବ ର ଡନ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ମ୍ୟାଚ ଟିକୁ ପରିଚାଳନା କରିଥିଲେ ରେଫରୀ ରଂଜିତ କେଶରୀ ନାୟକ, ସୁଶାନ୍ତ କୁମାର ରାଉତ ରାୟ, ଦିପ୍ତୀରଂଜନ ରାଉତରାୟ ଓ ବିଚିତ୍ରା ନନ୍ଦ ପାତ୍ର । ଫାଇନାଲ ମ୍ୟାଚ ଟିକୁ ଉଦଘାଟନ କରି ଥିଲେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖ ପାତ୍ର ସମୀର ରଞ୍ଜନ ଦାଶ,ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆଥେଲେଟିକ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଯୋଗ ଦେଇଥିବାବେଳେ ପ୍ରକାଶ ବରାଳ ଓ ବିଶ୍ୱଜିତ ମଲ୍ଲିକ ସହଯୋଗ କରିଥିଲେ ।

## ଏସିଆଡ ପାଇଁ ଭାରତୀୟ କ୍ରିକେଟ ଦଳର କାର୍ଯ୍ୟସୂଚୀ




ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଜାପାନର ଆଇଚି ନାଗୋୟାରେ ଏସିଆନ୍ ଗେମ୍ସ ଆୟୋଜିତ ହେବ। ଏସିଆଡର କ୍ରିକେଟ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ଗତ ସଂସ୍କରଣରେ ଭାରତୀୟ ପୁରୁଷ ଓ ମହିଳା ଦଳ ଏଥର ସିଧାସଳଖ କ୍ୱାର୍ଟରଫାଇନାଲରୁ ନିଜର ଅଭିଯାନ ଆରମ୍ଭ କରିବେ। ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବେ। ଶ୍ରେୟାସ ଆୟରଙ୍କ ଅଧିନାୟକତ୍ୱରେ ଭାରତୀୟ ପୁରୁଷ ଦଳ ସେପ୍ଟେମ୍ବର ୨୮ରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳିବ। ଗ୍ରୁପ୍ ଏ'ରେ ଆଫଗାନିସ୍ତାନ, ନେପାଳ ଓ ଜାପାନ ମଧ୍ୟରୁ ଦ୍ୱିତୀୟ ସ୍ଥାନରେ ଦଳ ସହ ଭାରତର ମୁକାବିଲା ହେବ। ଗ୍ରୁପ ଏ'ରେ ଯଦି ଅଫଗାନିସ୍ତାନ ଶୀର୍ଷରେ ରହେ ତା'ହେଲେ ଭାରତ ନେପାଳ କିମ୍ବା ଜାପାନ ସହ ମ୍ୟାଚ ଖେଳିବ। ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ କେବଳ ଫାଇନାଲ କିମ୍ବା ବ୍ରୋଞ୍ଜ ପଦକ ମେଡ଼ାଲ ମ୍ୟାଚରେ ସମ୍ଭବ ହୋଇପାରିବ। ଜାପାନ ବିପକ୍ଷରେ ପ୍ରଥମ ମହିଳା କ୍ରିକେଟ ସେପ୍ଟେମ୍ବର ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ। ହରମନ କୌରଙ୍କ ନେତୃତ୍ୱାଧିନ ଭାରତୀୟ ମହିଳା ଦଳ ୧୮ ତାରିଖରେ ଆୟୋଜକ ଜାପାନ ବିପକ୍ଷରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳିବ। ମହିଳା ବିଭାଗରେ ୮ଟି ଦଳ ଭାଗ ନେଉଥିବାରୁ କ୍ୱାର୍ଟରଫାଇନାଲ ନିର୍ଘଣ୍ଟ ପୂର୍ବରୁ ସ୍ପଷ୍ଟ ହୋଇସାରିଛି।

### ବିସି ରାୟ ଟ୍ରଫି

## ଗୋଆ ସହ ମ୍ୟାଚ ଡ୍ର' ରଖିଲା ଓଡ଼ିଶା



ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ ବିସି ରାୟ ଟ୍ରଫି ୨୦୨୬-୨୭ର ଏକ ମ୍ୟାଚରେ ଗୋଆ ସହ ୨-୨ ଗୋଲରେ ଡ୍ର' ରଖିଛି ଓଡ଼ିଶା। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଥିୟାମ ଫାମୋଉସ ଗୋଲ କରିଥିଲେ। ସେହିଭଳି ପିୟୂସ ପ୍ରତାପ ସାୱନ୍ତ ଗୋଆ ପାଇଁ ଗୋଲ କରିଥିଲେ। ମ୍ୟାଚ ଡ୍ର ହେବା ସହ ପଏଣ୍ଟ ଭାଗ ହୋଇଛି। ଏହି ମ୍ୟାଚ ବେଙ୍ଗାଲୁରୁ ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିଲା।

# ସେପ୍ଟେମ୍ବର ୧୮ ରୁ ଓଡ଼ିଶା ଟି-୨୦ ଲିଗ୍

କଟକ,୨୬।୮ (ସବ୍ୟୁ): ଅତୀତରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିଥିବା କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ରାଜ୍ୟର କିଛି ଶ୍ରେଷ୍ଠ ଏବଂ ଉଦୀୟମାନ କ୍ରିକେଟରଙ୍କୁ ଏକାଠି କରିବାକୁ ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ପ୍ରସ୍ତୁତ ହେଉଥିବାରୁ କ୍ରିକେଟ୍ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ଣ୍ଣାମେଣ୍ଟଟି ସେପ୍ଟେମ୍ବର ୧୮ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବାରୁ ସ୍ଥାନୀୟ ଖେଳାଳିମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ କରିବା ଏବଂ ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ମିଳିବ। ୨୦୨୬ ସିଜନ୍ ଓଡ଼ିଶାର ଦୃଢ଼ ଆଞ୍ଚଳିକ କ୍ରିକେଟ୍ ସଂସ୍କୃତିକୁ ମଧ୍ୟ ପାଳନ କରିବ, ଯେଉଁଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ଦଳଗୁଡ଼ିକ ରହିବେ। କଟକ, ଭୁବନେଶ୍ୱର, କେନ୍ଦୁଝର, ପୁରୀ, ରାଉରକେଲା ଏବଂ ସମ୍ବଲପୁରର ଫ୍ରାଞ୍ଚାଇଜିଗୁଡ଼ିକ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ, ଯାହା ପ୍ରତିଯୋଗିତାରେ ଏକ ଦୃଢ଼ ସ୍ଥାନୀୟ ସଂଯୋଗ ଯୋଡ଼ିବ। ବିଭିନ୍ନ ଜିଲ୍ଲାର ଖେଳାଳିମାନେ ଏକାଠି ହେବା ସହିତ, ଏହି ଲିଗ୍ ଯୁବ କ୍ରିକେଟରମାନଙ୍କୁ ମୂଲ୍ୟବାନ ମ୍ୟାଚ୍ ଅଭିଜ୍ଞତା ଏବଂ ବ୍ୟାପକ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାର ସୁଯୋଗ ଦେବ ବୋଲି ଆଶା କରାଯାଉଛି। ଆଗାମୀ ସିଜନ୍ ବିଷୟରେ କହିବାବେଳେ, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ନିଜ ଖୁସି ପ୍ରକାଶ କରିଥିଲେ। "ଆମେ ବହୁତ ଖୁସି ଯେ ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ସେପ୍ଟେମ୍ବର ୧୮ ରୁ ଆରମ୍ଭ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଚାଲିବ, ଏବଂ ବାରବାଟୀ ଷ୍ଟାଡିୟମରେ ଏକ ରୋମାଞ୍ଚକର କ୍ରିକେଟ୍ ସିଜନ୍ ପାଇଁ ଆମେ ଅପେକ୍ଷା କରିଛୁ।" ବେହେରା ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସ୍ଥାନୀୟ କ୍ରିକେଟରମାନଙ୍କୁ ସେମାନଙ୍କ କ୍ୟାରିୟରର ପରବର୍ତ୍ତୀ ପଦକ୍ଷେପ ନେବାରେ ଲିଗ୍ କିପରି ଭୂମିକା ନେଇପାରେ। "ଓଡ଼ିଶାର କ୍ରିକେଟରମାନଙ୍କ ପାଇଁ ଏହି ଲିଗ୍ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରେ। ଏହା ସେମାନଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ୍ ଖେଳିବା, ମୂଲ୍ୟବାନ ଅଭିଜ୍ଞତା ହାସଲ କରିବା ଏବଂ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦିଏ। ଆମେ ଆଶା କରୁଛୁ ଯେ ଏହି ଟୁର୍ଣ୍ଣାମେଣ୍ଟ ଅନେକ ଖେଳାଳିଙ୍କୁ ସେମାନଙ୍କ କ୍ୟାରିୟରର ପରବର୍ତ୍ତୀ ପଦକ୍ଷେପ ନେବାରେ ସହାୟତା କରିବ।" ଆଞ୍ଚଳିକ ଗର୍ବ, ଯୁବ ପ୍ରତିଭା ଏବଂ ପ୍ରତିଯୋଗିତାମୂଳକ ଟି-୨୦ କ୍ରିକେଟ୍କୁ ଏକାଠି କରିବାକୁ ଯାଉଥିବାରୁ, ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ରାଜ୍ୟର କ୍ରିକେଟ୍ କ୍ୟାଲେଣ୍ଡରରେ ଏକ ଗୁରୁତ୍ୱପୂର୍ଣ୍ଣ ଆୟୋଜନ ହେବାର ପ୍ରତିଶ୍ରୁତି ଦେଉଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୫୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୫୪ରେ ଯୋଗାଯୋଗ କରନ୍ତୁ।

# ୧୫ ବର୍ଷୀୟ ବୈଭବଙ୍କୁ ଆଇନା ଦେଖାଇଲେ ଦ୍ରାବିଡ




ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ୧୫ ବର୍ଷର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ । ଏତେ କମ ବୟସରୁ ବଡ ବଡ ଷ୍ଟାର୍ ବୋଲରଙ୍କୁ ପ୍ରହାର କରୁଛନ୍ତି । ଖାତାରେ ଅନେକ ରେକର୍ଡ । ଆଇପିଏଲରେ ଅରେଞ୍ଜ୍ କ୍ୟାପ୍ ହାସଲ କରିଛନ୍ତି । ଏବେ ସେ ଘରୋଇ ମୁକାବିଲାରେ ନିଜର ଦମ୍ ଦେଖାଉଛନ୍ତି । ଦଲୀପ ଟ୍ରଫିରେ ଇଷ୍ଟ୍ ଜୋନ୍ ର ଉପ ଅଧିନାୟକ ଭାର ବି ତାଙ୍କୁ ମିଳିଛି । ତେବେ ପୂର୍ବତନ କ୍ରିକେଟର ରାହୁଲ ଦ୍ରାବିଡ ବୈଭବଙ୍କୁ ନେଇ ବଡ ପ୍ରଶ୍ନ ଉଠାଇଛନ୍ତି । ବୈଭବ ନାଲି ବଲ୍ କ୍ରିକେଟରେ ଦୁଇଟି ଫୁଲ୍ ସେସନ ଖେଳିପାରିବେ ନା ନାହିଁ ବୋଲି ରାହୁଲ ପଚାରିଛନ୍ତି । ଯଦି ସେ ଖେଳିପାରିବେ ତାହାଲେ ଭାରତୀୟ ଟେଷ୍ଟ୍ ଦଳରେ ତାଙ୍କୁ ସୁଯୋଗ ମିଳିବା ସହଜ ହେବ । ରାହୁଲ କହିଛନ୍ତି ଯେ, ବୈଭବଙ୍କୁ ନେଇ ଧୈର୍ଯ୍ୟ ରକ୍ଷା କରିବାକୁ ହେବ । ସେ ଏବେ ମାତ୍ର ୧୫ ବର୍ଷର ଶିଶୁ । ତାଙ୍କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ନାଲି ବଲ୍ କ୍ରିକେଟ୍ ଖେଳିବାକୁ ମିଳିଛି । ଯାହା ତାଙ୍କର ଅଭିଜ୍ଞତାକୁ ବୃଦ୍ଧି କରିବ ।ଯଦି ସେ ଏକାଧିକ ସେସନ ଖେଳନ୍ତି ତାହାଲେ ଟେଷ୍ଟ୍ ରାସ୍ତା ସହଜ ହେବ । ଏବେବି ଭାରତୀୟ ଦଳର ଟେଷ୍ଟ୍ ଟିମ୍ ଖୁବ୍ ଶକ୍ତିଶାଳୀ । ଏଥିରେ ବୈଭବ ଜାଗା ପାଇବେ ନା ନାହିଁ ତାହା ଭିନ୍ନ କଥା । କିନ୍ତୁ ଦୁଇଟି ସେସନରେ ଖେଳିପାରିଲେ ସେ ନିଜକୁ ସକ୍ଷମ କରାଇପାରିବେ । ଭାରତୀୟ ଦଳରେ ସେ ଟି୨୦ ମ୍ୟାଚ୍ ଖେଳୁଛନ୍ତି । ଆଗକୁ ଦିନିକିଆ ମଧ୍ୟ ଖେଳିବେ । ଏତେ ବ୍ୟସ୍ତ ଭିତରେ ମଧ୍ୟରେ ସେ ଘରୋଇ ମୁକାବିଲାରେ ଏକାଧିକ ସେସନ ଖେଳିବା ଦରକାର । ତାଙ୍କ ପାଖରେ କଳା ଏବଂ କୌଶଳ ରହିଛି । ଯଦି ଅନ୍ତର୍ଜାତୀୟ ମ୍ୟାଚରୁ ସମୟ ମିଳେ ତାହାଲେ ସେ ଘରୋଇ ମ୍ୟାଚରେ ଧ୍ୟାନ ଦିଅନ୍ତୁ ବୋଲି ପୂର୍ବତନ କୋଚ୍ ଦ୍ରାବିଡ କହିଛନ୍ତି । ସୂଚନାଯୋଗ୍ୟ, ବୈଭବଙ୍କୁ ଦ୍ରାବିଡ ଅତି ନିକଟରୁ ଦେଖିଛନ୍ତି । ସେ ରାଜସ୍ଥାନ ରୟାଲ୍ସର କୋଚ୍ ଥିବା ବେଳେ ବୈଭବଙ୍କୁ ସୁଯୋଗ ମିଳିଥିଲା । ୨୦୨୬ ଆଇପିଏଲରେ ସେ ୭୭୬ ରନ୍ ସଂଗ୍ରହ କରିଥିଲେ । ଶ୍ରୀଲଙ୍କା ଏ ବିପକ୍ଷରେ ୨୯ ବଲରୁ ୯୪ ରନ୍ ସଂଗ୍ରହ କରିଥିଲେ । ଗତ ଜୁଲାଇରେ ସେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ରେ ପଦାର୍ପଣ କରିଥିଲେ । କିନ୍ତୁ ଜିମ୍ବାୱେରେ ହିଁ ନିଜର ଅସଲି ବ୍ୟାଟିଂ ଦେଖାଇଥିଲେ । ଏହାସହ ତାଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ପୁରସ୍କାର ମିଳିଥିଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି